ବର୍ଷ-୨୫, ସଂଖ୍ୟା-୨୩
ଭୁବନେଶ୍ୱର
୨୩, ଜାନୁଆରୀ, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 23
Bhubaneswar
23 January, 2025, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



# ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ ଓ କୃଷିକ୍ଷେତ୍ର ପାଇଁ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ

**ଭୁବନେଶ୍ବର,୨୨।୧(ମହାଭାରତ):** ଆଜି ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ମୁଖ୍ୟମନ୍ତ୍ରୀ କ୍ୟାବିନେଟ ବୈଠକରେ ହୋଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମୋଟ ୯ଟି ବିଭାଗର ୧୦ ଟି ପ୍ରସ୍ତାବ ଆଗତ କରାଯାଇଥିଲା ଓ ସମସ୍ତ ପ୍ରସ୍ତାବ ଗୁଡ଼ିକ ଆଲୋଚନା ପରେ ଅନୁମୋଦନ କରାଯାଇଛି। ତନ୍ମଧ୍ୟରେ ଗୋଟିଏ ପ୍ରସ୍ତାବ ସପ୍ତଦଶ ଓଡ଼ିଶା ବିଧାନ ସଭାର ତୃତୀୟ ଅଧିବେଶନ ଆହୂତ ସମ୍ପର୍କିତ ଥିଲା। ଅନୁଷ୍ଠିତ ପ୍ରେସ ବିବୃତ୍ତି ସମୟରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସୂଚନା ଓ ଲୋକ ସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଉପସ୍ଥିତ ଥିଲେ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଲୋକସେବା ଭବନ ଠାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକର ଅଧ୍ୟକ୍ଷତା କରିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁର ପ୍ରଦାନ କରିଛି। ରାଜ୍ୟବାସୀଙ୍କ ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦେଇ ଏହି ନିଷ୍ପତ୍ତି ଗୁଡିକ ଗ୍ରହଣ କରାଯାଇଛି। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ (ଜିଏମଏପିରି) ଯୋଜନା ଅଧୀନରେ ଗୋଟିଏ ଗ୍ରାମ ପଂଚାୟତରେ ଗୋଟିଏ ଆଦର୍ଶ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଅର୍ଥାତ୍ ରାଜ୍ୟରେ ୬,୭୯୪ଟି ପ୍ରାଥମିକ ବିଦ୍ୟାଳୟର ଉନ୍ନତିକରଣ ଓ ସୁଦୃଢ଼ୀକରଣ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟରେ ଅନୁମୋଦନ ଦିଆଯାଇଛି। ସେ କହିଛନ୍ତି, ପୂର୍ବ ସରକାରରେ ୫-ଟି ନାଁରେ ରୂପାନ୍ତରୀକରଣ କରି ସ୍ମାର୍ଟ ସ୍କୁଲ ଯୋଜନା ଠିକ୍ ନଥିଲା। ଡିପିଆର ପ୍ରସ୍ତୁତ ହୋଇ ନଥିଲା କି ଏଷ୍ଟିମେଟ୍ ହୋଇ ନଥିଲା । ପିଲାମାନଙ୍କ ଭବିଷ୍ୟତ ପ୍ରତି ଖେଳା ଯାଇଥିଲା। ତେଣୁ ନୂଆ ସରକାର ପ୍ରତି ପଂଚାୟତରେ ଆଦର୍ଶ ବିଦ୍ୟାଳୟ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

୬,୭୯୪ଟି ମଡେଲ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ ନିମନ୍ତେ ସରକାରଙ୍କ ଉପରେ ୫ (ପାଂଚ) ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୪-୨୫ରୁ ୨୦୨୮-୨୯ ମଧ୍ୟରେ ୧୧,୯୩୯.୪୧ କୋଟି ଟଙ୍କା ଆର୍ଥିକ ବୋଝ ପଡ଼ିବ।

ରାଜ୍ୟବାସୀଙ୍କ ଆଶା ଆକାଂକ୍ଷା ପୂରଣ ସହ ଓଡ଼ିଶାର ସାମାଜିକ, ଆର୍ଥିକ ସ୍ଥିତିକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ। ରାଜ୍ୟ କ୍ୟାବିନେଟ୍‌ରେ ବିକଶିତ ଗାଁ ବିକଶିତ ଓଡ଼ିଶାକୁ ଅନୁମୋଦନ ଦିଆ।ଯାଇଛି



- ୯ ବିଭାଗର ୧୦ ପ୍ରସ୍ତାବକୁ ଅନୁମୋଦନ
- ପ୍ରତି ପଞ୍ଚାୟତରେ ମଡେଲ ପ୍ରାଥମିକ ବିଦ୍ୟାଳୟ
- ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରସ୍ତାବ
- ଶୀତଳ ଭଣ୍ଡାର ପାଇଁ ଆର୍ଥିକ ସହାୟତା
- ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ ସଂଶୋଧନ
- ସେମିକଣ୍ଡକ୍ଟର କାରଖାନାକୁ ମିଳିବ ପ୍ରୋତ୍ସାହନ

ଗାଁର ବିକାଶ ହେଲେ ଦେଶର ବିକାଶ ସମ୍ଭବ ହୋଇ ପାରିବ। ଏଥିପାଇଁ ବଜେଟରେ ଥିବା ବ୍ୟୟବରାଦକୁ ବୃଦ୍ଧି କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି ।

ଆବଶ୍ୟକତା ଭିତ୍ତିରେ ପାଂଚ ବର୍ଷର ସମ୍ଭାବ୍ୟ ପ୍ରକଳ୍ପ ତାଲିକା ଏବଂ ପ୍ରତ୍ୟେକ ଆର୍ଥିକ ବର୍ଷ ପାଇଁ ବାର୍ଷିକ କାର୍ଯ୍ୟ ଯୋଜନା ଗ୍ରାମ ସଭା ଦ୍ୱାରା ପ୍ରସ୍ତୁତ ହେବ ଏବଂ ଗ୍ରାମ ପଂଚାୟତ ଦ୍ୱାରା ବ୍ଲକକୁ ସୁପାରିଶ କରାଯିବ।ଏହି ଯୋଜନା ପାଇଁ ୫୦୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ୨୦୨୪- ୨୫ ଆର୍ଥିକ ବର୍ଷରେ ଏହି ଯୋଜନା ପାଇଁ ୧୦୦୦ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି।

ରାଜ୍ୟ ସରକାର ଓଡ଼ିଶାରେ ସେମିକଣ୍ଡକ୍ଟର କାରଖାନା ଲାଗି ପ୍ରୋତ୍ସାହନ ଦେବେ । ଓଡ଼ିଶାର ଭୁବନେଶ୍ୱରରେ ଭାରତର ପ୍ରଥମ ସିଲିକନ୍ କାର୍ବାଇଡ୍ (ଏସ୍. ଆଇ. ସି.) ସେମିକଣ୍ଡକ୍ଟର ଉତ୍ପାଦନ ସୁବିଧା ପ୍ରତିଷ୍ଠା କରିବା ଲାଗି ଆରଆଇଆର ପାୱାର ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ପାଇଁ ଏକ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ୟାକେଜ୍‌କୁ ଓଡ଼ିଶା କ୍ୟାବିନେଟ୍ ଅନୁମୋଦନ କରିଛି।ଏଥିରେ ମୋଟ ୬୧୮ କୋଟି ଟଙ୍କା ନିବେଶ କରାଯିବ ଏବଂ ଏହି ପ୍ରକଳ୍ପକୁ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯିବ। ଉତ୍ପାଦନ ସୁବିଧା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ ୭ ସେପ୍ଟେମ୍ବର, ୨୦୨୪ ରେ ଭୁବନେଶ୍ୱରର ଇନଫୋଭାଲିରେ ଇଲେକ୍ଟ୍ରୋନିକ୍ ମାନୁଫାକ୍ଚରିଂ କ୍ଲଷ୍ଟର (ଇଏମସି) ପାର୍କରେ ଅନୁଷ୍ଠିତ ହୋଇଥିଲା। ଏହି ସୁବିଧା ସି. ଆଇ. ସି. ଆଧାରିତ ଉପକରଣ, ବୈଦ୍ୟୁତିକ ଯାନ (ଇ. ଭି.), ଅକ୍ଷୟ ଶକ୍ତି, ରେଳବାଇ ଏବଂ ପ୍ରତିରକ୍ଷା ଉପରେ ଧ୍ୟାନ ଦେବ ଏବଂ ୭୫୦ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

ରାଜ୍ୟରେ ନୂତନ ଶୀତଳ ଭଣ୍ଡାର ପାଇଁ ସରକାର ପ୍ରୋତ୍ସାହନ ଯୋଗାଇ ଦେବେ ।

ଶୀତଳ ଭଣ୍ଡାର ପାଇଁ ଆର୍ଥିକ ସହାୟତା ନିମନ୍ତେ ପାଣ୍ଠି ବ୍ୟବସ୍ଥା ସମ୍ପର୍କିତ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟରେ ଅନୁମୋଦନ ଦିଆଯାଇଛି। ଅନୁସୂଚିତ ଜାତି ଜନଜାତି ବର୍ଗଙ୍କ ପାଇଁ ବିନିଯୋଗ ପୁଞ୍ଜିର ୬୦% ଛାଡ଼ କରାଯିବ । ଏପରିକି ସର୍ବାଧିକ ୬ କୋଟି ୫୦ ଲକ୍ଷ ପର୍ଯ୍ୟନ୍ତ ରିହାତି ଦିଆଯିବ ସାଧାରଣ ବର୍ଗଙ୍କୁ ମଧ୍ୟ ୫୦% ପର୍ଯ୍ୟନ୍ତ ସବସିଡି ପ୍ରଦାନ କରାଯିବ । ଶୀତଳ ଭଣ୍ଡାର ପାଇଁ ପ୍ରଥମ ଦିନରୁ ବିଜୁଳି ବିଲ୍‌ରେ ରିହାତି ଦିଆଯିବ।"ଶୀତଳ ଭଣ୍ଡାର ପାଇଁ ଆର୍ଥିକ ସହାୟତା' ଏହି ଯୋଜନା ରାଜ୍ୟର ୫୮ଟି ସବ-ଡିଭିଜନରେ ଅତି କମରେ ଗୋଟିଏ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଛି ।

ନିବେଶ କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବା ପାଇଁ ଆରଆଇଆର କମ୍ପାନିକୁ ରାଜ୍ୟରେ ନିବେଶ ପାଇଁ ସୁଯୋଗ ପ୍ରଦାନ କରାଯିବ, ଯାହାକି ଦେଶରେ ପ୍ରଥମ। ଏହି କମ୍ପାନୀକୁ ଇନ୍‌ସେନଟିଭ ବାବଦରେ ପୂର୍ବରୁ ସ୍ଥିରୀକୃତ ୩୦%କୁ ବୃଦ୍ଧି କରାଯାଇ ମୋଟ ୫୦% ପ୍ରଦାନ କରାଯିବ। ଏଥିସହ ୧୧୦ କୋଟିର ପ୍ରୋତ୍ସାହନ ରାଶି ଦ୍ୱାରା ରାଜ୍ୟ ନିବେଶ କ୍ଷେତ୍ର ଆହୁରି ସୁଦୃଢ଼ ଏବଂ ସମୃଦ୍ଧ ହେବ।ସ୍ୱାସ୍ଥ୍ୟ କ୍ଷେତ୍ରକୁ ଗୁରୁତ୍ୱ ଦେଇ ଓଡ଼ିଶା ଡାକ୍ତରୀ ଓ ସ୍ୱାସ୍ଥ୍ୟସେବା ନିୟମାବଳୀ-୨୦୧୭ର ସଂଶୋଧନକୁ ମଞ୍ଜୁର ପ୍ରଦାନ କରାଯାଇଛି। ନିଯୁକ୍ତି ସ୍ତରକୁ ୭ ରୁ ହ୍ରାସ କରି ୬ରେ ସୀମିତ ରଖିବା ସହ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦକ୍ଷ ମାନବ ସମ୍ବଳ ଯୋଗାଇଦେବା ନିମନ୍ତେ ୫ ହଜାର ଡାକ୍ତର ସହ ୧୨୬ ଦନ୍ତ ଚିକିତ୍ସକଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଛି।

ଓଡିଶାରେ ଉଚ୍ଚଶିକ୍ଷା ବ୍ୟବସ୍ଥା କୁ ଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ରାଜ୍ୟ କ୍ୟାବିନେଟ୍ ଓଡିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ ରେ ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ବିଶ୍ୱବିଦ୍ୟାଳୟଗୁଡ଼ିକରେ ଏକାଡେମିକ୍ ଉତ୍କର୍ଷ, ଗୁଣାତ୍ମକ ଗବେଷଣା ନିମନ୍ତେ ଏବଂ ଅଧିକ ରୁ ଅଧିକ ଛାତ୍ରଛାତ୍ରୀ ଉଚ୍ଚ ଶିକ୍ଷା ପ୍ରାପ୍ତି ଦିଗ ରେ ହେଉଥିବା ସମସ୍ୟା ର ସମାଧାନ କରିବାକୁ ଏହି ସଂଶୋଧନର ଲକ୍ଷ୍ୟ ରହିଛି ।

ଷୋଡଶ ଅର୍ଥ କମିଶନ ଫେବୃଆରୀ ମାସରେ ଆମ ରାଜ୍ୟକୁ ଗସ୍ତ କରିବେ । ଏହି ଗସ୍ତ ଅବସରରେ କମିଶନଙ୍କୁ ରାଜ୍ୟର ବିଭିନ୍ନ ପ୍ରସ୍ତାବ ସମ୍ବଳିତ ଗୋଟିଏ ମେମୋରାଣ୍ଡମ ପ୍ରଦାନ କରାଯିବ । ଆଜି ରାଜ୍ୟ କ୍ୟାବିନେଟ ଉକ୍ତ ମେମୋରାଣ୍ଡମକୁ ଅନୁମୋଦନ କରିଛନ୍ତି। ଏ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଫେବ୍ରୁଆରି ୫, ୬ ଓ ୭ରେ ଷୋଡ଼ଶ ଅର୍ଥ କମିଶନ ଓଡ଼ିଶା ଆସିବେ । ଅର୍ଥ କମିସନଙ୍କ ନିକଟରେ ଓଡ଼ିଶା ନିଜର ଦାବି ଉପସ୍ଥାପନ କରିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି। ୨୦୨୬ରୁ ୨୦୩୧ ବର୍ଷରେ ଉନ୍ନତିକରଣ କାର୍ଯ୍ୟ ଲାଗି ଅର୍ଥ କମିସନଙ୍କ ନିକଟରେ ଅର୍ଥ ଦାବି କରାଯିବ । ଓଡ଼ିଶା ପାଇଁ ୫ ବର୍ଷ ଲାଗି ୧୨ ଲକ୍ଷ ୫୬ ହଜାର ୧୪୮ କୋଟି ଟଙ୍କାର ଦାବି ରଖାଯିବ ବୋଲି ମୁଖ୍ୟମନ୍ତ୍ରୀ ।

# ଯାତ୍ରୀଙ୍କ ଉପରେ ମାଡ଼ିଗଲା ଏକ୍ସପ୍ରେସ : ୧୨ ମୃତ

**ମୁମ୍ବାଇ,୨୨।୧):** ଆଜି ଅପରାହ୍ନରେ ମହାରାଷ୍ଟ୍ର ଜଲଗାଁଓରେ ଏକ ବଡ଼ ଟ୍ରେନ୍ ଦୁର୍ଘଟଣା ଘଟିଛି। ଅଗ୍ନିକାଣ୍ଡ ଗୁଜବ ପରେ ଯାତ୍ରୀମାନେ ଭୟରେ ପୁଷ୍ପକ ଏକ୍ସପ୍ରେସରୁ ଡେଇଁ ପଡ଼ିଥିଲେ ଏବଂ ଅନ୍ୟ ଟ୍ରାକରେ ଆସୁଥିବା କର୍ଣ୍ଣାଟକ ଏକ୍ସପ୍ରେସ ସେମାନଙ୍କୁ ଚପି ଦେଇଥିଲା। ଏହି ଦୁର୍ଘଟଣାରେ ୧୨ ଜଣଙ୍କର ମୃତ୍ୟୁ ହୋଇଛି।

ଜଣେ ରେଳ ଅଧିକାରୀ କହିଛନ୍ତି, ଲକ୍ଷ୍ନୌରୁ ମୁମ୍ବାଇ ଯାଉଥିବା ପୁଷ୍ପକ ଏକ୍ସପ୍ରେସ ଜଲଗାଁଓ ଅତିକ୍ରମ କରୁଥିବା ବେଳେ ଗୋଟିଏ ବଗିରେ ନିଆଁ ଲାଗି ଯାଇଥିବା କଥା ପ୍ରଚାର କରାଯାଇଥିଲା। ନିଆଁ ଲାଗିବା କଥା ଶୁଣି ଲୋକଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଥିଲା। ଏଥିପାଇଁ କିଛି ଯାତ୍ରୀ ଟ୍ରେନକୁ ଅଟକାଇବା ପାଇଁ ଚେନ୍ ଭିଡ଼ି ଦେଇଥିଲେ। ଟ୍ରେନ ମଝି ଟ୍ରାକରେ ଅଟକି ଥିବା ବେଳେ କିଛି ଲୋକ ପାଖରେ ଥିବା ଟ୍ରାକକୁ ଡେଇଁ ପଡ଼ିଥିଲେ। ଡେଇଁବା ବେଳେ ସେମାନଙ୍କୁ ଜଣା ନଥିଲା ଯେ ବିପରୀତ ଦିଗରୁ ବେଙ୍ଗାଲୁରୁରୁ ଦିଲ୍ଲୀ ଯାଉଥିବା କର୍ଣ୍ଣାଟକା ଏକ୍ସପ୍ରେସ ଆସୁଛି। ସେମାନେ ଟ୍ରାକକୁ ଡେଇଁବା କ୍ଷଣି ସେମାନଙ୍କୁ କର୍ଣ୍ଣାଟକା ଏକ୍ସପ୍ରେସ ଧକ୍କା ଦେଇଥିଲା। ମୃତହାତଙ୍କ ସହାୟତା ପାଇଁ ସ୍ଥାନୀୟ ପୁଲିସ୍ ଓ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେହିପରି ଭୁସାବଲରୁ ଗୋଟିଏ ରିଲିଫ ଟ୍ରେନ ଘଟଣା ସ୍ଥଳରୁ ସହାୟତା ପାଇଁ ଯାଇଛି।ଘଟଣା



ସ୍ଥଳରେ ହିଁ ମେଡିକାଲ ସହାୟତା ଯୋଗାଇ ଦେବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ଅଧିକାରୀ ଜଣଙ୍କ କହିଛନ୍ତି। ସାମ୍ନାକୁ ଆସିଥିବା ଫଟୋ ଓ ଭିଡିଓରେ ଦେଖିବାକୁ ମିଳୁଛି ଯେ ମୃତାହତମାନେ ଟ୍ରାକରେ ପଡ଼ି ରହିଛନ୍ତି । ଜିନିଷପତ୍ର ସବୁ ଏଣେତେଣେ ପଡ଼ି ରହିଛି।କିଛି ଲୋକ ନିଜର ପ୍ରିୟଜନମାନଙ୍କୁ ହରାଇ କେବଳ ଚିତ୍କାର କରୁଛନ୍ତି।

ଏହି ଦୁର୍ଘଟଣାକୁ ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ମହାରାଷ୍ଟ୍ରର ଜଲଗାଁଓରେ ହୋଇଥିବା ଟ୍ରେନ୍ ଦୁର୍ଘଟଣା ଅତ୍ୟନ୍ତ ଦୁଃଖଦ। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସଙ୍କ ସହ କଥା ହୋଇ ଦୁର୍ଘଟଣା ବିଷୟରେ ସୂଚନା ପାଇଲି।ସ୍ଥାନୀୟ ପ୍ରଶାସନ ଆହତମାନଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେଉଛି। ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ପ୍ରତି ମୁଁ ଗଭୀର ସମବେଦନା ଜଣାଉଛି ଏବଂ ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରୁଛି।

ଜଲଗାଁଓରେ ହୋଇଥିବା ଦୁର୍ଘଟଣା ବିଷୟରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍ କହିଛନ୍ତି ଯେ ଜଲଗାଁଓ ଜିଲ୍ଲାର ପଚୋରା ନିକଟରେ ଦୁର୍ଭାଗ୍ୟଜନକ ଘଟଣାରେ କିଛି ଲୋକଙ୍କର ମୃତ୍ୟୁ ହୋଇଛି। ମୁଁ ତାଙ୍କୁ ମୋର ହୃଦୟରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଏଥିସହ ମୃତକଙ୍କ ପରିବାର ପିଛା ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି।

ମୋର ସହଯୋଗୀ ମନ୍ତ୍ରୀ ଗିରିଶ ମହାଜନ ଏବଂ ପୁଲିସ ଅଧୀକ୍ଷକ ଘଟଣାସ୍ଥଳରେ ପହଞ୍ଚିଛନ୍ତି ଏବଂ ଜିଲ୍ଲାପାଳ ମଧ୍ୟ ଖୁବ୍ ଶୀଘ୍ର ସେଠାରେ ପହଞ୍ଚିବେ ସମଗ୍ର ଜିଲ୍ଲା ପ୍ରଶାସନ ରେଳ ପ୍ରଶାସନ ସହିତ ସମନ୍ୱୟ ରଖି କାର୍ଯ୍ୟ କରୁଛି ଏବଂ ଆହତମାନଙ୍କ ଚିକିତ୍ସା ପାଇଁ ତୁରନ୍ତ ବ୍ୟବସ୍ଥା କରାଯାଉଛି ୮ଟି ଆମ୍ବୁଲାନ୍ସ ପଠାଯାଇଛି । ଆହତଙ୍କ ଚିକିତ୍ସା ପାଇଁ ଜେନେରାଲ ହସ୍ପିଟାଲ ସହିତ, ନିକଟସ୍ଥ ଅନ୍ୟାନ୍ୟ ଘରୋଇ ହସ୍ପିଟାଲଗୁଡ଼ିକୁ ମଧ୍ୟ ପ୍ରସ୍ତୁତ ରଖାଯାଇଛି ଗ୍ଲାସ୍ କଟର, ଫ୍ଲଡ୍ ଲାଇଟ୍ ଇତ୍ୟାଦି ଜରୁରୀକାଳୀନ ବ୍ୟବସ୍ଥାକୁ ମଧ୍ୟ ପ୍ରସ୍ତୁତ ରଖାଯାଇଛି। ଆମେ ସମଗ୍ର ପରିସ୍ଥିତି ଉପରେ ନଜର ରଖୁଛୁ ଏବଂ ତୁରନ୍ତ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦେଉଛୁ।

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ପ୍ରସ୍ତୁତି

**ଭୁବନେଶ୍ୱର, ୨୨।୧ (ମହାଭାରତ):** ଆସନ୍ତା ୨୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୁବନେଶ୍ୱର ଜନତା ମୈଦାନ ଠାରେ ଆୟୋଜିତ ଉତ୍କର୍ଷ ଓଡ଼ିଶା - ମେକ୍‌ଇନ୍ ଓଡ଼ିଶା କନକ୍ଲେଭ-୨୦୨୫ ରେ ଯୋଗଦେବାକୁ ଆସିବେ। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ କରିବାକୁ ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷ ଠାରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନିର୍ଭୁଲ ଓ ଶୃଙ୍ଖଳିତ ଭାବେ ପରିଚାଳନା ସହ ଆବଶ୍ୟକୀୟ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଆସନ୍ତା ୨୮ ତାରିଖ ସକାଳ ୮.୩୫ ମିନିଟ୍ ସମୟରେ ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀରୁ ବାୟୁସେବା ବିମାନ ଯୋଗେ ଆସି ପୂର୍ବାହ୍ନ ୧୦.୩୫ ମିନିଟ୍‌ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚି ପୂର୍ବାହ୍ନ ୧୦.୫୫ରେ ଜନତା ମୈଦାନରେ ପହଞ୍ଚିବେ। ୧୧.୦୦ରୁ ୧୨.୩୦ ପର୍ଯ୍ୟନ୍ତ ଉତ୍କର୍ଷ ଓଡ଼ିଶା-ମେକ୍‌ଇନ୍ ଓଡ଼ିଶା କନକ୍ଲେଭ କାର୍ଯ୍ୟକ୍ରମରେ ଯୋଗଦାନ କରିବେ। ଏହା ପରେ ଅପରାହ୍ନ ୧୨.୫୫ ମିନିଟ୍ ରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ବିମାନ ବନ୍ଦରରୁ ଉତ୍ତରାଖଣ୍ଡ ଅଭିମୁଖେ ଯାତ୍ରା କରିବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରିପ୍ରେକ୍ଷୀରେ କାର୍ଯ୍ୟକ୍ରମ ସ୍ଥଳ ଓ ତାଙ୍କର ଯିବା ଆସିବା ପଥରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯିବା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। କମିଶନରରେଟ ପୁଲିସ ତରଫରୁ ଭୁବନେଶ୍ୱର ସହରରେ ସୁରକ୍ଷା କଡାକଡି କରାଯିବା ସହ ପ୍ରଧାନମନ୍ତ୍ରୀଙ୍କ ପାଇଁ କାରକେଡ ବ୍ୟବସ୍ଥା ଏବଂ ବିମାନର ସୁରକ୍ଷା ବ୍ୟବସ୍ଥା ପାଇଁ କଡା ନଜର ରଖାଯିବ।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟଶାସନ ସଚିବ ଗୃହ (ସ୍ୱରାଷ୍ଟ୍ର) ବିଭାଗ ସତ୍ୟବ୍ରତ ସାହୁ, ଅଗ୍ନିଶମ ସେବା ପୁଲିସ ମହା ନିର୍ଦ୍ଦେଶକ ଡଃ.ସୁଧାଂଶୁଷଡଙ୍ଗୀଙ୍କ ସମେତଶିଳ୍ପ, ପୂର୍ତ୍ତ, ବାଣିଜ୍ୟ ଓ ପରିବହନ ତଥା ନଗର ଉନ୍ନୟନ ବିଭାଗ, ସୂଚନା ଓ ଲୋକ ସମ୍ପର୍କ ଆଦି ସଂପୃକ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ,ଇଡକୋର ପରିଚାଳନା ନିର୍ଦ୍ଦେଶକ,ଜିଲ୍ଲାପାଳ ପ୍ରମୁଖ ଯୋଗ ଦେଇଥିଲେ।

# ଗଠନ ହେଲା ଷଷ୍ଠ ରାଜ୍ୟ ଅର୍ଥ ଆୟୋଗ

**ଭୁବନେଶ୍ବର,୨୨।୧(ମହାଭାରତ):** ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଅରୁଣ କୁମାର ପଣ୍ଡାଙ୍କୁ ଅଧ୍ୟକ୍ଷ ଭାବେ ନିଯୁକ୍ତ କରି ଓଡ଼ିଶା ସରକାର ଷଷ୍ଠ ରାଜ୍ୟ ଅର୍ଥ ଆୟୋଗ ଗଠନ କରିଛନ୍ତି। ଆୟୋଗର ଅନ୍ୟ ସଦସ୍ୟମାନେ ହେଉଛନ୍ତି ଏକ୍ସଆଇଏମବିର ପ୍ରଫେସର ଅସିତ ରଞ୍ଜନ ମହାନ୍ତି, ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ପ୍ରଫେସର ଅମରଶ ସାମନ୍ତରାୟ ଏବଂ ଟିଆଇଏସଏସର ପ୍ରଫେସର ଡକ୍ଟର ବିଭୂ ପ୍ରସାଦ ନାୟକଅର୍ଥ ବିଭାଗର ଅତିରିକ୍ତ ସଚିବ ଡ.ସତ୍ୟପ୍ରିୟ ରଥଙ୍କୁ ସଦସ୍ୟ ସଚିବ ଭାବେ ନିଯୁକ୍ତି ଦିଆଯାଇଛି।ସଦସ୍ୟ ସଚିବଙ୍କ ସମେତ ଆୟୋଗର ଚେୟାରମ୍ୟାନ୍ ତଥା ଅନ୍ୟ ସଦସ୍ୟମାନେ ବିଜ୍ଞପ୍ତି ପ୍ରକାଶ ପାଇବା ଦିନଠାରୁ ୬ମାସ ପର୍ଯ୍ୟନ୍ତ କାର୍ଯ୍ୟ କରିବେ। ସଦସ୍ୟ ସଚିବଙ୍କ ବ୍ୟତୀତ ଚେୟାରମ୍ୟାନ୍ ଏବଂ ଅନ୍ୟ ସଦସ୍ୟମାନେ ଆୟୋଗକୁ ପୂରା ସମୟ କିମ୍ବା ପାର୍ଟ ଟାଇମ୍ ସେବା ପ୍ରଦାନ କରିବେ। ସଦସ୍ୟ ସଚିବ ନିଜ କର୍ତ୍ତବ୍ୟ ବ୍ୟତୀତ ଆୟୋଗକୁ ପୂର୍ଣ୍ଣକାଳୀନ ସେବା ପ୍ରଦାନ କରିବେ।

# ୧୭ ପ୍ରକଳ୍ପକୁ ସିଙ୍ଗଲ୍ ୱିଣ୍ଡୋ ମଞ୍ଜୁରୀ

ଭୁବନେଶ୍ୱର,୨୨।୧(ମହାଭାରତ): ଉତ୍କର୍ଷ ଓଡ଼ିଶା ୨୦୨୫ କନକ୍ଲେଭ ପୂର୍ବରୁ ଶିଳ୍ପ ଉତ୍କର୍ଷତା ବୃଦ୍ଧି କରିବା ପାଇଁ ରାଜ୍ୟ ସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ଆଜି ୩,୮୮୩.୭୨ କୋଟି ମୂଲ୍ୟର ୧୭ ନିବେଶ ପ୍ରସ୍ତାବକୁ ଅନୁମୋଦନ କରିଛି।

ମୁଖ୍ୟ ଶାସନ ସଚିବ ମନୋଜ ଅହୁଜାଙ୍କ ଅଧ୍ୟକ୍ଷତାରେ ୧୩୪ତମ




ବୈଠକରେ ୧୫ଟି କ୍ଷେତ୍ର ଇସ୍ପାତ, ଲୁହା ଏବଂ ଫେରୋ ଆଲୋଇସ୍, ଶକ୍ତି ଏବଂ ନବୀକରଣ ଯୋଗ୍ୟ ଶକ୍ତି, ଫାର୍ମାସ୍ୟୁଟିକାଲ୍ସ, କେମିକାଲ୍ସ, ଗ୍ରୀନ୍ ହାଇଡ୍ରୋଜେନ୍, ପରିବହନ, ସଂରକ୍ଷଣ, ବାୟୋ ଇନ୍ଧନ / ବାୟୋ ସାର, ଇଏସଏଡିଏମ, ପର୍ଯ୍ୟଟନ, ସବୁଜ ଶକ୍ତି ଉପକରଣ, ଏବଂ ପେଟ୍ରୋଲିୟମ ଓ ପେଟ୍ରୋକେମିକାଲ୍ସକୁ ମଞ୍ଜୁରୀ ମିଳିଛି। ସରକାରୀ ସୂତ୍ରରୁ ପ୍ରକାଶ ଯେ, ପୁଞ୍ଜି ବିନିଯୋଗ ପ୍ରସ୍ତାବଗୁଡ଼ିକ ୧୨,୨୮୦ରୁ ଅଧିକ ନିଯୁକ୍ତି ସୃଷ୍ଟି କରିବ, ଯାହା ଓଡ଼ିଶାର ଯୁବକମାନଙ୍କ ପାଇଁ ରୋଜଗାରର ସୁଯୋଗକୁ ଏକ ବଳ ଦେବ।ଏହି ପ୍ରକଳ୍ପଗୁଡିକ ସମ୍ବଲପୁର, ରାୟାଗଡା, ଗଞ୍ଜାମ, ଯାଜପୁର, ଅନୁଗୁଳ, ଖୋର୍ଧା, ଢେଙ୍କାନାଳ ଏବଂ ଝାରସୁଗୁଡା ଜିଲ୍ଲାରେ ଶିଳ୍ପ ଭିତ୍ତିଭୂମିକୁ ଆହୁରି ମଜବୁତ କରିବ । ଉତ୍ସଗୁଡିକ ଓଡିଶା ସରକାରଙ୍କ ସକ୍ରିୟ ପଦକ୍ଷେପ ଏବଂ ସ୍ଥାୟୀ ବିକାଶ ଉପରେ ରଣନୀତିକ ଧ୍ୟାନ ଯୋଗ କରି ଏକ ସମର ଓଡ଼ିଶା ସୃଷ୍ଟି କରିବାରେ ଉତ୍ସର୍ଗୀକୃତ ହୋଇଛି ଯାହା ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ହେବାର ଭାରତର ଦୃଷ୍ଟିକୋଣରେ ବିଶେଷ ଅବଦାନ ରହିଛି।

# ନେତାଜୀଙ୍କ ମୃତ୍ୟୁ ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି

କଟକ,୨୨।୧(ମହାଭାରତ): ନେତାଜୀଙ୍କ ମୃତ୍ୟୁ ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି ମାମଲାକୁ ଗ୍ରହଣ କରି ପ୍ରତିପକ୍ଷଙ୍କୁ ନୋଟିସ କଲେ ହାଇକୋର୍ଟ ପିନାକପାଣି ମହାନ୍ତିଙ୍କ ତରଫରୁ ଦାୟର ହୋଇଥିବା ମାମଲାର ବିଚାର କରି କୋର୍ଟ ପ୍ରତିପକ୍ଷଙ୍କୁ ନୋଟିସ କରିଛନ୍ତି। ପିନାକପାଣି, ମନୋଜ ମୁଖାର୍ଜୀ କମିଶନଙ୍କ ରିପୋର୍ଟକୁ ସରକାରୀ ସ୍ତରରେ ଗ୍ରହଣୀୟ ପାଇଁ ଆବେଦନ କରିଛନ୍ତି। ଏହା ସହ ୨୩ ଜାନୁଆରୀକୁ ଜାତୀୟ ଦିବସ ଭାବେ ଘୋଷଣା କରିବା, ନେତାଜୀଙ୍କୁ ଜାତୀୟ ପୁତ୍ର ଭାବେ ସରକାରୀ ସ୍ତରରେ ଘୋଷଣା, ନେତାଜୀଙ୍କ କଟକ ଜନ୍ମସ୍ଥାନକୁ ଜାତୀୟ ସଂଗ୍ରହାଳୟ ଘୋଷଣା ପାଇଁ ମଧ୍ୟ ଆବେଦନକାରୀ ଆବେଦନରେ ଦର୍ଶାଇଛନ୍ତି ।ତେବେ ମାମଲାରେ ପରବର୍ତ୍ତୀ ଶୁଣାଣି ଫେବ୍ରୁଆରୀ ୧୨ରେ ହେବ। ସୂଚନାଥାଉକି, ଭାରତରେ ନେତାଜୀଙ୍କ ମୃତ୍ୟୁର ରହସ୍ୟ ଜାଣିବା ପାଇଁ ୦୩ଟି କମିଶନ ଗଠନ କରାଯାଇଥିଲା।

# ବାଂଲାଦେଶରୁ ଓଡ଼ିଶାକୁ ଯୁବତୀ ଚାଲାଣରେ ପଶ୍ଚିମବଙ୍ଗ ଲିଙ୍କ୍

**କଟକ, ୨୨।୧(ମହାଭାରତ) :** ବାଂଲାଦେଶରୁ ଓଡ଼ିଶାକୁ ଯୁବତୀ ଚାଲାଣ ମାମଲାରେ ପଶ୍ଚିମବଙ୍ଗ ଲିଙ୍କ୍ ନେଇ ଦୁଇ ବଙ୍ଗୀୟ ଯୁବକ ଏବେ ପୁଲିସ ସ୍କାନରରେ ଅଛନ୍ତି। ସେପଟେ ଆଶ୍ରୟ ଗୃହରେ ଥିବା ଉଦ୍ଧାର ନାବାଳିକାକୁ ବାଂଲାଦେଶକୁ ପଠାଇବାକୁ ଯୋଗାଯୋଗ ଚାଲିଛି।ବାଂଲାଦେଶରୁ ଯୁବତୀ ଚାଲାଣ ମାମଲାରେ ପୂର୍ବରୁ ୪ ଜଣ ଗିରଫ ହୋଇଥିବା ବେଳେ ଗତକାଲି ମାଷ୍ଟର ମାଇଣ୍ଡ ଗୋପୀ ସହ ଆଉ ଜଣଙ୍କୁ ଗିରଫ କରିଛି ପୁଲିସ। ଯୁବତୀ ଚାଲାଣରେ ପଶ୍ଚିମବଙ୍ଗ ଲିଙ୍କ୍ ଥିବା ପୁଲିସକୁ ସୁରାକ୍ ମିଳିଛି। ଦୁଇ ବଙ୍ଗୀୟ ଯୁବକ ପୁଲିସ ସ୍କାନରରେ ଅଛନ୍ତି। ଗତକାଲି ପୋଲିସ ଗିରଫ ହୋଇଥିବା ଦୁଇଜଣଙ୍କ ନାଁରେ ପୂର୍ବରୁ ଏକାଧିକ ମାମଲା ଥିବା କଟକ ଡିସିପି କହିଛନ୍ତି। ସେପଟେ ଉଦ୍ଧାର ବାଂଲାଦେଶୀ ନାବାଳିକାଙ୍କୁ ନିଜ ଦେଶକୁ ଫେରାଇବା ପ୍ରକ୍ରିୟା ଆରମ୍ଭ ହୋଇଛି। ଆଶ୍ରୟ ଗୃହରେ ଥିବା ଏହି ନାବାଳିକା ଘରକୁ ଫେରିବା ବାଟକୁ ଚାହିଁ ରହିଛନ୍ତି।

# ପ୍ରେମ ପାଇଁ ଫସିଗଲା ଦୁର୍ଦ୍ଧାନ୍ତ ମାଓବାଦୀ ଚଲପତି

ଭୁବବନେଶ୍ୱର,୨୨।୧(ମହାଭାରତ): ମାଓ କାର୍ଯ୍ୟକଳାପକୁ ନେଇ ଯେତିକି ଚର୍ଚ୍ଚାରେ ଥିଲା ଚଲପତି, ସେତିକି ଚର୍ଚ୍ଚା ତାର ପ୍ରେମକାହାଣୀକୁ ନେଇ ମଧ୍ୟ କରାଯାଉଥିଲା। ନିଜ ଠାରୁ ୨୦ ବର୍ଷ ସାନ ମାଓ କମାଣ୍ଡର ଅରୁଣା ପ୍ରେମରେ ପଡିଥିଲା ଚଲପତି। ଆଉ ତାକୁ ବାହା ହୋଇ ମାଓ କାଡରରୁ ବର୍ଷକ ପାଇଁ ନିଲମ୍ବିତ ମଧ୍ୟ ହୋଇଥିଲା।

ଚଲପତି କେବଳ ଏହି ନାଁ ପୋଲିସ ଓ ଯବାନଙ୍କ ପାଇଁ ପାଲଟିଥିଲା ଦୁଃସ୍ୱପ୍ନ ୩୦ ବର୍ଷରୁ ଅଧିକ ସମୟ ଧରି ସୁରକ୍ଷାକର୍ମୀଙ୍କ ହଜାଇଥିଲା ରାତିର ନିଦ। ବଡ଼ ବଡ଼ ମାଓ ଆକ୍ରମଣ, ଅସ୍ତ୍ରାଗାର ଲୁଟ, ହାଇପ୍ରୋଫାଇଲ ଅପହରଣ ପଛରେ ଥିଲା କୁଖ୍ୟାତ ମାଓବାଦୀ ଚଲପତି। ମାତ୍ର କେହି ଜାଣିନଥିଲେ ଚଲପତି କିଏ ସେ ଦେଖିବାକୁ କେମିତି। ବର୍ଷ ବର୍ଷ ଧରି ସୁରକ୍ଷା ଏଜେନ୍ସି ପାଇଁ ମିଷ୍ଟ୍ରୀ ଥିଲା ଚଲପତି। କେହି ତାକୁ ଦେଖି ନଥିଲେ, କେହି ତା ବିଷୟରେ କିଛି ବି ଜାଣି ନଥିଲେ । କେବଳ ଗୋଟେ ଛଦ୍ମ ନାମ ଚଲପତି ।

ମାଓବାଦୀଙ୍କ କେନ୍ଦ୍ରୀୟ କମିଟିର ବଡ଼ ନେତା ଥିଲା ଚଲପତି। ଗରିଲା ଯୁଦ୍ଧରେ ଥିଲା ସିଦ୍ଧହସ୍ତ। ଆମ୍ବୁସ୍ କରି ସୁରକ୍ଷାକର୍ମୀଙ୍କ ଉପରେ ଆକ୍ରମଣ କରିବାରେ ଥିଲା ମାହିର। ସେଥିପାଇଁ ତ ଭିନ୍ନ ଭିନ୍ନ ସମୟରେ ତାକୁ ବଡ଼ ବଡ଼ ଅପରେସନ୍ ସମ୍ଭାଳିବାକୁ ଦେଉଥିଲେ। ହେଲେ ତାଙ୍କ ପାଇଁ ପ୍ରେମକରିବା ପଡିଲା ମହଙ୍ଗା। ଚଲପତି ନିଜ ଠାରୁ ୨୦ ବର୍ଷ ସାନ ମାଓ ନେତ୍ରୀ ଅରୁଣାଙ୍କ ପ୍ରେମର ପଡିଥିଲେ। ଏହି ଘଟଣାକୁ ନେଇ ଆନ୍ଧ୍ର ଓ ଛତିଶଗଡ ମାଓ କମାଣ୍ଡର ଦୁଇ ଭାଗ ହୋଇଗଲେ।ଅରୁଣାଙ୍କୁ ବିବାହ କରିବାରୁ ଏକ ବର୍ଷ ପାଇଁ ସଙ୍ଗଠନରୁ ନିଲମ୍ବିତ ହୋଇଥିଲେ ଚଲପତି ।



ସ୍ତ୍ରୀ ସହ ଗୋଟିଏ ସେଲଫି ଶେଷରେ ହେଲା କାଳ।

ଚଲପତି ଓରଫ ରାମଚନ୍ଦ୍ର ରେଡ୍ଡୀ ଆଉ ତାଙ୍କ ପତ୍ନୀ ଅରୁଣା ଓରଫ ଚୈତନ୍ୟା ଭେଙ୍କଟ ରବି କୋରାପୁଟ୍ ଶ୍ରିକାକୁଲମ୍ ଡିଭିଜନ୍ କମିଟି ଡେପୁଟୀ କମାଣ୍ଡର ଦାୟିତ୍ୱରେ ଥିଲେ। ୨୦୧୬ରେ ପ୍ରଥମଥର ପୋଲିସ ହାତରେ ଲାଗିଥିଲା ଚଲପତି ଓ ତା ସ୍ତ୍ରୀର ଫଟୋ। ଆନ୍ଧ୍ରପ୍ରଦେଶରେ ମାଓ-ସୁରକ୍ଷାକର୍ମୀ ଗୁଳିବିନିମୟରେ ପୋଲିସ ହାତରେ ଲାଗିଥିଲା ଏକ ସ୍ମାର୍ଟଫୋନ୍‌ଅରୁଣାର ଭାଇ ଆଜାଦର ସ୍ମାର୍ଟଫୋନ୍ ଓ ଲାପଟପ୍ ହସ୍ତଗତ କରିଥିଲା ପୋଲିସ ।ସ୍ମାର୍ଟଫୋନ୍‌ରୁ ମିଳିଥିଲା ଚଲପତି ଓ ପତ୍ନୀ ଅରୁଣାର ଏକ ସେଲଫି ।ପ୍ରଥମଥର ପାଇଁ ସାମ୍ନାକୁ ଆସିଥିଲା ଚଲପତିର ଚେହେରା ସାମ୍ନାକୁ ଆସିଥିଲା। ଚଲପତିର ଗୋଟିଏ ପରେ ଗୋଟିଏ ଜଘନ୍ୟକାଣ୍ଡର ପୂରା ତଥ୍ୟ ୨୦୧୬ରୁ ୨୦୨୫ ପାଖାପାଖି ୧୦ ବର୍ଷ ଲାଗିଗଲା ଚଲପତିକୁ ନିପାତ କରିବା ପାଇଁ ।ଅଧିକାଂଶ ହାଇପ୍ରୋଫାଇଲ ଆଟାକ୍ ପଛରେ ମାଷ୍ଟର ମାଇଣ୍ଡ ରହିଥିଲା ଚଲପତି। ୨୦୦୮ ନୟାଗଡ଼ ଅସ୍ତ୍ରାଗାର ଲୁଟ୍‌ର ମାଷ୍ଟରମାଇଣ୍ଡ ଥିଲା। ଯେଉଁଥିରେ ୧୩ ପୋଲିସଙ୍କୁ କରାଯାଇଥିଲା ହତ୍ୟା ବଡ଼ କଥା ହେଉଛି, ପୋଲିସ କବଳରୁ ବର୍ତ୍ତିବା ପାଇଁ ଅସ୍ତ୍ରାଗାର ଲୁଟ୍ କରି ଫେରାର ହେବା ବାଟରେ ବଡ଼ ବଡ଼ କାଠ ଗଣ୍ଡ ବିଛାଇଥିଲା ।ଆଉ ଯେଉଁଥି ପାଇଁ ପୋଲିସକୁ ପିଛା କରିବା ହୋଇଥିଲା କଷ୍ଟ ଏଭଳି ସବୁ ଷଡ଼ଯନ୍ତ୍ରର ମାଷ୍ଟରମାଇଣ୍ଡ ଯବାନଙ୍କ ଗୁଳିରେ ନିପାତ ହୋଇଛି।

## ମୁଗଡାଲି କଟ୍‌ଲେଟ୍

ଆବଶ୍ୟକ ସାମଗ୍ରୀ: ମୁଗ ଡାଲି,ସିଝା ଆଳୁ, ବ୍ରେଡ କ୍ରମ୍, କଟା ଧନିଆପତ୍ର, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ,ଗରମ ମସଲା, ହେଙ୍ଗୁ, କଟା ଅଦା କଞ୍ଚାଲଙ୍କା, ସ୍ୱାଦ ଅନୁସାରେ ଲୁଣ ଓ ତେଲ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗୋଟିଏ ପାତ୍ରରେ ସିଝା ଆଳୁ, ମୁଗ ଡାଲି, ଲଙ୍କା ଗୁଣ୍ଡ, ଲୁଣ ଗରମ ମସଲା,କଟା ଅଦା, ଧନିଆ ପତ୍ର ,ଧନିଆ ପାଉଡର, ହେଙ୍ଗୁ ଓ କଟା କଞ୍ଚା ଲଙ୍କା ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ଏହି ମିଶ୍ରଣକୁ ଗୋଲ ଗୋଲ କରି ବ୍ରେଡ କ୍ରମ୍ସରେ ଏପଟ ସେପଟ କରି ରଖନ୍ତୁ । ଏବେ ଏକ କଡେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଗଲା ପରେ ମିଶ୍ରଣରୁ ପ୍ରସ୍ତୁତ କଟଲେଟ ଗୁଡିକୁ ଛାଣନ୍ତୁ । ଦୁଇପଟ ଲାଲ୍ ହୋଇଗଲେ ଏହାକୁ ପ୍ଲେଟକୁ କାଢିଦିଅନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା 'ମୁଗଡାଲି କଟଲେଟ୍' । ଏହାକୁ ପୋଦିନା ଚଟଣୀ କିମ୍ବା ସସ୍ ସହିତ ପରଷନ୍ତୁ ।



ଖବର

# ଜାନୁୟାରୀ ୩୧ରେ ମୁକ୍ତିଲାଭ କରିବ ଓଡ଼ିଆ ଚଳଚ୍ଚିତ୍ର 'ଆଞ୍ଜେଲ'



ଶୁଭମ ସିନେ ପ୍ରଡ଼କସନ ବ୍ୟାନରରେ ନିର୍ମିତ, ସଂଘମିତ୍ରା ବେହେରାଙ୍କ ପ୍ରଯୋଜିତ ସସ୍ପେନ୍ସ, ଥ୍ରିଲର ଭରା ଓଡ଼ିଆ ଚଳଚ୍ଚିତ୍ର ଆଞ୍ଜେଲ ର ଟିଜର ଏବଂ ମ୍ୟୁଜିକ୍ ରିଲିଜ୍ ହୋଇଛି । ଏହି ଅବସରରେ ପ୍ରଯୋଜିକା ସଂଘମିତ୍ରା ବେହେରା, ଲେଖକ ତଥା ନିର୍ଦ୍ଦେଶକ ଜିତେନ୍ଦ୍ରୀୟ ପ୍ରଧାନ, ସଙ୍ଗୀତ ନିର୍ଦ୍ଦେଶକ ଅଶେଷ ଦାସ, ପ୍ରଚାର ଓ ପ୍ରସାର ମୁଖ୍ୟ ପ୍ରଣୟ ଜେଠୀ, ଅଭିନେତା ପାର୍ଥସାରଥୀ, ପ୍ରସନଜିତ ମହାପାତ୍ର, ଅଭିନେତ୍ରୀ କାବ୍ୟା କିରଣ, ସାଇ ତ୍ରିଷା (ଶିଶୁ କଳାକାର), କଣ୍ଠଶିଳ୍ପୀ ଆଶୀଷ ପ୍ରଧାନ, ଚଳଚ୍ଚିତ୍ର ପ୍ରଯୋଜକ ଟୁଟୁ ନାୟକ, ରବୀନ୍ଦ୍ର ପଣ୍ଡା, ଅତୀଶ କୁମାର ରାଉତ, ତପନ ଦାଶ, ସ୍ମିତ ପଟ୍ଟନାୟକ, ଅଭିନେତା ସୁକାନ୍ତ ରଥଙ୍କ ସମେତ ବିଭିନ୍ନ ଗଣମାଧ୍ୟମ ବନ୍ଧୁଗଣ ଉପସ୍ଥିତ ଥିଲେ ।ଏବେ ଓଡ଼ିଆ ଫିଲ୍ମର ଧାରା ବଦଳିବା ସହିତ କାହାଣୀ ହିଁ ମୁଖ୍ୟ ନାୟକ ସାଜିଛି । ଅନେକ ବର୍ଷ ପରେ ଓଡ଼ିଆ ଫିଲ୍ମ ପ୍ରତି ଦର୍ଶକ ପ୍ରେକ୍ଷାଳୟ ମୁହାଁ ହୋଇଛନ୍ତି । ବିଗତ ଦିନରେ ଦର୍ଶକ ବିଭିନ୍ନ ମୌଳିକ କାହାଣୀ ଆଧାରିତ ଚଳଚ୍ଚିତ୍ରଗୁଡିକୁ ବେଶୀ ପସନ୍ଦ କରୁଥିବାରୁ ଓଲିଉଡ଼ର ସିନେ ନିର୍ମାତା ଠିକ୍ ସେଇଭଳି ରୁଚିର ସିନେମା ଗୋଟିଏ ପରେ ଗୋଟିଏ ନିର୍ମାଣ କରି ଚଳିଛନ୍ତି। ଆଞ୍ଜେଲ ନାଁ ରୁ କିଛି ନିଆରା ହେଇଥିବ ଏକଥା ଦର୍ଶକ ଅନୁମାନ କରିପାରୁଥିବେ ବୋଲି ନିର୍ମାତା କହିଛନ୍ତି ।ତେବେ ଆଞ୍ଜେଲର କାହାଣୀ ଏପରି; ଜଣେ ସାହସୀ ପୋଲିସ ଅଧିକାରୀ ସୂର୍ଯ୍ୟକାନ୍ତ ସାମନ୍ତରାୟଙ୍କ ୮ ବର୍ଷର ଝିଅକୁ ତାଙ୍କ ବାସଭବନରୁ ଅପହରଣ କରାଯାଇଛି ଏବଂ ବିଭାଗର ଖ୍ୟାତି କୁ ବଞ୍ଚାଇରଖିବା ପାଇଁ ୨୪ଘଣ୍ଟା ମଧ୍ୟରେ ମାଷ୍ଟରମାଇଣ୍ଡକୁ ଧରିବା ପୋଲିସ ବିଭାଗ ପାଇଁ ଏକ ବଡ ଚ୍ୟାଲେଞ୍ଜ ହୋଇଯାଇଛି । କିଏ କରିଛି ଏ ଅପହରଣ ଏବଂ କାହିଁକି କରିଛି ? ସୂର୍ଯ୍ୟକାନ୍ତ ମାଷ୍ଟରମାଇଣ୍ଡକୁ ଧରି ପାରିବେ ତ ? ସିନେମାରେ କାହାଣୀର ରହସ୍ୟ ଉନ୍ମୋଚିତ ହେବ ଆସନ୍ତା ନୂଆ ବର୍ଷ ଆରମ୍ଭରେ । ଏକ ସସପେନ୍ସ ଥ୍ରୀଲର ଏବଂ ମର୍ମସ୍ପର୍ଶୀ ଆକ୍ସନ୍ ଓଡିଆ ସିନେମା ଆଞ୍ଜେଲ ।ଚଳଚ୍ଚିତ୍ରର ଲେଖକ ଏବଂ ନିର୍ଦ୍ଦେଶକ ରହିଛନ୍ତି ଜିତେନ୍ଦ୍ରୀୟ ପ୍ରଧାନ । ମୁଖ୍ୟ ଅଭିନୟରେ ନାୟକ ପାର୍ଥସାରଥୀ ରାୟ, ନାୟିକା କାଭ୍ୟା କିରଣ ଏବଂ ପ୍ରସନଜିତ ମହାପାତ୍ର। ଅନ୍ୟାନ୍ୟ ଭୂମିକାରେ ଅମିତାଭ ପାତ୍ର, ଜିତେନ୍ଦ୍ରୀୟ ପ୍ରଧାନ, ସୃଜନ, ସୂର୍ଯ୍ୟକାନ୍ତ ଦଳେଇ, ଟୁକୁନ ଭଳି ଅନେକ କଳାକାର ଏହି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ବିଶେଷ ଭୂମିକାରେ ଶିଶୁ କଳାକାର ସାଇ ତ୍ରିଷା ଯିଏ କି ଆଞ୍ଜେଲ ଚରିତ୍ରରେ ଅଭିନୟ କରିଛନ୍ତି ।କାର୍ଯ୍ୟନିର୍ବାହୀ ପ୍ରଯୋଜକ ବିକାଶ ଚନ୍ଦ୍ର ପରିଡା, ଚିତ୍ରତୋଳନ ଦାୟିତ୍ୱରେ ଯୁଧିଷ୍ଠିର ବେହେରା ଓ ସମ୍ପାଦନାରେ ଭୀର କୁମାର ନନ୍ଦ । ପ୍ରଡ଼କସନ୍ ହେଡ୍ ସର୍ବେଶ୍ୱର ସୁତାର, ପ୍ରଡ଼କସନ୍ ଡିଜାଇନ୍ କରିଛନ୍ତି ଅଜୟ ସୁତାର, ସାଉଣ୍ଡ ଡିଜାଇନ୍ ଶକ୍ତି ସ୍ୱରୂପ ଦ୍ୱିବେଦୀ, କଷ୍ଟ୍ୟୁମ୍ସ ରବି, ଡ଼ି.ଆଇ ରାଜେଶ, ସଙ୍ଗୀତ ନିର୍ଦ୍ଦେଶନା ଏବଂ ପ୍ରଚ୍ଛଦପଟ ସଙ୍ଗୀତ ଅଶେଷ ଦାସ ଦେଇଥିବା ବେଳେ ପବ୍ଲିସିଟି ଡିଜାଇନ୍ କରିଛନ୍ତି ଏମ୍ ଫ୍ୟାକ୍ଟର । ଚଳଚ୍ଚିତ୍ରର ପ୍ରଚାର ଓ ପ୍ରସାର ଦାୟିତ୍ୱ ବହନ କରିଛନ୍ତି ମିଡ଼ିଆ ପ୍ଲାନରର କ୍ରିଏଟିଭ ହେଡ଼ ପ୍ରଣୟ ଜେଠୀ। ଶୁଭମ ପ୍ରଡ଼କସନ୍ ଓଡ଼ିଆ ଦର୍ଶକଙ୍କୁ ତା'ର ପ୍ରଥମ ଅର୍ଘ୍ୟ ଆସନ୍ତା ଜାନୁଆରୀ ୩୧ ତାରିଖରେ ସାରା ଓଡିଶାରେ ବଡ଼ ପରଦାରେ ଭେଟି ଦେବା ପାଇଁ ଘୋଷଣା କରିସାରିଛି ।

## ନିତ୍ୟସ୍ମରଣ ପାଇଁ ଶ୍ରୀଗଣେଶଙ୍କ ୧୪ଟି ନାମ



ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ଉପାସନା ସର୍ବଦା ଶୁଭଫଳଦାୟୀ

ହୋଇଥାଏ । ଭଗବାନ ଗଜାନନଙ୍କ ପୂଜା ସମସ୍ତ ବିଘ୍ନ ହରଣ କରିବା ସହ ମଣିଷ ଜୀବନକୁ ମଙ୍ଗଳମୟ କରି ଦେଇଥାଏ । ଅନ୍ୟପଟେ ଶ୍ରୀଗଣେଶଙ୍କର ନିୟମିତ ଉପାସନା ଦ୍ୱାରା ଭକ୍ତର ସମସ୍ତ ରିଷ୍ଟ ଖଣ୍ଡନ ହୁଏ । ତେବେ ପ୍ରଭୁ ଗଜାନନଙ୍କ ୧୪ ନାମ ନିତ୍ୟ ସ୍ମରଣ କଲେ ଭକ୍ତ ଅଶେଷ ସିଦ୍ଧି ପ୍ରାପ୍ତି କରିଥାଏ ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି । ଗଜାନନଙ୍କ ଏହି ୧୪ଟି ନାମ ହେଉଛି- ବିନାୟକ, ଗଜାନନ, ଗଣେଶ, ଲମ୍ବୋଦର, ଏକଦନ୍ତ, ବକ୍ରତୁଣ୍ଡ, ବିଘ୍ନରାଜ, ଭାଲଚନ୍ଦ୍ର, ଗଣାଧୀଷ, ବିକଟ, ହେରମ୍ବ, କୃଷ୍ଣପିଙ୍ଗାକ୍ଷ, ଆଖୁରଦ୍ଧ, ଗୌରୀପୁତ୍ର । ଯେଉଁବ୍ୟକ୍ତି ପ୍ରତିଦିନ ଏହି ନାମଗୁଡ଼ିକୁ ଉଚ୍ଚାରଣ କରି ଶ୍ରୀଗଣେଶଙ୍କ ପୂଜା କରିଥାଏ, ତା' ଜୀବନରେ ସମସ୍ତ ଦୁଃଖ କଷ୍ଟ ଦୂର ହେବା ସହ ସେ ସୁଖସମୃଦ୍ଧି ଲାଭ କରିଥାଏ ।

# ଲେମ୍ବୁ ଜୁସ୍ ପିଇଲେ ବଢ଼ିବ ରୋଗ ପ୍ରତିରୋଧକ ଶକ୍ତି

ଲେମ୍ବୁରେ ବହୁ ଔଷଧୀୟ ଗୁଣ ରହିଛି। ମଣିଷ ଶରୀରରେ ଜଳୀୟ ଅଂଶ ବୃଦ୍ଧିରେ ଲେମ୍ବୁ ପାଣି ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ। ଆମେ କେଉଁ କାଳରୁ ଏହି ଉପାୟକୁ ପ୍ରୟୋଗ କରି ଆସୁଛୁ। ଘରେ ଘରେ ପରିଚିତ ଏହି ଲେମ୍ବୁ ପାଣି ଏବେ କରୋନା ବିରୋଧୀ ଲଢେଇରେ ଗେମ ଚେଞ୍ଜର ସାବ୍ୟସ୍ତ ହେଉଛି। ବିଶେଷଜ୍ଞଙ୍କ ମତରେ ପ୍ରତିଦିନ ସକାଳେ ଉଷୁମ୍ ପାଣିରେ ଲେମ୍ବୁ ଓ ଲୁଣ ମିଶାଇ ପିଇଲେ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇଥାଏ। ଯାହା ମହାମାରୀ କରୋନାକୁ ମାତ୍ ଦେବାରେ ସକ୍ଷମ ହୋଇଥାଏ। ସମଗ୍ର ବିଶ୍ୱ କରୋନା ମାୟା ଜାଲରେ



ଛନ୍ଦି ହୋଇ ପଡ଼ିଥିବା ବେଳେ ଲେମ୍ବୁ ପାଣିର ଉପକାରୀତା ସମ୍ପର୍କରେ ନୋଏଡା ସ୍ଥିତ ଫୋରର୍ଟିସ ହସ୍ପିଟାଲର ମୁଖ୍ୟ ଡାକ୍ତର ନମୀତା ନାଦାର ଏହି ସୂଚନା ଦେଇଛନ୍ତି। ତାଙ୍କ ମତରେ ପ୍ରତିଦିନ ସକାଳେ ଉଷୁମ୍ ପାଣିରେ ଲେମ୍ବୁ ଓ ଲୁଣ ମିଶାଇ ପିଇଲେ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇଥାଏ। ଯାହା ଯେକୌଣସି ବିଦେଶୀ ଭୂତାଣୁ ବିରୋଧରେ ଲଢ଼େଇ କରିବାକୁ ସକ୍ଷମ।

କେମିତି ପ୍ରସ୍ତୁତ କରିବେ ଲେମ୍ବୁ ସର୍ବତ:ପ୍ରଥମେ ଗୋଟିଏ ଗ୍ଲାସ ଉଷୁମ ପାଣିରେ ଏକରୁ ଦୁଇ ଋମଚ ଲେମ୍ବୁ ରସ ମିଶାଇବେ। ପରେ ସେଥିରେ ଗୋଟିଏ ଋମଚର ଏକ ଚତୁର୍ଥାଂଶ ସମୁଦ୍ର ଲୁଣ ମିଶାଇବେ। ଦିନକୁ ଦୁଇ ଥର ଏହି ପାଣି ପିଇଲେ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇବ। ଲେମ୍ବୁ ପାଣି ଶରୀରକୁ ଭିଟାମିନ୍ ସି ଯୋଗାଇଥାଏ। ଡାକ୍ତର ନମୀତା ନାଦାରଙ୍କ କହିବା ଅନୁସାରେ ଲେମ୍ବୁ ପାଣି ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରିଥାଏ। ଏହା ଥଣ୍ଡା ଓ ବିଭିନ୍ନ ଭାଇରାଲ୍ ଜ୍ୱର ବିରୋଧରେ ଲଢ଼େଇ କରିଥାଏ। ଲେମ୍ବୁରେ ଭିଟାମିନ୍-ସି ଓ ଆଣ୍ଟିଅକ୍ସିଡେଣ୍ଟ ରହିଛି, ଯାହା ଶରୀର ପାଇଁ ବହୁ ଉପକାରୀ। ଯଦି ନିୟମିତ ଭାବରେ ଲେମ୍ବୁ ଖାଉଥିବା ଓ ଲେମ୍ବୁ ପାଣି ପିଉଥିବେ, ତା'ହେଲେ ଜଣେ ବ୍ୟକ୍ତିର ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଏହା ହୃଦରୋଗ ସମସ୍ୟାକୁ ବି ହ୍ରାସ କରିଥାଏ। କିଡନୀ ଷ୍ଟୋନ୍ ବିରୋଧୀ ଲଢ଼େଇରେ ଲେମ୍ବୁ ପାଣି ସଞ୍ଜିବନୀ ସାବ୍ୟସ୍ତ ହୋଇଥାଏ। ଆପଣ ଏହି ଲେମ୍ବୁ ପାଣିକୁ ସକାଳେ ପିଇ ପାରିବେ। ସେହିପରି ଏହାକୁ ଗ୍ରୀନ ଟି' ଆକାରରେ ଦିନରେ ଯେତେବେଳେ ଇଚ୍ଛା। ସେତେବେଳେ ମଧ ପିଇ ପାରିବେ ବୋଲି ଡାକ୍ତର କହିଛନ୍ତି।

# ଶନିଙ୍କ ସାଢେସାତି ପ୍ରକୋପରୁ ବଂଚିବା ପାଇଁ କରନ୍ତୁ ଏହି ଉପାୟ





ଜ୍ୟୋତିଷଶାସ୍ତ୍ରରେ କୁହାଯାଇଛି ଯେ ଗ୍ରହମାନଙ୍କ ପ୍ରଭାବ ମାନବ ଜୀବନ ଉପରେ ପଡିଥାଏ। ମାନବ ଜୀବନରେ ଶନି ଗ୍ରହଙ୍କ ପ୍ରଭାବ ଗମ୍ଭୀର ଭାବରେ ପଡିଥାଏ। ଶନିଙ୍କୁ ନ୍ୟାୟ ଦେବତା ବୋଲି କୁହାଯାଏ। ମଣିଷ ବେଳେବେଳେ ଅଜାଣତରେ ପାପ କରିଦେଇଥାଏ ଯେଉଁଥିପାଇଁ ଶନି ସେହି ପାପର ଦଣ୍ଡ ଦେଇଥାନ୍ତି। ବେଳେବେଳେ ଲୋକେ ବୁଝିପାରନ୍ତିନି ଯେ ତାଙ୍କୁ କେଉଁ ପାପର ଦଣ୍ଡ ମିଳୁଛି ବା ସେ କେଉଁ କର୍ମର ଫଳ ଭୋଗୁଛନ୍ତି। ଏଥିପାଇଁ ଶନିଙ୍କ ସାଢେସାତୀର ଦୁଃଷ୍ପ୍ରଭାବରୁ ବଂଚିବା ପାଇଁ ଜ୍ୟୋତିଷଶାସ୍ତ୍ରରେ କିଛି ଉପାୟ ରହିଛି।

- ଶନି ସାଢେସାତୀ ଉପାୟ : ଶନି ସାଢେସାତୀଙ୍କ ଦୁଃଷ୍ପ୍ରଭାବରୁ ବଂଚିବା ପାଇଁ ପ୍ରତ୍ୟେକ ଶନିବାର ଦିନ କଳା ରଙ୍ଗର ବସ୍ତ୍ର ଉପରେ ବସି ଶନି ସ୍ତୋତ୍ର ଏବଂ ଶନି ଋଳିଶା ପାଠ କରନ୍ତୁ। ଏହାପରେ ଶନିଦେବଙ୍କ ମନ୍ଦିର ଯାଇ ଆଳତି କରନ୍ତୁ।

- ଶନିବାର ସନ୍ଧ୍ୟାରେ କଳା କୁକୁରକୁ କଳା ଚଣା ଖୁଆନ୍ତୁ। ଯଦି ସମ୍ଭବ ହୁଏ ତାହେଲେ ଗରିବଙ୍କୁ ମଧ୍ୟ କଳା ଚଣା ଦାନ କରନ୍ତୁ।

- ଏକ କଳା ରଙ୍ଗର ମାଠିଆରେ ୨ କିଲୋ କଳା ଚଣା କିମ୍ବା କଳା ବିରି ପକାଇ ସେଠି ମାଠିଆକୁ ହାତରେ ଧରି ଶନିଦେବଙ୍କୁ ପ୍ରାର୍ଥନା କରନ୍ତୁ। ଏହାପରେ ଶନିଦେବଙ୍କ ମନ୍ତ୍ର ଜପ କରନ୍ତୁ ଏବଂ ସେହି ମାଠିଆକୁ କୌଣସି ଗରିବଙ୍କୁ ଦାନ କରିଦିଅନ୍ତୁ।

- ନିଜ ବାମ ଗୋଡରେ କଳା ସୁତା ବାନ୍ଧନ୍ତୁ। ପ୍ରତ୍ୟେକ ଶନିବାର ଦିନ କଳା ବସ୍ତ୍ର ଦାନ କରନ୍ତୁ। ଯଦି ସମ୍ଭବ ନ ହୁଏ ତାହେଲେ କଳା ରୁମାଲ ମଧ ଦାନ କରିପାରିବେ।

- ଏକ ଗିନାରେ ସୋରିଷ ତେଲ ନେଇ ସେଥିରେ ନିଜ ଛବି ଦେଖନ୍ତୁ। ଏହାପରେ ଶନି ମନ୍ଦିର ଯାଇ ଏହି ତେଲର ଦୀପ ଜଳାନ୍ତୁ। ଏହି ତେଲକୁ ଆପଣ ଦାନ ମଧ କରିପାରିବେ।

- ପ୍ରତିଦିନ ପକ୍ଷୀମାନଙ୍କୁ ୭ ପ୍ରକାର ଶସ୍ୟ ଖାଇବାକୁ ଦିଅନ୍ତୁ। ଯଦି ସମ୍ଭବ ହୁଏ ତାହେଲେ କୁଷ୍ଠ ରୋଗୀଙ୍କ ସେବା କରନ୍ତୁ। କୁଷ୍ଠ ରୋଗୀଙ୍କ ସେବା କଲେ ଖୁବ ଶୀଘ୍ର ଶନିଙ୍କ ସାଢେସାତୀ ପ୍ରକୋପରୁ ରକ୍ଷା ମିଳିଥାଏ ବୋଲି କୁହାଯାଏ।

# ଚଣ୍ଡୀମାତାଙ୍କୁ ପୂଜା

ଦୁର୍ଗତୀନାଶିନୀ ମା' ଦୁର୍ଗାଙ୍କ କ୍ରୋଧମୟ ସ୍ୱରୂପ ହେଉଛନ୍ତି ମହାଶକ୍ତି ଚଣ୍ଡୀ । 'ଚଣ୍ଡ' ବା 'ଚଡି' ଧାତୁ ସହିତ 'ଇପ୍' ବା 'ଡୀଷି' ପ୍ରତ୍ୟୟ ଯୋଗ ହୋଇ 'ଚଣ୍ଡୀ' ଶବ୍ଦର ସୃଷ୍ଟି ହୋଇଛି



। ସାଧାରଣରେ ଏହି ଶବ୍ଦର ଅର୍ଥ ହେଉଛି କୋପମୟୀ, କ୍ରୁଦ୍ଧା । ବ୍ରହ୍ମସ୍ୱରୂପିଣୀ ମାତା ଦୁର୍ଗା ଶୁମ୍ଭ ଅସୁର ଏବଂ ଚଣ୍ଡ ଓ ମୁଣ୍ଡକୁ ବଧ କରିବା ଲାଗି କୋପମୟୀ ସ୍ୱରୂପ ଧାରଣ କରିଥିଲେ । ସେଥିପାଇଁ ସେ ଚଣ୍ଡୀ ନାମରେ ପରିଚିତ ହେଲେ । ଚଣ୍ଡିକା ମାତାଙ୍କ ପୂଜା କରିବା ଦ୍ୱାରା ଭକ୍ତ ସ୍ୱର୍ଗ ସୁଖ ଭୋଗ କରିଥାଏ ଏବଂ ମୋକ୍ଷ ଲାଭ କରିଥାଏ । ପ୍ରତିଦିନ ଚଣ୍ଡିକା ପୂଜା କରିବାର ପୂଣ୍ୟ ଫଳକୁ ସ୍ୱୟଂ ବ୍ରହ୍ମା ସୁଦ୍ଧା ନିର୍ଣ୍ଣୟ କରିପାରିବେ ନାହିଁ । ଚଣ୍ଡି ପୂଜା ମନୁଷ୍ୟକୁ ଲକ୍ଷ୍ମୀବନ୍ତ କରିଥାଏ । ଚଣ୍ଡୀଙ୍କୁ ପୂଜା କରି ମନୁଷ୍ୟ ମୁକ୍ତି ଲାଭ କରିଥାଏ । ନୀଳକମଳ ପୁଷ୍ପ ଅର୍ପଣ କରି ଚଣ୍ଡୀ ମାତାଙ୍କୁ ପୂଜା କରିବା ଦ୍ୱାରା ମନୁଷ୍ୟ ନାନାଲୋକ ପ୍ରାପ୍ତ କରିଥାଏ । ପଞ୍ଚଗବ୍ୟ ଦ୍ୱାରା ଚଣ୍ଡୀମାତାଙ୍କ ପ୍ରତିମୂର୍ତ୍ତିକୁ ସ୍ନାନ କରାଇ ପୂଜା କଲେ ମନୁଷ୍ୟ ସୁରଭି ଲୋକ ପ୍ରାପ୍ତ କରିଥାଏ । ଉତ୍ତରାୟଣରେ ଚଣ୍ଡୀ ପୂଜା କଲେ ବହୁପୁତ୍ର, ପୁତ୍ରବଧୂ ଓ ଧନପ୍ରାପ୍ତ ହୋଇଥାଏ । ଚଣ୍ଡୀ ଦର୍ଶନ ଅତ୍ୟନ୍ତ ପବିତ୍ର ଅଟେ । ଅହିଂସା ଭାବ ନେଇ ଦେବୀ ପୂଜା କଲେ ଶ୍ରେଷ୍ଠ ଫଳ ମିଳିଥାଏ । ଶାରଦୀୟ ପୂଜା ଅବସରରେ ଚଣ୍ଡୀମାତାଙ୍କୁ ପୂଜା କରୁଥିବା ମନୁଷ୍ୟର ମୁକ୍ତି ସୁନିଶ୍ଚିତ । ଏପରି ମନୁଷ୍ୟ ମୃତ୍ୟୁ ପରେ ଚଣ୍ଡୀଲୋକରେ ସ୍ଥାନ ପାଏ ତଥା ଚିରକାଳ ପର୍ଯ୍ୟନ୍ତ ସୁଖ ଭୋଗ କରିଥାଏ । ଚଣ୍ଡୀମାତାଙ୍କ ମଣିମୟୀ ମୂର୍ତ୍ତି ପୂଜା କଲେ ଭକ୍ତ ପରମଗତି ଲାଭ କରିଥାଏ । ଶାସ୍ତ୍ରରେ କୁହାଯାଇଛି, ଶମ୍ଭୁ, ବିଷ୍ଣୁ, କୁବେର, ବାୟୁ, ଅଗ୍ନି, ବସୁ, ଅଶ୍ୱିନୀ କୁମାର, ବିଶ୍ୱଦେବ, ବରୁଣ, ସୂର୍ଯ୍ୟ, ଗ୍ରହ, ପିତର, ପିଶାଚ ଆଦି ମଧ୍ୟ ଚଣ୍ଡୀଙ୍କ ବିଭିନ୍ନ ସ୍ୱରୂପକୁ ପୂଜା କରିଥାନ୍ତି ।

# ଓଡ଼ିଆ ଭାଷାରେ ଇଗ୍ନୋର ଏମ୍‌ବିଏ ଅଧ୍ୟୟନ ପୁସ୍ତିକା ଉନ୍ମୋଚିତ

**ଭୁବନେଶ୍ୱର,୨୨।୧ (ମହାଭାରତ):** ଓଡ଼ିଶା ଏକ ଜ୍ଞାନ ଆଧାରିତ ସମାଜ ଏବଂ ଭାଷା ଆମ ପ୍ରଗତିର ସବୁଠୁ ବଡ଼ ସହାୟକ। ଭାଷାର ପ୍ରଗତିରେ ହିଁ ସମାଜର ପ୍ରଗତି ଘଟିଥାଏ ବୋଲି ମଙ୍ଗଳବାର ଭୁବନେଶ୍ୱର ଠାରେ ଏଆଇସିଟିଇ ସହଯୋଗରେ ଇନ୍ଦିରା ଗାନ୍ଧୀ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ର ଏମବିଏ ଅଧ୍ୟୟନ ପୁସ୍ତିକା ଓଡ଼ିଆ ଭାଷାରେ ଉନ୍ମୋଚନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ସେ କହିଛନ୍ତି ଆଜିର ପଦକ୍ଷେପ ଦ୍ୱାରା ଓଡ଼ିଶାର ଉଚ୍ଚ ଶିକ୍ଷା ତଥା ବୈଷୟିକ ଶିକ୍ଷା କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଯୋଡିହେଲା ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ଜାତୀୟ ଶିକ୍ଷା ନୀତିରେ ମାତୃଭାଷାକୁ ପ୍ରୋତ୍ସାହିତ କରିବା ଦିଗରେ ଏହା ଏକ ସାଧୁ ଉଦ୍ୟମ। ଭାରତରେ ବୈଷୟିକ ଏବଂ ବୃତ୍ତିଗତ ଶିକ୍ଷାର ଅଗ୍ରଗତିରେ ଏଆଇସିଟିଇର ଭୂମିକା ଅତୁଳନୀୟ। ଉଭୟ ଇଗ୍ନୋ ଏବଂ ଏଆଇସିଟିଇ ଦେଶ ତଥା ଦେଶ ବାହାରେ ବିଭିନ୍ନ ଶିକ୍ଷାର୍ଥୀଙ୍କୁ ସୁଲଭ ମୂଲ୍ୟରେ ଶିକ୍ଷଣ ସୁଯୋଗ




ପ୍ରଦାନ କରି ଶିକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଏଆଇସିଟିଇ ଆଜି ତାହାର ସମସ୍ତ ବୈଷୟିକ ଶିକ୍ଷାଦାନକୁ ଭାରତୀୟ ଭାଷାକୁ ଯୋଡ଼ିଛି। ଆଜି ଏହି ଦୁଇ ଅନୁଷ୍ଠାନ ମିଳିତ ଭାବରେ ଓଡ଼ିଆ ଭାଷାରେ ଏମବିଏ କୋର୍ସର ପାଠ୍ୟପୁସ୍ତକ ପ୍ରସ୍ତୁତ କରି ସାମଗ୍ରିକ ଶିକ୍ଷା ଦିଗରେ ନିଜର ସମର୍ପଣ ଭାବନାକୁ ପ୍ରମାଣିତ କରିଛନ୍ତି। ଏହି ପ୍ରୟାସ ପାଇଁ ଶ୍ରୀ ପ୍ରଧାନ ଇଗ୍ନୋ ଏବଂ ଏଆଇସିଟିଇକୁ ଧନ୍ୟବାଦ ଜଣାଇଛନ୍ତି। ପ୍ରଗତିଶୀଳ ରାଷ୍ଟ୍ର ଗୁଡ଼ିକରେ ଇଂରାଜୀ ଭାଷାର ବ୍ୟବହାସ କମ ହେବା ସତ୍ତ୍ୱେ ରାଷ୍ଟ୍ର ଗୁଡ଼ିକ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବହୁତ ଉନ୍ନତ ଓ ସଶକ୍ତ। ଜନ୍ମ ନେଉଥିବା ଶିଶୁ ନିଜର ପ୍ରାରମ୍ଭିକ ଅବସ୍ଥାରେ ମାତୃଭାଷାରେ ପାଠ ପଢିଲେ ହିଁ ତା'ର ବୌଦ୍ଧିକ କ୍ଷମତାର ବିକାଶ ଘଟିଥାଏ ବୋଲି ଅନେକ ବୈଜ୍ଞାନିକ ମତ ପ୍ରକାଶ କରିଛନ୍ତି। ମୌଳିକ ଚିନ୍ତାଧାରାକୁ ବଢେଇବା ପାଇଁ ହେଲେ ଆମକୁ ମାତୃଭାଷା ଆଧାରିତ ଶିକ୍ଷା ପ୍ରଦାନ କରିବାକୁ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଓଡିଆ ଏକ ପ୍ରାଚୀନ ଭାଷା ଯାହାର ସମୃଦ୍ଧ ଇତିହାସ ଓ ଐତିହ୍ୟ ରହିଛି। ୨୦୧୪ ମସିହାରୁ ଓଡ଼ିଆ ଏକ ଶାସ୍ତ୍ରୀୟ ଭାଷା। ଓଡ଼ିଆ ଭାଷାର ଶିକ୍ଷାକୁ ଗଭୀର କରିବା ପାଇଁ ଓଡ଼ିଶା ସରକାର ପ୍ରୟାସ ଜାରି ରଖିଛନ୍ତି। ଓଡ଼ିଆ ଭାଷା ଓ ଶିକ୍ଷାର ପରିସର ବୃଦ୍ଧି କରିବା ଆମ ପାଇଁ ଏକ ପ୍ରାଥମିକତା ଏଜେଣ୍ଡା। ଏହି ପରିପ୍ରେକ୍ଷୀରେ ଆଜିର କାର୍ଯ୍ୟକ୍ରମ ଏହି ଯାତ୍ରାରେ ଆଉ ଏକ ମାଇଲଖୁଂଟ। ଏଆଇସିଟିଇ ସହଯୋଗରେ ଇଗ୍ନୋ ଇ-କୁମ୍ଭ ପ୍ରକଳ୍ପ ଅଧୀନରେ ୧୨ଟି ଭାରତୀୟ ଭାଷାରେ ଇଗ୍ନୋର ଏମବିଏ ପାଠ୍ୟକ୍ରମ ଅନୁବାଦ କରୁଛି।

# ଧାନକିଣା ପ୍ରକ୍ରିୟାରେ ସାମିଲ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ

**ଭୁବନେଶ୍ୱର,୨୨।୧ (ମହାଭାରତ):** ଚଳିତ ଖରିଫ ଋତୁରେ ଧାନକିଣା ପ୍ରକ୍ରିୟାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହୋଇଛନ୍ତି। ଚଳିତ ବର୍ଷ ରାଜ୍ୟରେ ୪୫୨ଟି ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହୋଇ ପଞ୍ଜିକୃତ ଚାଷୀମାନଙ୍କଠାରୁ ଧାନ କିଣୁଛନ୍ତି। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧୧୧ଟି ସ୍ୱୟଂ ସହାୟକ ଗୋଷ୍ଠୀ ଧାନକିଣା ପ୍ରକ୍ରିୟାରେ ସାମିଲ ହୋଇଥିବାବେଳେ ଭଦ୍ରକରେ ୪୯, ବରଗଡ଼ ଓ ସୁବର୍ଣ୍ଣପୁରରେ ୨୦, ଯାଜପୁରରେ ୩୫, କୋରାପୁଟରେ ୨୪, ନବରଙ୍ଗପୁରରେ ୪୪, ନୂଆପଡ଼ା ଓ ସମ୍ବଲପୁରରେ ୧୩, ଝାରସୁଗୁଡ଼ ଓ କଳାହାଣ୍ଡିରେ ୨୮, ବଲାଙ୍ଗିରରେ ୧୮, ମାଲକାନଗିରିରେ ୯ ସମେତ ୩୦ଟି ଜିଲ୍ଲାରେ ସମୁଦାୟ ୪୫୨ଟି ସ୍ୱୟଂ ସହାୟକ ଗୋଷ୍ଠୀ ଧାନକିଣା ପ୍ରକ୍ରିୟାରେ ନିୟୋଜିତ ଅଛନ୍ତି। ଯୋଗ୍ୟ ଚାଷୀଙ୍କଠାରୁ ଧାନ କିଣିବା ପରେ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଏଥିରୁ ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରିବା ସହ ଏବଂ ବିଭିନ୍ନ କ୍ଷେତ୍ରକୁ ସେବା ଯୋଗାଇ ଦେଉଛନ୍ତି। ପ୍ରତ୍ୟେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଧାନ କ୍ରୟ କରିବା ସହ ସଂପୃକ୍ତ ଚାଷୀଙ୍କୁ ପ୍ରାପ୍ୟ ପ୍ରଦାନରେ ମଧ୍ୟ ସହଯୋଗ କରୁଛନ୍ତି। ସଂପୃକ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜିଲ୍ଲା ପ୍ରଶାସନ ସହଭାଗିତାରେ ଏହି ପ୍ରକ୍ରିୟାରେ ସାମିଲ ହୋଇ ଧାନକିଣା ମାର୍ଗଦର୍ଶିକାର ଅନୁପାଳନପୂର୍ବକ ଚାଷୀମାନଙ୍କଠାରୁ ଧାନକିଣାରେ ଯୋଗଦାନ କରୁଛନ୍ତି । ଏଥି ସହିତ ପ୍ରତ୍ୟେକ ମଣ୍ଡିରେ ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ଆନୁଷଙ୍ଗିକ ବ୍ୟବସ୍ଥାରେ ମଧ୍ୟ ସହଯୋଗ କରୁଛନ୍ତି ।

# 'କମେଡି ଇନ୍ ଖାକି' ପୁସ୍ତକ ଉନ୍ମୋଚିତ



**ଭୁବନେଶ୍ୱର,୨୨।୧ (ମହାଭାରତ):** ଭୁବନେଶ୍ୱର ଠାରେ ଓଡ଼ିଶାର ପୂର୍ବତନ ଡିଜି ତଥା ସିଆରପିଏଫ୍ ମୁଖ୍ୟ ପ୍ରକାଶ ମିଶ୍ରଙ୍କ ରଚିତ ଇଂରାଜୀ ପୁସ୍ତକ 'କମେଡି ଇନ୍ ଖାକି : ଦ ହ୍ୟୁମରସ୍ ମେମୋରିଜ୍ ଅଫ୍ ଏ ପୋଲିସମ୍ୟାନ'କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କରକମଳରେ ଆଜି ଉନ୍ମୋଚିତ ହୋଇଛି।

ଶ୍ରୀ ପ୍ରଧାନ ପୁସ୍ତକଟିକୁ ଲୋକାର୍ପଣ କରି ଖୁସି ପ୍ରକାଶ କରିବା ସହ କହିଛନ୍ତି ଯେ ଓଡ଼ିଶା ପୋଲିସର ଜଣେ ଦକ୍ଷ ଓ ଶୃଙ୍ଖଳିତ ଅଧିକାରୀ ଭାବେ ଓଡ଼ିଶାର ଘରେ ଘରେ ପରିଚିତ ପ୍ରକାଶ ମିଶ୍ରଙ୍କ ଲିଖିତ ଏହି ହାସ୍ୟରସାତ୍ମକ ପୁସ୍ତକକୁ ଉନ୍ମୋଚନ କରିବାର ସୁଯୋଗ ମିଳିବା ମୋର ସୌଭାଗ୍ୟ। ବହିଟି ବହୁତ ରୋଚକ ହୋଇଛି। ନିଜ ମନର ଅଭିବ୍ୟକ୍ତିକୁ ପୁସ୍ତକରେ ପ୍ରକାଶ କରିଛନ୍ତି। ଆମ ରାଜ୍ୟରେ ପଢ଼ିବା, ବୁଝିବା ଏବଂ ତାହା ଉପରେ ତର୍କ କରିବା ସହଜ ନୁହେଁ। ପ୍ରକାଶ ମିଶ୍ରଙ୍କ ଏହି ବହିକୁ ସମସ୍ତେ ପଢିବା ଜରୁରୀ। ଏହି ପୁସ୍ତକ ଓଡ଼ିଶାର ନୀତି ନିର୍ଦ୍ଧାରକମାନଙ୍କ ପାଇଁ ଏକ ରୋଚକ ବିଷୟ ବିନ୍ଦୁ ତିଆରି କରିବ। ପ୍ରକାଶ ବାବୁ ଏଭଳି ଏକ ନିଆରା ବହି ଲେଖି ଗୁରୁଗମ୍ଭୀର ପ୍ରଶାସକୀୟ ବ୍ୟକ୍ତିତ୍ୱ ଭିତରେ ଲୁଚି ରହିଥିବା ମଜାଳିଆ କଥା ଲୋକମାନଙ୍କ ସାମ୍ନାକୁ ଆଣିଛନ୍ତି। ପିଲାଦିନରୁ ଦୀର୍ଘବର୍ଷର ସେବା କାଳରେ ସେ ଅଙ୍ଗେ ନିଭାଇଥିବା ଅନେକ ଛୋଟ ବଡ଼ ମଜାଳିଆ ଘଟଣା ଓ ସ୍ମୃତିକୁ ସାଉଁଟି ଏହି ସୁନ୍ଦର ପୁସ୍ତକଟି ଭେଟି ଦେଇଥିବାରୁ ଶୁଭେଚ୍ଛା। ଓଡ଼ିଆ ଲୋକଙ୍କ ମଧ୍ୟରେ ସୃଜନଶୀଳତା ରହିଛି। ଏକବିଂଶ ଶତାବ୍ଦୀରେ ଓଡ଼ିଆ ଲୋକମାନେ ସମ୍ପନ୍ନ ହେବେ ବୋଲି ସେ କହିଛନ୍ତି । ଉନ୍ମୋଚିତ ହୋଇଥିବା ପୁସ୍ତକ କମେଡି ଇନ୍ ଖାକି ଲୋକାଦୃତ ହେବା ନେଇ ଶ୍ରୀ ପ୍ରଧାନ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା କରିଛନ୍ତି।

# ଉନ୍ନୟନ କମିଶନଙ୍କୁ ଭେଟି ନିଯୁକ୍ତି ପାଇଥିବା ୧୦ ଭିନ୍ନକ୍ଷମ ଛାତ୍ରଛାତ୍ରୀ

**ଭୁବନେଶ୍ୱର,୨୨।୧ (ମହାଭାରତ):** ଅନ୍ତର୍ଭୁକ୍ତିକରଣ ଓ ସଶକ୍ତୀକରଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସହଯୋଗରେ 'କାମତ ହୋଟେଲ୍ସ (ଇଣ୍ଡିଆ) ଲିମିଟେଡ୍' ପକ୍ଷରୁ ଶ୍ରବଣ ଓ ବାକ୍ ଅକ୍ଷମତା ଥିବା ୧୦ ଜଣ ଛାତ୍ରଛାତ୍ରୀଙ୍କୁ ଇରା ବାଇ ଅର୍କିଡ୍ ହୋଟେଲ,ଭୁବନେଶ୍ୱର, ଲୋଟସ୍ ରିସୋର୍ଟ, କୋଣାର୍କ ଏବଂ ମହୋଦଧି ପ୍ୟାଲେସ୍ ,ପୁରୀ ପକ୍ଷରୁ ନିଯୁକ୍ତି ଦେବାକୁ ଘୋଷଣା କରାଯାଇଛି। ଏହି ପଦକ୍ଷେପ 'କାମତ ହୋଟେଲ'ର ଏକ ଅନ୍ତର୍ଭୁକ୍ତ କର୍ମକ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଏହି ପରିପ୍ରେକ୍ଷୀରେ ଗତ କାଲି ଜାନୁଆରୀ ୨୦ ତାରିଖ, ସୋମବାର ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଉପସ୍ଥିତିରେ ଲୋକସେବା ଭବନରେ ଏହି ନବ ନିଯୁକ୍ତ



ଛାତ୍ରଛାତ୍ରୀମାନଙ୍କର ଏକ ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବଶ୍ରୀ ବଲଓ୍ୱନ୍ତ ସିଂ, କାମତ ହୋଟେଲଇଣ୍ଡିଆ ଲିମିଟେଡର ଆଂଚଳିକ ମହାପ୍ରବନ୍ଧକ ଶ୍ରୀ ଭରତ ଭୂଷଣ ବିଶ୍ୱାଳ, ଆଇଏଚ୍‌ଏମ୍, ଭୁବନେଶ୍ୱରର ଅଧକ୍ଷା ଶ୍ରୀମତୀ ଶାରଦା ଘୋଷ ପ୍ରମୁଖ ଉପସ୍ଥିତ ଥିଲେ। ଆତିଥେୟତା ଉଦ୍ୟୋଗରେ ସମାନ ପଦକ୍ଷେପ ପାଇଁ ପ୍ରେରଣା ଏବଂ ପଥ ପ୍ରଶସ୍ତ କରିବା ପାଇଁ ଏହି କାର୍ଯ୍ୟକ୍ରମ ପରିକଳ୍ପନା କରାଯାଇଛି ।

ଏହି ପରିପ୍ରେକ୍ଷୀରେ ପରିବେଶବିତ୍ ତଥା କାମତ ହୋଟେଲର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡଃ. ବିଠଲ ଭେଙ୍କଟେଶ କାମତ କହିଛନ୍ତି, 'ପ୍ରକୃତ ଆତିଥେୟତା ଉତ୍କୃଷ୍ଟ ସେବା ପ୍ରଦାନ କରିବା ଠାରୁ ଅଧିକ ବୋଲି ଆମେ ଆମେ ବିଶ୍ୱାସ କରୁ- ଏହା ଜୀବନର ସବୁ ବର୍ଗର ବ୍ୟକ୍ତିଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ପର୍ଯ୍ୟନ୍ତ ବିସ୍ତାରିତ । ଓଡ଼ିଶା ସରକାରଙ୍କ ସହଯୋଗରେ ଏହି ପଦକ୍ଷେପ ଅନ୍ତର୍ଭୁକ୍ତିକରଣ ଓ ସଶକ୍ତୀକରଣ ପ୍ରତି ଆମର ପ୍ରତିବଦ୍ଧତାର ପ୍ରମାଣ। ଆମେ ବିଶ୍ୱାସ କରୁଛୁ ଯେ, ଏହି ପଦକ୍ଷେପ ଅନ୍ୟମାନଙ୍କୁ ଅନୁସରଣ କରିବାକୁ ଏବଂ ଏକ ଅଧିକ ସମାବେଶୀ ଶିଳ୍ପ ନିର୍ମାଣ କରିବାକୁ ପ୍ରେରଣା ଦେବ।" ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଏହି ଛାତ୍ରଛାତ୍ରୀଙ୍କ ସହିତ କିଛି ସମୟ ଧରି ଆଲୋଚନା କରିଥିଲେ। ଜଣେ ସାଙ୍କେତିକ ଭାଷା ଅନୁବାଦକଙ୍କ ସାହାଯ୍ୟରେ ସେମାନଙ୍କ ବିଷୟରେ ଜାଣିବାକୁ ସକ୍ଷମ ହେବା ସହ ଏହି ନିଯୁକ୍ତି ପାଇବାରେ ସେମାନେ କେତେ ଖୁସି ଅଛନ୍ତି ଏବଂ ଏହା ସେମାନଙ୍କ ଜୀବନରେ କିପରେ ସଫଳତା ଆଣିବାରେ ସାହାଯ୍ୟ କରିବ,ସେ ସମ୍ପର୍କରେ ମତ ବିନିମୟ କରିଥିଲେ। ଏହି ପଦକ୍ଷେପ ଏହାର କାର୍ଯ୍ୟରେ ଅନ୍ତର୍ଭୁକ୍ତିକରଣକୁ ସମନ୍ୱିତ କରି ସମାଜପାଇଁ ଅର୍ଥପୂର୍ଣ୍ଣ ଅବଦାନ ଦେବା ପାଇଁ କମ୍ପାନୀର ଦୃଷ୍ଟିକୋଣ ସହିତ ସମନ୍ୱିତ । ଏହି ପରାମର୍ଶ କାର୍ଯ୍ୟକ୍ରମ କେବଳ ଆତିଥେୟତା ଶିଳ୍ପରେ ଉତ୍କର୍ଷ ହାସଲ କରିବା ପାଇଁ ଆବଶ୍ୟକ ଦକ୍ଷତା ଏବଂ ଆତ୍ମବିଶ୍ୱାସ ସହିତ ନୂତନ ନିଯୁକ୍ତିପ୍ରଦାନ କରିବ ନାହିଁ ବରଂ ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣାଦାୟକ ଉଦାହରଣ ଭାବରେମଧ୍ୟ କାର୍ଯ୍ୟ କରିବ।

# ହଂସପାଳ ଫ୍ଲାଏ ଓଭର ସାଂସଦ ଅପରାଜିତା ଷଡଙ୍ଗୀଙ୍କ ଦ୍ୱାରା ଉଦଘାଟିତ

**ଭୁବନେଶ୍ୱର,୨୨।୧ (ମହାଭାରତ):** ମଙ୍ଗଳବାର ଉଦଘାଟିତ ହୋଇଯାଇଛ ବହୁ ପ୍ରତିକ୍ଷିତ ହଂସପାଳ ଫ୍ଲାଇଓଭର ବ୍ରିଜ । ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଏହାର ଉଦଘାଟନ କରିଛନ୍ତି । ୨୪ କୋଟି ବ୍ୟୟରେ ନିର୍ମାଣ ହୋଇଛି ଓଭର ବ୍ରିଜ । ୧୮ ମାସରେ ଫ୍ଲାଇଓଭର ବ୍ରିଜ ସାରିବା ପାଇଁ ୨୦୨୦ରୁ ଭିତିପ୍ରସ୍ତର ସ୍ଥାପନ ସମୟରେ ଚୁକ୍ତି ହୋଇଥିଲା । ପୂର୍ବ ସରକାର ଥିବା ସମୟରେ ସେଠାରେ ଥିବା ଏକ ହରିଜନ ବସ୍ତି ଏହି ଓଭର ବ୍ରିଜ ନିର୍ମାଣରେ ବାଧକ ସାଜିଥିଲା । ଫଳରେ ଜମି ଅଧିଗ୍ରହଣ ପ୍ରକ୍ରିୟା ବିଳମ୍ବ ହୋଇଥିଲା । ଯେଉଁଥି ପାଇଁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଏକାଧିକ ବାର କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ମାନଙ୍କ ସହିତ ଆଲୋଚନା କରି ଏହି ସମସ୍ୟାର



ସମାଧାନ କରିଥିଲେ । ଗତବର୍ଷ ଠାରୁ କଟକରୁ ଭୁବନେଶ୍ୱର ଆସୁଥିବା ଯାତ୍ରୀମାନେ ଏହି ବ୍ରିଜ ବ୍ୟବହାର କରି ଆସୁଥିଲେ । ଆଜିଠାରୁ ଭୁବନେଶ୍ୱରରୁ କଟକକୁ ଯାଉଥିବା ଗାଡି ହଂସପାଳ ବ୍ରିଜ ଦେଇ ଯାତାୟାତ କରିପାରିବେ । ନିର୍ମାଣ କାର୍ଯ୍ୟ ବିଳମ୍ବିତ ଯୋଗୁଁ ଦୁଇ ଦୁଇ ଥର ନିର୍ମାଣ ସଂସ୍ଥା ବଦଳେଇବାକୁ ପଡିଥିଲା । ଶେଷରେ ୫ ବର୍ଷର ଅବଧିରେ ଏହି ବ୍ରିଜ ଲୋକାର୍ପିତ ହୋଇଛି । ଉଲ୍ଲେଖଯୋଗ୍ୟ ଯେ ଏହି ବ୍ରିଜ ନିର୍ମାଣ ସାଂସଦ ଅପରାଜିତା ଷଡଙ୍ଗୀଙ୍କର ଭୁବନେଶ୍ୱର ବାସୀଙ୍କ ପାଇଁ ଏକ ସ୍ୱପ୍ନର ପ୍ରକଳ୍ପ ଥିଲା । ଏହି ରାସ୍ତାରେ ବହୁ ଦୁର୍ଘଟଣା ଘଟି ଜନଜୀବନ ହାନି ଘଟୁଥିବାରୁ ଏହାର ନିର୍ମାଣର ଆବଶ୍ୟକତା ମଧ୍ୟ ରହିଥିଲା । ତେବେ ଶେଷରେ ଏହି ପ୍ରକଳ୍ପ ଆଜି ଲୋକାପ୍ରିତ ହୋଇଥିବାରୁ ସାଂସଦ ଶ୍ରୀମତି ଷଡଙ୍ଗୀ କେନ୍ଦ୍ର ପରିବାହନ ମନ୍ତ୍ରୀ ନିତୀନ ଗଡକରୀଙ୍କୁ ପ୍ରକଳ୍ପ କାର୍ଯ୍ୟରେ ସହଯୋଗ ପାଇଁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହି ଉଦଘାଟନୀ କାଯ୍ୟକ୍ରମରେ ଭୁବନେଶ୍ୱର ଉତର ବିଜେପି ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର , ଜାତୀୟ ରାଜପଥ ପ୍ରଧିକରଣର ବରିଷ୍ଠ ଅଧିକାରୀଙ୍କ ସମେତ ଅନେକ ଜନସାଧାରଣ ଉପସ୍ଥିତି ଥିଲେ ।

# ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ପତାକା ଉତ୍ତୋଳନ କରିବେ ରାଜ୍ୟପାଳ

**ଭୁବନେଶ୍ୱର,୨୨।୧ (ମହାଭାରତ):** ଆଗାମୀ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ରାଜ୍ୟପାଳ ପତାକା ଉତ୍ତୋଳନ କରିବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକରେ ଆୟୋଜିତ ସାଧାରଣତନ୍ତ୍ର ଦିବସରେ ପତାକା ଉତ୍ତୋଳନ କରିବେ। ଏହି ଅବସରରେ ସେ ସାଧାରଣ ଜନତାଙ୍କୁ ସମ୍ବୋଧିତ କରିବେ। ପୁରୀରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ଖୋର୍ଦ୍ଧାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପତାକା ଉତ୍ତୋଳନ କରିବେ। ସରକାରଙ୍କ ପକ୍ଷରୁ କେଉଁ ଠାରେ କିଏ ପତାକା ଉତୋଳନ କରିବେ ସେ ନେଇ ସୂଚନା ପ୍ରଦାନ କରାଯାଇଛି ।

ସୁନ୍ଦରଗଡ଼ରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମା ସୋନପୁରରେ ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, କୋରାପୁଟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଜଗତସିଂହପୁରରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଯାଜପୁରରେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାୟଗଡ଼ାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗଜପତିରେ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା, ବାଲେଶ୍ୱରରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, କେନ୍ଦୁଝରରେ ଶ୍ରମମନ୍ତ୍ରୀ ଗଣେଶ ରାମ ସିଂ ଖୁଂଟିଆ, ନୂଆପଡ଼ାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଢେଙ୍କାନାଳରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମାଲକାନଗିରିରେ ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ନୟାଗଡ଼ରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପତାକା ଉତ୍ତୋଳନ କରିବେ।

କେନ୍ଦ୍ରାପଡ଼ା, ବ୍ରହ୍ମପୁର ଓ ରାଉରକେଲରେ ଆରଡିସି ପତାକା ଉତ୍ତୋଳନ କରିବେ। ସେହିପରି ଅନୁଗୁଳ, ବାରିପଦା, ବରଗଡ଼, ଗଡ଼କ, ବଲାଙ୍ଗୀର,, ବୌଦ୍ଧ, ଦେବଗଡ଼, ଛତ୍ରପୁର, ଝାରସୁଗୁଡ଼ା, କଳାହାଣ୍ଡି, ନବରଙ୍ଗପୁର, ସମ୍ବଲପୁର ଓ ଫୁଲବାଣୀରେ ଉକ୍ତ ଜିଲ୍ଲାର ଜିଲ୍ଲାପାଳମାନେ ପତାକା ଉତ୍ତୋଳନ କରିବେ ବୋଲି ସୂଚନା ଦିଆଯାଇଛି ।

# ଡାଇରିଆରେ ମୃତ୍ୟୁ ଘଟଣାରେ ରାଜ୍ୟ ସରକାର ଦାୟୀ: ବିଜେଡି

**ଭୁବନେଶ୍ୱର,୨୨।୧ (ମହାଭାରତ):** ପୁରୀ ଜିଲ୍ଲାର କଣାସ ଅଂଚଳରେ ଡାଇରିଆରେ ୪ ଜଣଙ୍କ ମୃତ୍ୟୁ ଘଟଣାରେ ଆଜି ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି । ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ବିଜେଡି ନେତା ତଥା ସତ୍ୟବାଦୀର ପୂର୍ବତନ ବିଧାୟକ ଶ୍ରୀ ଉମାକାନ୍ତ ସାମନ୍ତରାୟ ଓ ବିଜେଡି ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି ଘଟଣାରେ ୪ ଜଣଙ୍କ ମୃତ୍ୟୁ ଓ ଶତାଧିକ ଆକ୍ରାନ୍ତ ହୋଇଥିବା ବେଳେ ରାଜ୍ୟ ସରକାର ଏହାକୁ ନିୟନ୍ତ୍ରଣରେ ଆଣିବା ପାଇଁ କୌଣସି ପ୍ରକାରର ତତ୍ପରତା ଦେଖାଇ ନାହାନ୍ତି ବୋଲି ଅଭିଯୋଗ କରିଥିଲେ ।

ଶ୍ରୀ ସାମନ୍ତରାୟ କହିଥିଲେ, କଣାସ ଅଂଚଳର ବାସିନ୍ଦାମାନେ ଗତ ୧୦ ଦିନ ହେବ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ଓ ଏହା ଗଣମାଧ୍ୟମରେ ପ୍ରସାରିତ ହୋଇଥିବା ସତ୍ତ୍ୱେ ରାଜ୍ୟ ସରକାରଙ୍କ ପ୍ରତିନିଧି ତ ଦୂରର କଥା, ସ୍ଥାନୀୟ ବିଧାୟକ ଓ ସାଂସଦ ମଧ୍ୟ ଗତକାଲି ପର୍ଯ୍ୟନ୍ତ ଘଟଣାସ୍ଥଳରେ ପହଂଚି ନଥିଲେ । ଗତକାଲି ସନ୍ଧ୍ୟାରେ ସେମାନେ ସେଠାରେ ପହଁଚିଲା ପରେ ଲୋକଙ୍କ ରୋଶର ଶିକାର ହୋଇଥିଲେ ।

ସେ କହିଥିଲେ, ଏହି ସମସ୍ୟା ମୁଖ୍ୟତଃ ଦୟା, ଲୁଣା ଓ ମକରା ନଦୀର ପ୍ରଦୂଷିତ ଜଳକୁ ଜନସାଧାରଣ ପିଇବା ପାଇଁ ବ୍ୟବହାର କରୁଥିବାରୁ ଘଟୁଛି ବୋଲି କୁହାଯାଉଛି । ଉଲ୍ଲେଖଯୋଗ୍ୟ, ଗଙ୍ଗୁଆ ନଦୀର ଜଳରେ ଭୁବନେଶ୍ୱରର ସ୍ୱିଏଜ ପାଣି ମିଶୁଥିବାରୁ ଓ ଗଙ୍ଗୁଆ ନଦୀର ଜଳ ଦୟା ନଦୀରେ ମିଶୁଥିବାରୁ ଜଳ ପ୍ରଦୂଷିତ ହେଉଛି ଓ ଏହି ଜଳ ପାନୀୟ ଉପଯୋଗୀ ରହୁନାହିଁ ।

ପ୍ରଦୂଷିତ ସ୍ୱିଏଜ ଜଳକୁ ପ୍ରଦୂଷଣରୁ ରୋକିବା ପାଇଁ ଏକ ଟ୍ରିଟମେଂଟ ପ୍ଲାଂଟ ପ୍ରତିଷ୍ଠା ପାଇଁ ପୂର୍ବ ସରକାର ୯୦୦ କୋଟି ଟଙ୍କା ମଞ୍ଜୁରୀ ଦେଇଥିଲେ । ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଓ ନଗର ଉନ୍ନୟନ ବିଭାଗ, ଜଙ୍ଗଲ ପରିବେଶ ବିଭାଗର ସେକ୍ରେଟାରୀଙ୍କ ଉପସ୍ଥିତିରେ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା । ଏହି ଟ୍ରିଟମେଂଟ ପ୍ଲାଂଟ କାମ ପ୍ରାୟ ୮୦ ପ୍ରତିଶତ ଶେଷ ହୋଇଯାଇଥିଲା, ଯାହା ନୂତନ ସରକାର ଆସିବା ପରେ ବନ୍ଦ ହୋଇ ରହିଛି । ସେହିପରି, ଗଙ୍ଗୁଆ ଓ ଦୟା ନଦୀରେ ପ୍ରଦୂଷିତ ଜଳ ନମିଶିବା ଲାଗି ଆଉ ଏକ ଟ୍ରିଟମେଂଟ ପ୍ଲାଂଟ ଲାଗିବ ବୋଲି ଟେଣ୍ଡର ଡକାଯାଇଥିଲେ ସୁଦ୍ଧା ନୂଆ ସରକାର ଆସିବା ପରେ ଏହି କାର୍ଯ୍ୟ ଆଗକୁ ବଢୁନାହିଁ । କଣାସ ପିଏଚ୍‌ସିରେ ଏବେ ଚାବି ଝୁଲୁଛି ।

# ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀରେ ଯୋଗଦେଲେ ଶ୍ରୀମତୀ ସୁରମା ପାଢ଼ୀ

**ଭୁବନେଶ୍ୱର,୨୨।୧ (ମହାଭାରତ):** ଭାରତ ହେଉଛି ଗଣତନ୍ତ୍ରର ଜନନୀ । ଆମର ଏକ ସମୃଦ୍ଧ ଐତିହାସିକ ଗଣତାନ୍ତ୍ରିକ ପରମ୍ପରା ଓ ମୂଲ୍ୟବୋଧ ରହିଛି । ବିଗତ ୭୫ ବର୍ଷ ମଧ୍ୟରେ ନିରପେକ୍ଷ ଓ ସ୍ୱାଧୀନ ମତଦାନ ସହ ନିର୍ବାଚନ ଅନୁଷ୍ଠିତ ହୋଇଛି । କେନ୍ଦ୍ର ଓ ରାଜ୍ୟସ୍ତରରେ ଆମେ ସ୍ୱାଧୀନ ଭାବେ ମତବ୍ୟକ୍ତ କରିବାର ଅଧିକାରକୁ ପ୍ରାଧାନ୍ୟ ଦେଇଆସୁଅଛୁ । ଭାରତର ସଂସଦ ଓ ରାଜ୍ୟ ବିଧାନସଭାଗୁଡ଼ିକ ଏକତା, ଜନସାଧାରଣଙ୍କ ସହଯୋଗ ଓ ସହଭାଗିତା ସହ କାର୍ଯ୍ୟ କାରିଆସୁଛନ୍ତି । ସମାନତା, ସ୍ୱାଧୀନତା, ନ୍ୟାୟ, ସହାବସ୍ଥାନ, ଭ୍ରାତୃତ୍ୱଭାବ ଆମ ସମ୍ବିଧାନର ମୂଳ ଲକ୍ଷ୍ୟ ଓ ଆଭିମୁଖ୍ୟ ହୋଇଥିବାବେଳେ ଦୀର୍ଘ ୭୫ ବର୍ଷ ମଧ୍ୟରେ ଆମେ ଏହା ବଜାୟ ରଖିବାରେ ସହାୟକ ହୋଇପାରିଛୁ ବୋଲି ପାଟନାଠାରେ ଅନୁଷ୍ଠିତ ୮୫ତମ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀରେ ଯୋଗଦେଇ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ପ୍ରକାଶ କରିଛନ୍ତି ।



ସମ୍ବିଧାନର ୭୫ତମ ପୂର୍ତ୍ତି ଉପଲକ୍ଷେ ସମ୍ବିଧାନର ମୂଲ୍ୟବୋଧକୁ ସଶକ୍ତ କରିବା ଦିଗରେ ସଂସଦ ଓ ରାଜ୍ୟ ବିଧାନସଭାଗୁଡ଼ିକର ଅବଦାନ ଉପରେ ଆଲୋଚନାରେ ଅଂଶଗ୍ରହଣ କରି ନିଜ ବକ୍ତବ୍ୟ ଉପସ୍ଥାପନ କରି ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଲେ ଯେ ଆମର ସମ୍ବିଧାନ ସରକାର ଓ ଜନସାଧାରଣଙ୍କ ଅଧିକାରକୁ ସୁରକ୍ଷା ଦେବା ପାଇଁ ସୁନ୍ଦର ସମନ୍ୱୟର ଅବତାରଣା ପାଇଁ ସୁବିଦିତ । ଆମ ରାଜ୍ୟ ଭିଜନ୍ ୨୦୩୬ ଲକ୍ଷ୍ୟକୁ ସାକାର କରି ବିକଶିତ ଓଡ଼ିଶା ଗଠନ ଦିଗରେ କାର୍ଯ୍ୟକରିବା ସହ ୨୦୪୭ ମସିହା ସୁଦ୍ଧା ଅମୃତକାଳ ମଧ୍ୟରେ ବିକଶିତ ଭାରତ ଗଠନ ଲକ୍ଷ୍ୟରେ ଭାଗୀଦାରି ହେବାର ସମସ୍ତ ପ୍ରୟାସ କରୁଅଛି । ଏବେ ରାଜ୍ୟରେ ୧୮ତମ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି । ପ୍ରବାସୀ ଭାରତୀୟଙ୍କ ସହଯୋଗରେ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଏହା ଆଉ ପାଦେ ଆଗେଇ ନେଇ ପାରିବ । ସାମ୍ବିଧାନିକ ମୂଲ୍ୟବୋଧ, ଆଦର୍ଶ ଓ ଗରିମା ବଜାୟ ରଖିବା ଦିଗରେ ଆମେ ସମସ୍ତେ ଏକ ମନ ଓ ପ୍ରାଣ ହୋଇ ଆଗେଇ ଆସିବା ଉଚିତ । ଏ କ୍ଷେତ୍ରରେ ସଂସଦ ଓ ରାଜ୍ୟ ବିଧାନସଭାଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀମତୀ ପାଢ଼ୀ କହିଥିଲେ । ଏହି ଆଲୋଚନାରେ ଉପବାଚସ୍ପତି ଶ୍ରୀ ଭବାନୀଶଙ୍କର ଭୋଇ ମଧ ଅଂଶଗ୍ରହଣ କରି ନିଜସ୍ୱ ମତ ଉପସ୍ଥାପନ କରିଥିଲେ । ରାଜ୍ୟ ସଭାର ଉପାଧ୍ୟକ୍ଷ ଶ୍ରୀ ହରିବଂଶ ନାରାୟଣ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସର୍ବଭାରତୀୟ ସମ୍ମିଳନୀରେ ଲୋକସଭାର ବାଚସ୍ପତି ଶ୍ରୀ ଓମ୍ ବିର୍ଲା ଯୋଗଦେଇ ସଂସଦୀୟ ଗଣତାନ୍ତ୍ରିକ ପ୍ରକ୍ରିୟା ଉପରେ ଆଲୋକପାତ କରିଥିଲେ । ବାଚସ୍ପତି ଶ୍ରୀମତୀ ପାଢ଼ୀ ତାଙ୍କର ଦୁଇଦିନିଆ ପାଟନା ଗସ୍ତ ଅବସରରେ ବିହାର ରାଜ୍ୟପାଳ ଶ୍ରୀ ଅରିଫ ମହମ୍ମଦ ଖାନଙ୍କୁ ରାଜ୍ୟ ରାଜଭବନଠାରେ ଭେଟି ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଗବେଷଣା ଅଧିକାରୀ ଜୟକୃଷ୍ଣ ପ୍ରଧାନ ଓ ପ୍ରଶାନ୍ତ କୁମାର ଦାସ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

# ଇଣ୍ଡିଆ ବ୍ଲକରେ ଫାଟ

ଲୋକସଭା ନିର୍ବାଚନ ପରେ ପରେ ମହାରାଷ୍ଟ୍ର ଏବଂ ହରିୟାନା ବିଧାନସଭା ନିର୍ବାଚନରେ କଂଗ୍ରେସର ପରାଜୟ ପରେ ଇଣ୍ଡିମେଣ୍ଟରେ ଦିନକୁଦିନ ଫାଟ ବଢ଼ିବାରେ ଲାଗିଛି । କିଛି ଦିନ ତଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିରୋଧୀ ମେଣ୍ଟର ନେତୃତ୍ୱ ବଦଳିବା ସପକ୍ଷରେ ମତବ୍ୟକ୍ତ କରିଥିଲେ । ପରୋକ୍ଷରେ ସେ ମେଣ୍ଟର ବୃହତ୍ତମ ଦଳ କଂଗ୍ରେସ ଏବଂ ଏହାର ନେତା ରାହୁଲ ଗାନ୍ଧିଙ୍କୁ ସମାଲୋଚନା କରି ସେ ମେଣ୍ଟକୁ ଉପଯୁକ୍ତ ନେତୃତ୍ୱ ଦେବାରେ ବିଫଳ ହୋଇଥିବା ଅଭିଯୋଗ କରିଥିଲେ । ଏଥିସହିତ ସେ ନିଜେ ଇଣ୍ଡିମେଣ୍ଟର ନେତୃତ୍ୱ ନେବାକୁ ପ୍ରସ୍ତୁତ ବୋଲି କହିଥିଲେ । ତାଙ୍କୁ ମେଣ୍ଟର କିଛି ପ୍ରମୁଖ ଅଂଶୀଦାର ଦଳ ଯଥା ସମାଜବାଦୀ ପାର୍ଟି , ଆରଜେଡି ଏବଂ ଶରଦ ପାୱାରଙ୍କ ଏନସିପି ସମର୍ଥନ କରିଛି । ଏହାକୁ ନେଇ ମେଣ୍ଟରେ ଗୁରୁତର ମତ ବିଭାଜନ ସୃଷ୍ଟି ହୋଇଥିବା ବେଳେ ଏବେ ଆଉ ଏକ ପ୍ରସଙ୍ଗରେ ମେଣ୍ଟରେ ଫାଟ ସୃଷ୍ଟି ହୋଇଛି । ତାହା ହେଲା ଇଭିଏମ ଟାମ୍ପରିଂ ଇସ୍ୟୁ । ହରିୟାନା ଓ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ପରାଜୟକୁ କଂଗ୍ରେସ ସହଜରେ ହଜମ କରିପାରୁନାହିଁ । ପରାଜୟ ନିମନ୍ତେ ଆତ୍ମସମୀକ୍ଷା କରିବା ପରିବର୍ତ୍ତେ କଂଗ୍ରେସ ଏଥିପାଇଁ ଇଭିଏମକୁ ଦାୟୀ କରିଛି । ବିଜେପି ଇଭିଏମ ଗଡ଼ବଡ଼ କରି ନିର୍ବାଚନ ଜିତିଛି ବୋଲି କଂଗ୍ରେସ ଅଭିଯୋଗ କରିଛି । କଂଗ୍ରେସର ଏହି ମତାମତକୁ ସହଯୋଗୀ ଦଳମାନେ ନାପସନ୍ଦ କରିବା ସହ ଏହାକୁ ଖଣ୍ଡନ କରିଛନ୍ତି । ପ୍ରଥମେ ଜାମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏହି ପ୍ରସଙ୍ଗରେ କଂଗ୍ରେସକୁ ସମାଲୋଚନା କରି କହିଛନ୍ତି ଯେ, ଇଭିଏମ ପ୍ରସଙ୍ଗରେ କଂଗ୍ରେସ ସ୍ଥିରତା ବଜାୟ ରଖୁ । ଯେଉଁ ରାଜ୍ୟରେ କଂଗ୍ରେସ ଜିତୁଛି ସେଠାରେ ଇଭିଏମ ଠିକଠାକ ଅଛି, ଆଉ ଯେଉଁଠି ପରାଜିତ ହେଉଛି, ସେଠାରେ ଇଭିଏମ ଗଡ଼ବଡ଼ କରାଯାଉଛି ବୋଲି କଂଗ୍ରେସ କାହିଁକି ଅଭିଯୋଗ କରୁଛି ବୋଲି ଓମାର ପ୍ରଶ୍ନ କରିଛନ୍ତି । ଏହା ଉପରେ କଂଗ୍ରେସ ଏବଂ ନ୍ୟାସନାଲ କନଫରେନ୍ସ ମୁହାଁମୁହିଁ ହୋଇଛନ୍ତି । ନ୍ୟାସନାଲ କନଫରେନ୍ସ ହେଉଛି ଇଣ୍ଡିମେଣ୍ଟର ଏକ ସହଯୋଗୀ ଦଳ । ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନରେ ଦୁଇ ଦଳ ମିଶି ଲଢ଼ିଥିଲେ । ଓମାରଙ୍କ ସରକାରରେ କଂଗ୍ରେସ ଏକ ଅଂଶୀଦାର ଦଳ ଭାବେ ରହିଛି । କିନ୍ତୁ ଏହା ସତ୍ତ୍ୱେ କଂଗ୍ରେସ ଓ ନ୍ୟାସନାଲ କନଫରେନ୍ସ ମଧ୍ୟରେ ଏଭଳି ବାଦ ବିବାଦ ମେଣ୍ଟ ପାଇଁ ଶୁଭଙ୍କର ନୁହେଁ । କହିବା ବାହୁଲ୍ୟ ଯେ, ଜାମ୍ମୁ-କାଶ୍ମୀରରେ ଓମାର ସରକାର ବଞ୍ଚାଇବା ନିମନ୍ତେ କଂଗ୍ରେସ ଉପରେ ନିର୍ଭରଶୀଳ ନୁହଁନ୍ତି । ତେଣୁ ସ କଂଗ୍ରେସକୁ ବେଖାତିର କରୁଛନ୍ତି । ଏହି ପ୍ରସଙ୍ଗରେ କଂଗ୍ରେସ ମଧ୍ୟ ଓମାରଙ୍କୁ ସମାଲୋଚନା କରି କହିଛି ଯେ, ମୁଖ୍ୟମନ୍ତ୍ରୀ ହେବା ପରେ ଓମାରଙ୍କ ସ୍ୱର ବଦଳିଯାଇଛି । ଏବେ ଏହି ପ୍ରସଙ୍ଗରେ ମମତା ବାନାର୍ଜୀ ମଧ୍ୟ କଂଗ୍ରେସକୁ ଟାର୍ଗେଟ କରିଛନ୍ତି । ଇଭିଏମ ଟାମ୍ପରିଂ କରି ନିର୍ବାଚନ ଜିତିହେବ, ତାହା ପ୍ରମାଣିତ କରି ଦେଖାଇବାକୁ ସେ କଂଗ୍ରେସକୁ ଆହ୍ୱାନ କରିଛନ୍ତି । ଯଦିଓ ପଶ୍ଚିମବଙ୍ଗରେ ମମତା ଏକାକି ଲଢୁଛନ୍ତି, କିନ୍ତୁ ସେ ମଧ୍ୟ ବିରୋଧୀ ଇଣ୍ଡିଆ ବ୍ଲକର ସଦସ୍ୟ । ଗୋଟିଏ ମେଣ୍ଟରେ ରହି ସମାନ ପ୍ରସଙ୍ଗରେ ଦୁଇ ଦୁଇଟି ଅଂଶୀଦାର ଦଳ କଂଗ୍ରେସକୁ ସମାଲୋଚନା କରିବା ବାସ୍ତବରେ ରାଜନୈତିକ ଦୃଷ୍ଟିରୁ ବେଶ ଗୁରୁତ୍ୱପୂର୍ଣ୍ଣ । ଯାହା ଆକଳନ କରାଯାଉଛି, ଆଗାମୀ ଦିନରେ ଏହିସବୁ ପ୍ରସଙ୍ଗରେ ଇଣ୍ଡିମେଣ୍ଟ ବିଭାଜିତ ହେବ ଏବଂ ମମତାଙ୍କ ନେତୃତ୍ୱରେ ଆଞ୍ଚଳିକ ଦଳମାନଙ୍କୁ ନେଇ ଏକ ନୂଆ ମେଣ୍ଟ ସୃଷ୍ଟି ହେବ । ନଚେତ ଇଣ୍ଡିଆ ବ୍ଲକରେ ବିଭିନ୍ନ ଅଂଶୀଦାର ଦଳମାନଙ୍କୁ ନେଇ ଏକ ନୂତନ ବ୍ଲକ ବା ପ୍ରେସର ଗ୍ରୁପ ସୃଷ୍ଟି ହେବ । ଏହା ରାହୁଲଙ୍କ ପ୍ରଧାନମନ୍ତ୍ରୀ ହେବା ସ୍ୱପ୍ନକୁ ଦିବାସ୍ୱପ୍ନରେ ପରିଣତ କରିପାରେ ।

# ଗରିବଙ୍କ ସଂଖ୍ୟାକୁ ନେଇ ବିରୋଧାଭାଷ

॥ ଗୋପାଳ ମହାପାତ୍ର ॥

*ଭାରତରେ ଗରୀବ ଲୋକଙ୍କ ସଂଖ୍ୟାକୁ ନେଇ ବରାବର ବିମର୍ଷ ଚାଲିଛି । ଗତ ବର୍ଷ ବିଶ୍ୱବ୍ୟାଙ୍କ ପକ୍ଷରୁ ଏକ ସର୍ବେକ୍ଷଣ ରିପୋର୍ଟ ପ୍ରକାଶ ପାଇଥିଲା । ବିଶ୍ୱବ୍ୟାଙ୍କର ରିପୋର୍ଟ ଅନୁସାରେ ଭାରତରେ ୨୦୧୧ରେ ୨୨.୫ ପ୍ରତିଶତ ଗରୀବ ଥିଲେ କିନ୍ତୁ ୨୦୧୯ରେ ଏମାନଙ୍କ ସଂଖ୍ୟା କମିଗଲା ଓ ୧୦.୨ ପ୍ରତିଶତରେ ପହଞ୍ଚିଲା । ବିଶ୍ୱ ବ୍ୟାଙ୍କ ତଥ୍ୟଓ ଆଇଏମ୍ଏଫ୍ (ଆନ୍ତଜାତୀୟ ମୁଦ୍ରା ପାଣ୍ଠି)ର ରିପୋର୍ଟ ମଧ୍ୟରେ ତାଳମେଳ ନାହିଁ ।*

ଆମ ଦେଶର ଅର୍ଥବ୍ୟବସ୍ଥା ଦୃତଗତିରେ ବଢୁଛି । ଦେଶ ସବୁ କ୍ଷେତ୍ରରେ ନୂଆ ନୂଆ ଉପଲବ୍ଧି ହାସଲ କରୁଛି । କିନ୍ତୁ ସବୁ ପରେ ମଧ ଦେଶରୁ ଦାରିଦ୍ର୍ୟ ହଟାଇବା ଦିଗରେ କୌଣସି ଠୋସ୍ ଫର୍ମୁଲା ଆମ ପାଖରେ ନାହିଁ । ବିଗତ ୭୫ବର୍ଷ ମଧରେ ଅନେକ ଦଳ ଦେଶର ଶାସନ ଗାଦିରେ ବସିଛଁ । ସମସ୍ତେ ଦାରିଦ୍ର୍ୟ ଦୂରୀକରଣ କଥା କହିଛଁ । ଅବସ୍ଥା କିଛି ମାତ୍ରାରେ ସୁଧୁରିଥିଲେ ମଧ ଦାରିଦ୍ର୍ୟ ଦୂରୀକରଣ ଏକ ପ୍ରମୁଖ ସମସ୍ୟା ଭାବେ ରହିଛି । ଅନେକ ସମୟରେ ଚର୍ଚ୍ଚା ହୁଏ ଯେ ଦେଶରୁ ଦାରିଦ୍ର୍ୟ ହଟିଛି ନା ବଢ଼ିଛି ? ଏ ପ୍ରସଙ୍ଗକୁ ନେଇ ଅନେକ ତର୍ଜମା ମଧ କରାଯାଉଛି, କିନ୍ତୁ ଦେଶର ଜନସାଧାରଣ ମଧ ପ୍ରକୃତ କଥା ଜାଣିବା ଉଚିତ୍ ଯେ ଦେଶରୁ ଦାରିଦ୍ର୍ୟକମିଛି ନା ବଢ଼ିଛି ଓ ଯଦି କମିଛି କେତେ କମିଛି ? କିଛି ଦିନ ତଳେ ପ୍ରଧାନମନ୍ତ୍ରୀ ମୋଦୀ ରାଜସ୍ଥାନର ଆଜମିର ଠାରେ ଏକ ଜନସମାବେଶରେ କହିଥିଲେ ଯେ ଦେଶରୁ ଅତି ଗରୀବଙ୍କ ସଂଖ୍ୟା କମିଛି । ପ୍ରଧାନମନ୍ତ୍ରୀଙ୍କ ଭାଷଣର ଏହି କଥାକୁ ବିରୋଧି ଦଳ ରାଜନୈତିକ ଭାଷଣର ଆଖ୍ୟା ଦେଇଛନ୍ତି । କିନ୍ତୁ ଦେଶର ପ୍ରଧାନମନ୍ତ୍ରୀ ଯେତେବେଳେ ସାର୍ବଜନୀନ ଭାବେ (ସାଧାରଣ ସଭାରେ) ଏକଥା କହିଛନ୍ତି ସେତେବେଳେ ତାଙ୍କ କଥାର ଆଧାର/ସତ୍ୟତା ନିଶ୍ଚୟ ଥିବ । ୧୯୭୧ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ 'ଗରିବୀ ହଟାଓ' ସ୍ଲୋଗାନ ଦେଇ ନିର୍ବାଚନ ଜିଣିଥିଲେ । ତା ପରଠାରୁ ଯିଏ ସରକାରକୁ ଆସିଛନ୍ତି ସେଇ ଏକକଥା କହିଛନ୍ତି ।

ତଥ୍ୟ ଅନୁସାରେ ୧୯୫୬-୫୭ରେ ଦେଶରେ ୨୧.୫ କୋଟି ଅର୍ଥାତ୍ ଦେଶର ସମୁଦାୟ ଜନସଂଖ୍ୟାର ପାଖାପାଖି ୮୦ ପ୍ରତିଶତ ଗରୀବ ଥିଲେ । ୧୯୭୩-୭୪ରେ ୫୫ ପ୍ରତିଶତ ଲୋକ ଗରୀବ ବା ଦାରିଦ୍ର୍ୟ ସୀମାରଖା ତଳେ ଥିଲେ । ୧୯୮୩ରେ ଏହି ସଂଖ୍ୟା ୪୫ ପ୍ରତିଶତକୁ ଖସିଆସିଥିଲା । ୧୯୯୯-୨୦୦୦ରେ ସଂଖ୍ୟା ପୁଣି କମି ୨୨ ପ୍ରତିଶତରେ ପହଞ୍ଚିଥିଲା । ୨୦୧୧-୧୨ରେ ୨୧.୯ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ । ଉଲ୍ଲେଖଯୋଗ୍ୟ ଯେ ଦାରିଦ୍ର୍ୟ ସୀମାରେଖା ବାବଦରେ ଏହି ତଥ୍ୟ ଶେଷଥର ପାଇଁ ୨୦୧୧-୧୨ରେ ଜାରି କରାଯାଇଥିଲା । ଅର୍ଥାତ୍ ୨୦୧୧-୧୨ପରେ ଏ ବାବଦରେ ସରକାରୀ ସ୍ତରରେ କୌଣସି ତଥ୍ୟଜାରି କରାଯାଇନାହିଁ । ପ୍ରଧାନମନ୍ତ୍ରୀଙ୍କ ଆଜମିର ସମାବେଶର ଭାଷଣକୁ ବିରୋଧି ବିରୋଧ କରିବାର କାରଣ ରହିଛି । କାରଣ ହେଉଛି ଏବେ ବି ପାଖାପାଖି ୨୨କୋଟି ଭାରତୀୟ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି ବୋଲି କୁହାଯାଉଛି । ଭାରତ ସରକାର ପ୍ରକୃତ ତଥ୍ୟ ପ୍ରଦାନ କରୁନାହାଁନ୍ତି ଓ ତତ୍ୟକୁ ଚପାଇଦେବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ ହେଉଛି । ଏବେ ଏ ପ୍ରସଙ୍ଗରେ ସରକାରୀ ସ୍ତରରେ ସର୍ବେକ୍ଷଣ ଚାଲିଛି ଓ ୨୦୨୪ ପର୍ଯ୍ୟନ୍ତ ଚାଲିବ । କିଛି ତଥ୍ୟ ପ୍ରକାଶ ପାଇବ ନିଶ୍ଚୟ । କିନ୍ତୁ ଏ ବାବଦରେ ତଥ୍ୟ ପ୍ରକାଶ ପାଇବା ପୂର୍ବରୁ ସାଧାରଣ ଲୋକସଭା ନିର୍ବାଚନ ସରିଯାଇଥିବ ଏବଂ ନୂଆ ସରକାର ଗଠନ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବ ।

ଭାରତର ଗରୀବ ଲୋକଙ୍କ ସଂଖ୍ୟା ବାବଦରେ ଅନେକ ସଂସ୍ଥା ରିପୋର୍ଟ ଜାରି କରିଛନ୍ତି । କିନ୍ତୁ ରିପୋର୍ଟର ସଂଖ୍ୟାଠାରୁ ଗରୀବ ଲୋକଙ୍କ ସଂଖ୍ୟା ଅଧିକ ହେବ ବୋଲି ଅନେକ ବିଶେଷଜ୍ଞଙ୍କ ମତ । କାରଣ କୋରୋନା ମହାମାରୀ ପରେ ଦେଶର ୫.୬୦କୋଟି ଲୋକଙ୍କ ସ୍ଥିତି ଖରାପ ହୋଇଯାଇଛି ଓ ଏମାନେ ଦାରିଦ୍ର୍ୟ ସୀମା ରେଖା ତଳକୁ ଚାଲିଯାଇଛନ୍ତି । ଜାତିସଂଘର ଏକ ରିପୋର୍ଟ ଅନୁସାରେ ବିଗତ ୧୫ ବର୍ଷ ମଧ୍ୟରେ ୪୧.୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଉଠି ଆସିଛନ୍ତି । ଜାତିସଂଘ ପକ୍ଷରୁ ଏଇ କିଛିଦିନ ତଳେ ଜାରି କରାଯାଇଥିବା ରିପୋର୍ଟରେ କୁହାଯାଇଛି ଯେ ୨୦୦୫-୦୬ରୁ ୨୦୧୯-୨୦ ମଧରେ ଦାରିଦ୍ର୍ୟ ଦୂରୀକରଣ ଦିଗରେ ଭାରତରେ ଐତିହାସିକ ପରିବର୍ତ୍ତନ ଘଟିଛି ଓ ଗରୀବଙ୍କ ସଂଖ୍ୟା ୪୧.୫କୋଟି କମିଛି । ରିପୋର୍ଟରେ କୁହାଯାଇଛି ଯେ ଭାରତର ୨୦୨୦ର ଜନସଂଖ୍ୟା ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ଓ ଭାରତରେ ୨୨.୮ କୋଟି ଗରୀବ ଲୋକ ଅଛନ୍ତି । ଭାରତ ପରେ ରହିଛି ନାଇଜେରିଆ । ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଭାରତର ବିକାଶ ସତ୍ତ୍ୱେ ଭାରତର ଲୋକେ କୋରୋନା ମହାମାରୀର ପ୍ରଭାବରେ ପ୍ରଭାବିତ ହୋଇଛନ୍ତି ଏବଂ ଖାଦ୍ୟାନ୍ନର ଅଭାବ, ଜାଳେଣି ଗ୍ୟାସର ମୂଲ୍ୟ ବୃଦ୍ଧି ଭଳି ସମସ୍ୟା ଦେଇ ଗତି କରୁଛନ୍ତି । ଭାରତରେ ପୋଷଣ ଏବଂ ଶକ୍ତି ସମସ୍ୟା ରହିଛି ଓ ଏ ବାବଦରେ ଭାରତ ସରକାର ପଦକ୍ଷେପ ନେବା ଆବଶ୍ୟକ ବୋଲି ଜାତିସଂଘ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ।

ଭାରତରେ ଗରୀବ ଲୋକଙ୍କ ସଂଖ୍ୟାକୁ ନେଇ ବରାବର ବିମର୍ଷ ଚାଲିଛି । ଗତ ବର୍ଷ ବିଶ୍ୱବ୍ୟାଙ୍କ ପକ୍ଷରୁ ଏକ ସର୍ବେକ୍ଷଣ ରିପୋର୍ଟ ପ୍ରକାଶ ପାଇଥିଲା । ବିଶ୍ୱବ୍ୟାଙ୍କର ରିପୋର୍ଟ ଅନୁସାରେ ଭାରତରେ ୨୦୧୧ରେ ୨୨.୫ ପ୍ରତିଶତ ଗରୀବ ଥିଲେ କିନ୍ତୁ ୨୦୧୯ରେ ଏମାନଙ୍କ ସଂଖ୍ୟା କମିଗଲା ଓ ୧୦.୨ ପ୍ରତିଶତରେ ପହଞ୍ଚିଲା । ବିଶ୍ୱ ବ୍ୟାଙ୍କ ତଥ୍ୟଓ ଆଇଏମ୍ଏଫ୍ (ଆନ୍ତଜାତୀୟ ମୁଦ୍ରା ପାଣ୍ଠି)ର ରିପୋର୍ଟ ମଧ୍ୟରେ ତାଳମେଳ ନାହିଁ । ଆମେରିକାର ଅର୍ଥନୀତି ବିଶେଷଜ୍ଞ ନୋହ ସ୍ମିଥଙ୍କ ଅନୁସାରେ ବିଗତ ୬ବର୍ଷ ମଧ୍ୟରେ ଭାରତର ଗରୀବ ଲୋକଙ୍କ ସଂଖ୍ୟା କମି ଦେଢ଼କୋଟିରେ ପହଞ୍ଚିଛି । ଗତ ବର୍ଷ ଲୋକସଭାରେ କେନ୍ଦ୍ର ସରକାର ଗରୀବ ଲୋକଙ୍କ ସଂଖ୍ୟାକୁ ନେଇ ତଥ୍ୟ ପ୍ରଦାନ କରିଥିଲେ । ଏ ସମ୍ପର୍କୀତ ଏକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ଗ୍ରାମ୍ୟବିକାଶ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଥିଲା ଯେ ଦେଶର ୨୨ ପ୍ରତିଶତ ଲୋକ ଏବେ ବି ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି । ଲୋକସଭାରେ ଗ୍ରାମ୍ୟ ବିକାଶ ମନ୍ତ୍ରାଳୟ ପକ୍ଷରୁ ଦିଆଯାଇଥିବା ତଥ୍ୟକୁ ତର୍ଜମା କଲେ ସ୍ପଷ୍ଟ ଯେ ଦେଶ ସ୍ୱାଧିନ ହେବା ବେଳେ ୨୫କୋଟି ଗରୀବ ଥିଲେ । ଏବେ ୨୬.୯ କୋଟି ଗରୀବ ଅଛନ୍ତି । ଦେଶରେ ୪୩ କୋଟି ଶ୍ରମିକ ଅଛନ୍ତି । ଏମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଲୋକଙ୍କୁ ନିୟମିତ କାମ ମିଳୁନାହିଁ । ଦେଶର ଜନସଂଖ୍ୟା ୧୪୨କୋଟିରୁ ଅଧିକ ହେଲାଣି । ଏମାନଙ୍କୁ ମଧ୍ୟରୁ ପାଖାପାଖି ୪୧ କୋଟି ଲୋକ ଚାକିରୀ କରିଛନ୍ତି ବୋଲି ତଥ୍ୟ ରହିଛି ହେଲେ ଏହି ସଂଖ୍ୟା ପ୍ରତିବର୍ଷ କମିବାରେ ଲାଗିଛି । ଦେଶର ବେରୋଜଗାରୀ ହାର ୮ ପ୍ରତିଶତ ପାର କରିଗଲାଣି । ଏସବୁ ରିପୋର୍ଟରେ ପୂର୍ବାଗ୍ରହ ଥାଇପାରେ । କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ବିବେକ ଦେବରାୟଙ୍କ ମତରେ ଦେଶର ୧୮ ପ୍ରତିଶତ ଲୋକ ଏବେବି ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି । ପ୍ରଶ୍ନ ହେଉଛି ଏସବୁ ତଥ୍ୟ ପରେ ପ୍ରତିବର୍ଷ ବିପିଏଲ୍ ତାଲିକା ଲମ୍ବିବାରେ ଲାଗିଛି କାହିଁକି ? କେନ୍ଦ୍ର ସରକାର ଦେଶର ପାଖାପାଖି ୮୦କୋଟି ଲୋକଙ୍କୁ ମାଗଣା ଚାଉଳ/ଗହମ ଦେଉଛନ୍ତି କାହିଁକି ?

ଏଣୁ ପ୍ରଧାନମନ୍ତ୍ରୀଙ୍କ ଭାଷଣକୁ ତର୍ଜମା କଲେ 'ଅତି ଗରୀବଙ୍କ ସଂଖ୍ୟା କମିଛି ଓ ଏହାର ଦୂରୀକରଣ ଖୁବ୍ ଶୀଘ୍ର' କଥାକୁ ନେଇ ଅନେକ ପ୍ରଶ୍ନ ଉଠେ । ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ ଅତି ଗରୀବଙ୍କ ସଂଖ୍ୟା କେମିତି କମିବ ସେ ବାବଦରେ ମଧ କିଛି କହିନଥିଲେ । ଦେଶରେ ଧନକୁବେରଙ୍କ ସଂଖ୍ୟା ୧୬୦ରୁ ଅଧିକ ହେଲାଣି କିନ୍ତୁ ଦେଶର ୫୦ ପ୍ରତିଶତରୁ ଅଧିକ ମହିଳା ରକ୍ତହୀନତାର ଶୀକାର । ୬ରୁ ୨୩ ମାସର ମାତ୍ର ୧୧ ପ୍ରତିଶତ ଶିଶୁଙ୍କୁ ପୁରାମାତ୍ରାରେ ଖାଦ୍ୟ ମିଳୁଥିବା ବେଳେ ଅନ୍ୟମାନେ କୁପୋଷଣର ଶୀକାର । ୩୫ ପ୍ରତିଶତଙ୍କୁ ନିୟମିତ କାମ ମିଳୁଛି । ଅନ୍ୟମାନେ ଅଣ ସଂଗଠିତ ଶ୍ରମିକ । ମନରେଗା ଯୋଜନାରେ ମଧ ଏମାନଙ୍କୁ ନିୟମିତ କାମ ମିଳୁନାହିଁ । ଏସବୁ ବିରୋଧାଭାଷ ଥିବା ବେଳେ ଗରୀବଙ୍କ ସଂଖ୍ୟା କମିଛି ବୋଲି ଦିଆଯାଉଥିବା ତଥ୍ୟ (ରିପୋର୍ଟ) ଉପରେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ୍ । ସୁଖଦ କଥା ହେଉଛି ୨୦୨୨-୨୩ରେ ଭାରତର ଆର୍ଥିକ ବିକାଶ ହାର ୭.୨ ପ୍ରତିଶତ ରହିଛି, ବିଶ୍ୱସ୍ତରରେ ଏହା ହେଉଛି ସର୍ବାଧିକ ଏବଂ ଦୃତ ବିକାଶ ହାର । ଫ୍ରାନ୍ସ, ବ୍ରିଟେନ ଏବଂ ଜର୍ମାନୀ ୧ ପ୍ରତିଶତରେ ରହିଛି ଏପରିକି ଚୀନର ବିକାଶ ହାର ଠାରୁ ଭାରତର ବିକାଶ ହାର ଦେଢ଼ଗୁଣା ହୋଇଛି । କୃଷିର ବିକାଶ ହାର ବଢ଼ିଛି । ଦେଶର ଉଦ୍ୟାଗ କ୍ଷେତ୍ର ମଧ ବିକାଶ କରିଛି । କିନ୍ତୁ ପ୍ରଶ୍ନ ଉଠୁଛି ଯେ ବିକାଶ ଏବଂ ଅର୍ଥବ୍ୟବସ୍ଥାର ବିସ୍ତାରର ଲାଭ ସାଧାରଣ ଲୋକଙ୍କ ପାଖରେ ପହଞ୍ଚୁନାହିଁ କାହିଁକି ? ଯଦି ଏହାର ଲାଭ ସାଧାରଣ ଲୋକଙ୍କ ପାଖରେ ପହଞ୍ଚୁଥାନ୍ତା ତେବେ ଦେଶରୁ ଗରୀବ ଲୋକଙ୍କ ସଂଖ୍ୟା କମିଥାନ୍ତା ନିଶ୍ଚୟ । ପ୍ରଧାନମନ୍ତ୍ରୀ ସାର୍ବଜନୀକ ମଞ୍ଚରେ ଯାହା କହିଲେ ତାର ଠୋସ୍ ଆଧାର ଥିବ ନିଶ୍ଚୟ । ଦେଶବାସୀ ପ୍ରଧାନମନ୍ତ୍ରୀଙ୍କ କଥାକୁ ଗୁରୁତ୍ୱ ଦେଉଛନ୍ତି । ଏଣୁ ଆଶା କରାଯାଇପାରେ ଯେ କେନ୍ଦ୍ର ସରକାର ଏ ବାବଦରେ ଗୁରୁତ୍ୱର ସହ କିଛି ଠୋସ୍ ପଦକ୍ଷେପ ନେଇଛନ୍ତି ଅଥବା ନେବାକୁ ଯାଉଛନ୍ତି । ପ୍ରଧାନମନ୍ତ୍ରୀଙ୍କ କଥା ଯଦି ସତ ତେବେ ଖୁବ୍ କମ୍ ଦିନରେ (ବର୍ଷରେ) ଦେଶରୁ ଦାରିଦ୍ର୍ୟ ଦୂରୀକରଣ ହୋଇଯିବ ଓ ଦେଶରେ ଆଉ ଗରୀବ ରହିବେ ନାହିଁ ।

ରାମଚନ୍ଦ୍ରପୁର ରଣପୁର
ମୋ-୯୪୩୮୪୮୫୦୯୪

# କାନ-ନାକ-ଗଳାର ଯତ୍ନ

॥ ନାରାୟଣ ଚନ୍ଦ୍ର ବିଶ୍ୱାଳ ॥

ଗ୍ରୀଷ୍ମଋତୁ ଆସୁ ଆସୁ ତତଲା ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରିପକେଲାଣି । ତତଲା ଖରାକୁ ଅବେଳିଆ କାଳବୈଶାଖୀ ଲୋକମାନଙ୍କ ସ୍ୱାସ୍ଥ୍ୟ ବିଶେଷକରି କାନ-ନାକ-ଗଳା ପରି ଏକ ସମ୍ବେଦନଶୀଳ ଶରୀର ତନ୍ତ୍ୱକୁ ଅବ୍ୟବସ୍ଥିତ କରୁଛି । ପ୍ରାୟତଃ ଖରାଦିନକୁ ନେଇ ଲୋକମାନଙ୍କର ତତ୍ସମ୍ବନ୍ଧୀ ଅନେକ ରୋଗ ରହିଥାଏ । ଆସନ୍ତୁ ଟିକିଏ ଜାଣିବା ଶରୀର ସବୁଠାରୁ ସ୍ପର୍ଶକାତର ଅଙ୍ଗ ହେଉଛି କାନ । ଖରା ଦିନରେ ତୀବ୍ର ଖରା ଓ ଧୂଳି କାନ ପ୍ରବେଶ କଲେ ସ୍ୱାଭାବିକ ଭାବରେ ନାକ ଓ ଗଳାକୁ ସଂକ୍ରମିତ କରିଥାଏ । ଗରମ ପାଗରେ ଥଣ୍ଡା ଚିକିତ୍ସା କରିବାଦ୍ୱାରା ଏହା ଉପଶମ ପରିବର୍ତ୍ତେ ଅନେକ କ୍ଷତିକାରକ ବା ଘାତକ ସାବ୍ୟସ୍ତ ହୋଇଥାଏ । ଆଜିକାଲି ମୋବାଇଲ ଫୋନର ଇୟର ଫୋନ ଅନେକ ବ୍ୟବହାର କରୁଛନ୍ତି । ଘଣ୍ଟା ଘଣ୍ଟା ଧରି ଏହା କାନରେ ଲାଗି ରହୁଛି । କିନ୍ତୁ ତୀବ୍ର ଖରାରେ ମୁଣ୍ଡରୁ ବୋହୁଥିବା ଝାଳ ଏହି ଇୟର ଫୋନର ତୁଳା ଅଂଶକୁ ପ୍ରଭାବିତ କରି କାନର ଭିତର ଭାଗକୁ ବି ସମସ୍ୟା ଉପୁଯାଇଥାଏ । ଖରା ଦିନରେ ବିଶେଷକରି ଯୁବବର୍ଗ ଆଉ ପିଲାମାନେ ନଦୀ, ପୋଖରୀରେ ବୁଡ଼ି ଗାଧୋଇବାର ଆନନ୍ଦ ଦାୟକ ଅଭ୍ୟାସ ରଖିଥାନ୍ତି କିନ୍ତୁ ଦୂଷିତ ଜଳ କାନ ସଂକ୍ରମଣର ପ୍ରଥମ ବୈଶିଷ୍ଟ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ । କେବଳ କାନ ନୁହେଁ ନାକକୁ ବି ଏହା ପ୍ରଭାବିତ କରେ । ଆଗରୁ କାନ-ନାକ-ଗଳାର କୌଣସି ଅସୁବିଧା ଥିଲେ ଖରାଦିନେ ଥଣ୍ଡା ପାଣି ବା ଅନ୍ୟ ବରଫଯୁକ୍ତ ପାନୀୟ ଦ୍ରବ୍ୟ ଏହାର ଯନ୍ତ୍ରଣାକୁ ବଢ଼ାଇବା କାମ କରିଥାଏ । ଉଦୁଉଦିଆ ଖରାରେ ଅନେକ ଜାଗାରେ ଧୂଳି ଓ ବର୍ଜ୍ୟବସ୍ତୁ ପୋଡ଼ା ହେଉଥିବା ପ୍ରଦୂଷଣଯୁକ୍ତ ଧୂଆଁ କାନ ଓ ନାକକୁ ଗଭୀର ଭାବେ ପ୍ରଭାବିତ କରେ । ଉପରୋକ୍ତ ସମସ୍ୟାରୁ ମୁକ୍ତ ରହିବା ପାଇଁ ନିମ୍ନ ଲିଖିତ ଉପାୟମାନ ଅନୁକରଣୀୟ ।

ଠିକ୍ ସମୟରେ ଖାଦ୍ୟପେୟ ଖାଇବା, ଉପବାସ ଠାରୁ ଦୂରେଇ ରହିବେ, ଭୋକ ପେଟରେ ରହିବେ ନାହିଁ । ଥଣ୍ଡା ଉପୁଜୁଥିବା ଖାଦ୍ୟଦ୍ରବ୍ୟ ଠାରୁ ଦୂରରେ ରହିବେ ଯଥା ବାଶୀ ପଖାଳ ଖଟା, ଆଇସକ୍ରିମ, ଫ୍ରିଜପାଣି, କୋଲଡ୍ରିଙ୍କସ୍ ଠାରୁ ଦୂରେଇ ରହିବେ । ପଖାଳ ଖାଉଥିବା ଲୋକମାନେ ତୋରାଣି ନପିଇ ପାଣି ପିଇବାର ଅଭ୍ୟାସ ରଖନ୍ତୁ । ବାସି ଖାଦ୍ୟ ଫ୍ରିଜରେ ଖାଦ୍ୟ ରଖି ପରବର୍ତ୍ତୀ ସମୟରେ ଗରମ କରି ଖାଇବା, ବଜାରର ତଥାକଥିତ ଫାଷ୍ଟଫୁଡ ଏବଂ ଅଧିକ ମାତ୍ରାରେ ଆମିଷ ଏସବୁ ଠାରୁ ଦୂରେଇବା ଭଲ । ନିଶାଦ୍ରବ୍ୟ ଠାରୁ ଦୂରେଇବା ସହ ଆପଣଙ୍କ ଖାଦ୍ୟ ତାଲିକାରେ ସବୁଜ ପନିପରିବା, ଶାଗ ଓ ଫଳ ରଖନ୍ତୁ । ସମ୍ଭବ ହେଉଥିଲେ ପ୍ରତିଦିନ ଗୋଟିଏ ପଇଡ଼ ପିଅନ୍ତୁ । ଶୋଷ ହେଲେ ଏକାଥରକେ ଦୁଇ ଗ୍ଲାସରୁ ଅଧିକ ପାଣି ପିଅନ୍ତୁନାହିଁ ଆବଶ୍ୟକ ପଡ଼ିଲେ ଘଣ୍ଟାଏ ଛାଡ଼ି ପିଇ ପାରିବେ ।

ଏହି ଋତୁରେ ପୂର୍ବରୁ ରକ୍ତଚାପ ଥିବା ରୋଗୀ, ସ୍ନାୟୁଜନିତ ବଧିରତାର ଶିକାର ହୁଅନ୍ତି ତେଣୁ ଏହି ରୋଗୀମାନେ ଏହି ସମୟରେ ରକ୍ତଚାପକୁ ନିୟନ୍ତ୍ରଣ ପାଇଁ ଚିକିତ୍ସା ରଖିବା ଉଚିତ । ରକ୍ତଚାପ ନିୟନ୍ତ୍ରଣରେ ନ ରହିଲେ ଏହା ବଧିରତାର ବଡ଼ ଘାତକ କାରଣ ହୋଇପାରେ ।

କାନ କୁଣ୍ଡାଇବା ପରି ଆବଶ୍ୟକ କଲେ ଶୋଧିତ ତୁଳାକାଠି ବ୍ୟବହାର କରନ୍ତୁ । ଯେକୌଣସି ଜିନିଷକୁ କାନ ଭିତରେ ପୁରାଇବାର କୁଅଭ୍ୟାସ ଠାରୁ ଦୂରେଇ ରୁହନ୍ତୁ । ଏହି ଅଭ୍ୟାସ ଦ୍ୱାରା କାନର ପ୍ରବେଶ ପଥ କୁହାଯାଉଥିବା ଅଞ୍ଚଳଟି ପ୍ରାରମ୍ଭିକ ଭାବରେ କ୍ଷତାକ୍ତ ହୋଇଥାଏ । କେତେକ ଲୋକଙ୍କ କ୍ଷେତ୍ରରେ କଣା ମଧ ହୋଇଯାଏ ଯାହାକି କାନ ପାଇଁ ଅତ୍ୟନ୍ତ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ । ବାହାର ଜିନିଷ କାନ ମଧ୍ୟକୁ ପୁରାଇବା ଦ୍ୱାରା କାନ ସଂକ୍ରମଣ ମଧ ହୋଇଥାଏ ଯାହାପାଇଁ ପରବର୍ତ୍ତୀ ସମୟରେ ଅପରେସନ ଦରକାର ପଡ଼ିଥାଏ ।

ସାଧାରଣତଃ ଥଣ୍ଡାରୁ ପ୍ରଭାବିତ ଲୋକମାନେ ରାତିରେ ଶୋଇଲାବେଳେ କାନରେ ତୁଳା ଦେଇ ଶୋଇଲେ ଭଲ । ଥଣ୍ଡାରୁ ପ୍ରଭାବିତ ଲୋକମାନେ ମୁଣ୍ଡ ସଫା କରୁଥିଲେ ଥଣ୍ଡା ଟାବ୍ଲେଟ ଖାଇ ଘଣ୍ଟାଏ ପରେ ମୁଣ୍ଡ ସଫା କରିବା ଉଚିତ । ଖରାଦିନେ ପୋଖରୀ ବା ନଦୀରେ ଅନେକ ଲୋକ ମୁଣ୍ଡ ବୁଡ଼ାଇ ଗାଧୋଇବାକୁ ଭଲ ପାଆନ୍ତି କିନ୍ତୁ ଏହାଦ୍ୱାରା କାନ ମଧ୍ୟକୁ କେବଳ ଅପରିଷ୍କାର ପାଣି ନୁହେଁ କିଛି ସଂକ୍ରାମକ କାରକ ମଧ ଆପଣଙ୍କ ଅଜାଣତରେ ପଶିଯାଆନ୍ତି ଯାହାକି ସଙ୍ଗେ ସଙ୍ଗେ ନ ହେଲେ ବି ପରବର୍ତ୍ତୀ ସମୟରେ ବଡ଼ ସମସ୍ୟାର କାରଣ ହୋଇଥାଏ ।

ଖରାଦିନେ କିଛି କ୍ଷେତ୍ରରେ ସର୍ଦ୍ଦି ରହିଥିଲେ ଏହା ଗଳାକୁ ବି ସଂକ୍ରମଣ କରିବାକୁ ବାଟ କଢ଼ାଏ । ସର୍ଦ୍ଦିକୁ ଉପଷମ କରାଇବା ପାଇଁ ଆପଣଙ୍କ ହାତପାହାନ୍ତାରେ ଥିବା ଦେଶୀୟ ଚିକିତ୍ସା ଆପଣେଇ ପାରନ୍ତି ବା ଏଲୋପାଥିକର ସାହାଯ୍ୟ ନେଇପାରନ୍ତି ।

ନିୟମିତ ଭାବେ କାନୁ ସଫା ରଖନ୍ତୁ, ଟୁଣୁକା ଟୁଣୁକି କୌଣସି ତେଲ ବା କାଠି କାନ ଭିତରକୁ ପୁରାନ୍ତୁ ନାହିଁ । ବଜାରରେ ଏବେ କିଛି କାନ ସଫା କରୁଥିବା ବୁଲାଲୋକମାନେ ମିଳୁଛନ୍ତି । ଯେଉଁମାନେ ପାଞ୍ଚ ଦଶମିନିଟରେ ଆପଣଙ୍କ କାନ ସଫା କରିଦିଅନ୍ତି । ସେମାନଙ୍କ ଦ୍ୱାରା ଆଦୌ କାନ ସଫା କରନ୍ତୁ ନାହିଁ । କାରଣ ଏହାଦ୍ୱାରା ଆପଣଙ୍କ କାନ ଗଭୀର ଭାବେ ପ୍ରଭାବିତ ହେବା ସହ କ୍ଷତି ମଧ ପହଞ୍ଚାଇଥାଏ । ସେମାନେ ବ୍ୟବହାର କରୁଥିବା କାନସଫା ତେଲ ସ୍ୱାସ୍ଥ୍ୟପ୍ରଦ ନୁହଁ । ଏ ଦିଗକୁ ଭଲ ଭାବେ ମନେରଖନ୍ତୁ । ଖରାଦିନେ ପ୍ରାୟତଃ ଏସି ବା କୁଲର ବ୍ୟବହାର କରିବାକୁ ଅନେକ ଭଲ ପାଆନ୍ତି । କେହି କେହି କାନ ଆଡ଼କୁ ଥଣ୍ଡା ପବନର ଦିଗକୁ ଦେଖାଇଥାନ୍ତି । ଯାହାଦ୍ୱାରା କାନ ଭିତରକୁ ପ୍ରବଳ ମାତ୍ରାରେ ଥଣ୍ଡା ପବନ ପଶିଯାଏ । ଏହା ପରବର୍ତ୍ତୀ ସମୟରେ ଆପଣଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଥାଏ । କାନ ହେଉଛି ମଣିଷ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହା ସହିତ ନାକ ଓ ଗଳାର ସମ୍ପର୍କ ରହିଥିବାରୁ ଶରୀରର ଆଭ୍ୟନ୍ତରୀଣ କ୍ଷେତ୍ରକୁ ଏହା ସିଧାସଳଖ ସମ୍ପର୍କ ରଖିଥାଏ । ତେଣୁ ଏହାର ଯତ୍ନ ସତର୍କତାର ସହିତ ନିଅନ୍ତୁ । ଏବେ ମୋବାଇଲକୁ ସହଜରେ ଶୁଣିବା ପାଇଁ ବା ସଙ୍ଗୀତକୁ ଶୁଣିବା ପାଇଁ ଇୟର ଫୋନ ବହୁଳ ଭାବରେ ବ୍ୟବହାର କରାଯାଉଛି । ଏହାକୁ ଯଥାସମ୍ଭବ କମ ବ୍ୟବହାର କରନ୍ତୁ । କାନ ଭିତରକୁ ଯେପରି ଧୂଳି ବା ପବନ ନଯିବ ସେ ଦିଗ ପ୍ରତି ସଚେତନ ରୁହନ୍ତୁ ।

ଏସବୁ ସତ୍ତ୍ୱେ ଯଦି କାନ-ନାଗ-ଗଳାର ସଂକ୍ରମଣ ହୋଇଥାଏ ତେବେ ତୁରନ୍ତ କର୍ଣ୍ଣ-ନାସା-ଗଳା ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

ବାକ୍ ଶ୍ରବଣ ବିଶେଷଜ୍ଞ, ଧ୍ୱନୀ, କାଠଗୋଲାରୋଡ଼,
ମଙ୍ଗଳାବାଗ, କଟକ
ଦୂରଭାଷ : ୯୪୩୮୨୭୬୭୬୦

# ଭାରତୀୟ ଆଧ୍ୟାତ୍ମିକ ଚେତନାରେ ଯୋଗ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ଯୋଗ, ଭାରତୀୟ ସଂସ୍କୃତିରେ ବହୁ ପୁରାତନ ଯୁଗରୁ ପ୍ରଚଳିତ । ଆଜିର କରୋନା ମହାମାରୀ ବିଭୀଷିକା ସମୟରେ ଯୋଗର ପ୍ରାସଙ୍ଗିକତା ଓ ଗୁରୁତ୍ୱ ଅନେକ ବଢ଼ିଯାଇଛି । ମହର୍ଷି ପାତଞ୍ଜଳି, ଅଷ୍ଟାଙ୍ଗଯୋଗ ସୂତ୍ର ପ୍ରଣୟନ କରି, ଯୋଗ ପାଇଁ ନୀତି, ନିୟମ ଏବଂ ବିଭିନ୍ନ ଆସନ ନିର୍ଣ୍ଣୟ କରି ଯାଇଥିଲେ । ସେହି ଯୁଗରୁ ଯୋଗ ଭାରତ ବର୍ଷରେ ଆଧ୍ୟାତ୍ମିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛି, ମାତ୍ର ଯୋଗ ମୁଖ୍ୟତଃ ସାଧୁସନ୍ଥ, ସନ୍ନ୍ୟାସୀମାନଙ୍କ ମଧରେ ସୀମିତ ଥିଲା । ସୁସ୍ଥ ଜୀବନ ଯାପନ କରିବା ସଙ୍ଗେ ସଙ୍ଗେ ରୋଗ ପ୍ରତିରୋଧକ ପଦକ୍ଷେପ ନେଇ ସାଧାରଣ ରୋଗ ଠାରୁ ଦୂରରେ ରହିବା ପାଇଁ ସମଗ୍ର ବିଶ୍ୱରେ ଯେତେବେଳେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ବୈଜ୍ଞାନିକମାନେ ବିଭିନ୍ନ ରିସର୍ଚ୍ଚ ମାଧ୍ୟମରେ ସେମାନଙ୍କ ସୁଚିନ୍ତିତ ମତ ଦେଲେ, ସେତେବେଳେ ଭାରତରେ ବହୁ ପୁରାତନ କାଳରୁ ସ୍ୱାସ୍ଥ୍ୟ ରକ୍ଷାକୁ ନେଇ ପ୍ରଚଳନ ଥିବା ଯୋଗାଭ୍ୟାସକୁ ସୁନ୍ଦର ସ୍ୱାସ୍ଥ୍ୟ ରକ୍ଷା ପାଇଁ ଏକ ପ୍ରକୋଷ୍ଟ ମାର୍ଗ ବୋଲି ମତ ଦେଲେ ଏବଂ ଯୋଗର ପ୍ରଚାର ପ୍ରସାର ହେଲା ।

ଯୋଗ ସମ୍ବନ୍ଧୀୟ ଉପଦେଶ ସର୍ବପ୍ରଥମେ ହିରଣ୍ୟଗର୍ଭ ବ୍ରହ୍ମା ସନକାଦିକୋଙ୍କୁ ଓ ପରେ ସୂର୍ଯ୍ୟଙ୍କୁ ଦେଇଥିଲେ । ପରେ ଏହା ଦୁଇ ଭାଗରେ ବିଭକ୍ତ ହୋଇଗଲା । ପ୍ରଥମଟି ବ୍ରହ୍ମାଯୋଗ, ଦ୍ୱିତୀୟଟି କର୍ମଯୋଗ । ବ୍ରହ୍ମାଯୋଗର ପରମ୍ପରା ସନକ, ସନନ୍ଦନ, ସନାତନ, କପିଳ, ଆସୁରୀ, ବୌଦ୍ଧ ଓ ପଞ୍ଚଶିଖ ନାରଦ ଶୁକାଦିଙ୍କୋ ଆରମ୍ଭ କରିଥିଲେ । ଏହା ଲୋକଙ୍କ ମଧରେ ଜ୍ଞାନ, ଆଧ୍ୟାତ୍ମ୍ୟ ଓ ସାଂଖ୍ୟ ଯୋଗ ନାମରେ ପ୍ରସିଦ୍ଧ ହେଲା । ସେହିପରି କର୍ମଯୋଗର ପରମ୍ପରା ସୂର୍ଯ୍ୟଙ୍କର ଅଟେ । ସୂର୍ଯ୍ୟ ପ୍ରଥମେ ମନୁଙ୍କୁ, ମନୁ ଇକ୍ଷ୍ୱଭାଙ୍କୁ ଇକ୍ଷ୍ୱଭା ରାଜା, ପ୍ରଜାଙ୍କୁ ଯୋଗ ସମ୍ବନ୍ଧୀୟ ଉପଦେଶ ଦେଇଥିଲେ । ଏହି ସବୁ ତଥ୍ୟ ବେଦ ଏବଂ ପୁରାଣରେ ଉଲ୍ଲେଖ ରହିଛି । ବେଦକୁ ସଂସାରର ପ୍ରଥମ ପୁସ୍ତକ ଭାବେ ଗ୍ରହଣ କରାଯାଏ । ଗୁରୁ ଶିଷ୍ୟ ପରମ୍ପରା ଦ୍ୱାରା ଏହା ପିଢ଼ି ପରେ ପିଢ଼ିକୁ ଯାଇଥିଲା । ତେବେ ଭାରତରେ ଯୋଗର ସବୁଠାରୁ ଆଶ୍ଚର୍ଯ୍ୟଜନକ ସନ୍ଧାନ ୧୯୨୦ ମସିହାରେ ହୋଇଥିଲା । ହିନ୍ଦୁ, ଜୈନ ଏବଂ ବୌଦ୍ଧ ଧର୍ମରେ ଯୋଗ ଭିନ୍ନ ଭିନ୍ନ ଭାବରେ ବର୍ଣ୍ଣନା କରାଯାଇଛି । ମାତ୍ର ଏହାର ମୂଳ ବେଦ ଓ ଉପନିଷଦ ହିଁ ଅଟେ । ଏହା ପରେ ଯୋଗର ପ୍ରଚଳନ ବଢ଼ିଥିଲା । ଯୋଗ ସଂସ୍ଥାନ, ପୀଠ ଓ ଆଶ୍ରମ ଆଦି ହେବାକୁ ଲାଗିଲା । କୁହାଯାଏ, ଭଗବାନ ଶଙ୍କରଙ୍କ ପରେ ବୈଦିକ ଋଷିମୁନି ଯୋଗର ପ୍ରାରମ୍ଭ କରିଥିଲେ । ପରେ କୃଷ୍ଣ, ମହାବୀର ଓ ବୁଦ୍ଧ ଏହାକୁ ନିଜ ଅନୁସାରେ ବିସ୍ତାର କରିଥିଲେ । ମାତ୍ର ପତଞ୍ଜଳି ଏହାକୁ ସୁବ୍ୟବସ୍ଥିତ ରୂପ ଦେଇଥିଲା । ଏହି ରୂପକୁ ପରେ ସିଦ୍ଧପନ୍ଥି, ଶୈବପନ୍ଥି, ନାଥପନ୍ଥି, ବୈଷ୍ଣବ ଓ ଶକ୍ତି ପନ୍ଥି ମାନେ ନିଜ ନିଜ ଅନୁସାରେ ବିସ୍ତାର କରିଥିଲେ । ଯୋଗ ପରମ୍ପରା ଓ ଶାସ୍ତ୍ରକୁ ନେଇ ଏକ ବିସ୍ତୃତ ଇତିହାସ ରହିଛି ମାତ୍ର, ଏହି ଇତିହାସ ମଧ୍ୟରୁ କେତେକ ହଜିଯାଇଥିବା ବେଳେ କେତେକ ଆଫଗାନିସ୍ଥାନ, ହିମାଳୟର ଗୁମ୍ଫା, ତାମିଲନାଡୁ, ଆସାମ ସହିତ ବର୍ମାର ଜଙ୍ଗରେ ରହିଥିବାର କୁହାଯାଏ । ଯେପରି ପ୍ରଭୁ ରାମଙ୍କ ଚିହ୍ନ ଭାରତର ଦ୍ୱୀପ ମହାଦ୍ୱୀପରେ ଦେଖିବାକୁ ମିଳିଥାଏ, ସେହିପରି ଯୋଗ କରୁଥିବା ଯୋଗୀ ଓ ତପସ୍ୱୀଙ୍କ ଚିହ୍ନ ବିଭିନ୍ନ ଜଙ୍ଗଲ, ପାହାଡ଼ ଓ ଗୁମ୍ଫାରେ ଆଜି ବି ଦେଖିବାକୁ ମିଳେ । ଯୋଗ ଦ୍ୱାରା ମନ ଓ ଶରୀର, ବିଚାର ଓ କର୍ମ ମଧ୍ୟରେ ଏକତାର ଭାବନା ସୃଷ୍ଟି ହୁଏ । ପ୍ରକୃତି ସହ ସମନ୍ୱୟ ରକ୍ଷା କରି ଚଳିବାରେ ସାହାଯ୍ୟକରେ । ଏହା ମଣିଷର ସାମଗ୍ରିକ ବିକାଶ ଲାଗି ଉଦ୍ଦିଷ୍ଟ । ଜୀବନଶୈଳୀକୁ ପରିବର୍ତ୍ତନ ସହିତ ଆତ୍ମଚେତନାର ଜାଗ୍ରତ ଏହାର ଲକ୍ଷ୍ୟ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ
ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ଦୂରଭାଷ : ୯୯୩୭୧୭୨୮୧୦



**ମହାଭାରତ**

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ଗୁରୁବାର ୨୩ଜାନୁୟାରୀ ୨୦୨୫

୧୫୬୧୧।



## ଦଶପଲ୍ଲା ଏନ୍ଏସି ରେ ଯୋଗଦେଲେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ



ଦଶପଲ୍ଲା (ମହାଭାରତ) : ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦରେ ଯୋଗଦେଲେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି। ସୂଚନା ମୁତାବକ ସେ ପୂର୍ବରୁ ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦରେ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ବର୍ତ୍ତମାନ ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦରେ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଚନ୍ଦ୍ରଶେଖର ବାରିକ ଆଜି ଶ୍ରୀ ମହାନ୍ତିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି।

## ଗଜପତି ଜିଲ୍ଲାର ୪୫ ଗୋଟି ସୋସାଇଟିରୁ ଧାନ କ୍ରୟ କରାଯାଉଛି



ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଓ ଜିଲ୍ଲା ପ୍ରଶାସନର ନିଷ୍ପତ୍ତି କ୍ରମେ ଜିଲ୍ଲା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଚଳିତ ୨୦୨୪-୨୫ ଖରିଫ ବର୍ଷରେ ଜିଲ୍ଲାର ୪୫ ଗୋଟି ମଣ୍ଡି ଖୋଲାଯାଇଛି। ଚାଷୀଙ୍କ ଉତ୍ପାଦିତ ଧାନ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଦର ଅନୁସାରେ ଧାନର ସର୍ବନିମ୍ନ ସହାୟତା ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ଉପରେ ୮୦୦ ଟଙ୍କାର ଇନ୍ ପୁଟ ସହାୟତା ସହିତ ସମୁଦାୟ ୩୧୦୦/- ଟଙ୍କା ପ୍ରଦାନ କରାଯିବୟ ନିକଟସ୍ଥ ପ୍ରାଥମିକ କୃଷି ସମବାୟ ସମିତି କେନ୍ଦ୍ରରୁ ଧାନ କିଣାଯାଉଛି। ଆଜି ସୁଦ୍ଧା ଜିଲ୍ଲାରେ ୭୭ ହଜାର କ୍ୱି□ାଲ ଧାନ କିଣାଯାଇଛି । ଜିଲ୍ଲାରେ ୨ ଲକ୍ଷ ୧୨ ହଜାର ୨୧୨ କ୍ୱି□ାଲ ଧାନ କିଣାର ଟାର୍ଗେଟ ବର୍ଣ୍ଣା ହୋଇ ସରିଛି । ଯାହାକି ପ୍ରଥମ ପର୍ଯ୍ୟାୟରେ ୫ ଲକ୍ଷ ୮୯ ହଜାର ୯୮୫ କ୍ୱିଣ୍ଟାଲ ଧାନ କିଣାଯିବାର ଲକ୍ଷ ରଖାଯାଇଛ। ଧାନ କ୍ରୟ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଅଛି।ଏଣୁ ଚାଷୀ ଭାଇଭଉଣୀ ମାନେ ଏଥିପ୍ରତି ବ୍ୟସ୍ତ ବିବ୍ରତ ନହେବା ପାଇଁ ଅନୁରୋଧ କରାଯାଉଛି । ଜିଲ୍ଲାରେ ଆସନ୍ତା ମାର୍ଚ୍ଚ ମାସ ୩୧ ପର୍ଯ୍ୟନ୍ତ ଧାନ ବିକ୍ରୟ କରିବା ପାଇଁ ସମସ୍ତ କୃଷକ ଭାଇ ଭଉଣୀମାନଙ୍କୁ ଅନୁରୋଧ କରାଯାଉଛି । ଧାନ ବିକ୍ରୟ କରିବା ପାଇଁ ଜିଲ୍ଲାରେ ୧୫ ହଜାର ୪୯୧ ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତିୟ ଧାନ କ୍ରୟ କରିବା ୨୪ ଘଣ୍ଟା ପରେ ଡାଇରେକ୍ଟ ନିଜ ବ୍ୟାଙ୍କ ଖାତାକୁ ପଇସା ଜମା କରାଯିବ ବୋଲି ଆଜି ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ରାଜେନ୍ଦ୍ର ମିଞ୍ଜ ଜଣାଇଛନ୍ତି।ଏହି ସମ୍ପର୍କରେ ସମସ୍ତ କୃଷକ ଭାଇ ଭଉଣୀମାନଙ୍କୁ ସଚେତନତା କରାଯାଉଅଛି ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ପ୍ରଫୁଲ୍ଲ କୁମାର ବେହେରା ସୂଚନା ଦେଇଛନ୍ତି। ଯଦି କୌଣସି ଚାଷୀର ଆପତ୍ତି ଅଭିଯୋଗ ରହିଥିଲେ ୧୯୬୭ ନମ୍ବର କୁ ଯୋଗାଯୋଗ କରି ସଂପୂର୍ଣ୍ଣ ସହାୟତା ପାଇପାରିବେ ବୋଲି ମଧ କହିଛନ୍ତ।

## ଖଜୁରିଆକଟାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର,୫୯ ୟୁନିଟ ରକ୍ତ ସଂଗ୍ରହ



ହିନ୍ଦୋଳ(ମହାଭାରତ)ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସର ରେ ବୁଧବାର ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘ ହିନ୍ଦୋଳ ଖଣ୍ଡ ଆନୁକୂଲ୍ୟରେ ଅଯୋଧାରେ ରାମ ଲାଲା ଙ୍କ ପ୍ରାଣପ୍ରତିଷ୍ଠାର ପ୍ରଥମ ବାର୍ଷିକୀ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣିଙ୍କ ପ୍ରତିନିଧି ସୁଶାନ୍ତ ପତି ଉଦଘାଟକ ଓ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁକୁମାର ବିଶ୍ୱାଳ , ଖଣ୍ଡ କାର୍ଯ୍ୟବାହ ତପନ କୁମାର ସାମଲ , ଜିଲ୍ଲା ସେବା ପ୍ରମୁଖ ଅଶ୍ୱିନି କୁମାର ପତି , ଖଣ୍ଡ ସେବାପ୍ରମୁଖ ପ୍ରମୋଦ କୁମାର ରାଜ, ସାମାଜିକ ସମରସତା ପ୍ରମୁଖ ସନ୍ତୋଷ ସାହୁ ,ବରିଷ୍ଠ କର୍ମକର୍ତ୍ତା ପବିତ୍ର ମୋହନ ଦାସ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱୋଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରଥମେ ସ୍ୱୟଂସେବକ ଦୀପକ ବେହେରା ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରିବାପରେ ଅନ୍ୟ ମାନଙ୍କୁ ଉତ୍ସାହିତ କରିଥିଲେ । ଉକ୍ତ ଶିବିର ରେ ମୋଟ ୫୯ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ।ଡାକ୍ତର ସ୍ୱରୂପ ରଂଜନ ସାହୁ , ରୋଜାଲିନ ପୃଷ୍ଟିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଢେଙ୍କାନାଳ ବ୍ଲଡ ବ୍ୟାଙ୍କ କର୍ମଚାରୀ କାର୍ତ୍ତିକ ପଣ୍ଡା , ରାକେଶ ବେହେରା , ଅଭିମନ୍ୟୁ ସାହୁ ,ତପନ ଜେନା ,ଅଜୟ ସ୍ୱାଇଁ ଶିବିର ରେ ରକ୍ତ ସଂଗ୍ରହ କରିଥିବା ସମୟରେ ସ୍ୱୟଂସେବକ ପ୍ରଦିପ୍ତ ବାରିକ , ପ୍ରତାପ ରଥ ଓ ସଞ୍ଜିବ କୁମାର ମହାପାତ୍ର, ଶଶିଭୁଷଣ ବେହେରା , ଦୟାନିଧି ଦାସ , ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାମଣି , ଶୁଭ୍ରାଂଶୁ ସାମନ୍ତ , ନଗେନ ନାଏକ , ମାନସ ମହାରଣା ପ୍ରମୁଖ ସମସ୍ତଙ୍କୁ ସକ୍ରିୟ ସହଯୋଗ କରିଥିଲେ।

# ପନ୍ଦର ଦିନ ନ ପୁରୁଣୁରୁ ଉଠିଲା ପିଚ

ହାଟଡିହି(ମହାଭାରତ): ହାଟଡିହି ବ୍ଲକ କେତେକ ରାସ୍ତାରେ ଏବେ ପିଚ୍ ମନଇଚ୍ଛା ହେଉଥିବା ଦେଖିବାକୁ ମିଳୁଛି । ଯାହାକି ସୂଚନା ଅନୁଯାୟୀ ଆମ୍ବୋ ପଞ୍ଚାୟତ ର ଇସଲା ଛକ ଠାରୁ ଭୟା ତେମଳା ଦେଇ ମତାବାଜ୍ କୁ ସଂଯୋଗ କରୁଥିବା ଏହି ଏବେ ନିମ୍ନ ମାନର। ଯାହାକୁ ଦେଖି ଲେ ଆପଣ କହିବେ ମାନିବାକୁ ପଡ଼ିବ ତୁମ ବୁଦ୍ଧି କୁୟ ହଁ ଆଜ୍ଞା ଏହି ବ୍ଲକ ରେ ଏବେ ଠିକାଦାର ଙ୍କ ଠାରୁ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ବେଶ୍ ଭଲ ସମ୍ପର୍କ ସ୍ଥାପନା କରି ବିଲ୍ କରିବାରେ ମଶଗୁଲ। ହେଲେ ଯିଏ କହିଲା ହେଲା ଖରାପ । ସରକାର ଙ୍କ ତହବିଲ ରୁ ୫୦ ଲକ୍ଷ୍ୟ ରୁ ଅଧିକ ଟଙ୍କା ରେ ବ୍ୟୟ ବରାଦ ହୋଇଥିବା ଏହି ରାସ୍ତା କଥା ନକହିବା ଭଲ। ଯାହାକି ଖରାପ କ୍ୱାଲିଟୀ ପିଚ୍ ଏବଂ ଉପକୁକ୍ତ ପରିମାଣ ସବ୍ ବେଶ ନଥିବାରୁ ମାତ୍ର ପନ୍ଦର ଦିନରେ ପୁରୀ ନଥିବା ବେଳେ ପିଚ୍ ସବୁ ଫଡା ଫଡା ହୋଇ ଉଠି ଲାଣି। କିନ୍ତୁ ଉକ୍ତ ଅଞ୍ଚଳ ର ଲୋକେ ଏଭଳି ରାସ୍ତା ଉପରେ ବିଶେଷ ଜ୍ଞାନ ନଥିବାରୁ ଠିକାଦାର ଓ ଯନ୍ତ୍ରୀ ଦିନରେ ଚୂନ ମାରିବା ଭଳି କାମ କରି ବିଲ୍ ରେ ବ୍ୟସ୍ତ ଥିବା ଦେଖିବାକୁ ମିଳିଛି। ଅପେକ୍ଷା ଏହି ରାସ୍ତା ର ମାନ ଚେକ୍ କରିବାକୁ ଆସୁଥିବା



ବାବୁ ମାନେ ସାଲିସ କରୁ ଛନ୍ତି ନା ପୁନଃ କାମ କରୁଛନ୍ତି। କାରଣ ଏହା ଜିଲ୍ଲା ବର୍ତ୍ତମାନ ର ମୁଖ୍ୟମନ୍ତ୍ରୀ ଙ୍କ ଫୋକସ୍‌ରେ।

## ରାଇରଙ୍ଗପୁର ସହରର ୱାର୍ଡ ନମ୍ବର ଦୁଇ ବାଇଦାପୋଷିରେ ପ୍ରଶାସନ ତରଫରୁ ଦୁଇ ଦିନ ଧରି ଜବରଦଖଲକାରୀ ଉଚ୍ଛେଦ ଜାରି

ରାଇରଙ୍ଗପୁର(ମହାଭାରତ): ରାଇରଙ୍ଗପୁର ସହରରେ ଦିନକୁ ଦିନ ଜବରଦଖଲକାରୀଙ୍କ ଜବରଦଖଲ ଯୋଗୁଁ ସଙ୍କୁଚିତ ହେଉଛି ସହର। ଯାହା ଫଳରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ନିର୍ମାଣରେ ବାଧା ସୃଷ୍ଟି ହେଉଛି ।ମହାମହିମ ରାଷ୍ଟ୍ରପତି ରାଇରଙ୍ଗପୁର ସହରର ନିସୀ ଏବଂ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଛି । ରାଇରଙ୍ଗପୁର ସହରକୁ ରାଜ୍ୟରେ ଏକ ପ୍ରମୁଖ ସହର ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅଣ୍ଟା ଭିଡିଛନ୍ତି । ଏଥିପାଇଁ ସରକାରଙ୍କ ତରଫରୁ ବିଭିନ୍ନ ପ୍ରକଳ୍ପ ପାଇଁ କୋଟି କୋଟି ଟଙ୍କା ମଂଜୁର କରୁଥିବା ସହ ଆଗକୁ ମଧ ଅଧିକରୁ ଅଧିକ ଟଙ୍କା ମଂଜୁର ହେବ ।ହେଲେ ଅମାନିଆ ଜବରଦଖଲକାରୀ ମାନେ ମନ ଇଛା ସରକାର ଜମି ଉପରେ ଲୋଲୁପ ଦୃଷ୍ଟି ପକାଇ ଜବରଦଖଲ କରି ବିରାଟ ବିରାଟ କୋଠାବାଡି କଂକ୍ରିଟ ପାଚେରୀ ନିର୍ମାଣ କରିବା ସହ ବହୁ ସରକାରୀ ଜମି ମାଡ଼ି ବସିଛନ୍ତି ।ସହରର ରାସ୍ତା କଡକୁ ଲାଗି ଦୋକାନ,ଜଳଖିଆ ଦୋକାନ ଓ ହୋଟେଲ କରି ବ୍ୟବସାୟ କରିଛନ୍ତି ।ତେଣୁ ପ୍ରଶାସନ ରାଇରଙ୍ଗପୁର ସହରର ବିକାଶ ଓ ପ୍ରଗତି ସହର ସହ ଭାରତର ଏକ ଆଖିଦୃଶିଆ ସହର ପାଇଁ ଅଣ୍ଟା ଭିଡିବା। ବେଳେ ।ଜରଦଖଲକାରୀ ପ୍ରଶାସନ ନିୟମକୁ ଫୁ କରି ବିକାଶର ପଥରେ ବାଟ ଓଗାଳୁଛନ୍ତି । ଜବରଦଖଲ ସ୍ଥାନରୁ ଉଠିଯିବା ପାଇଁ ପ୍ରଶାସନ ତରଫରୁ ଏଥିପାଇଁ ବାରମ୍ବାର ନୋଟିସ ଜାରି କଲେ ମଧ ସେମାନେ ଚେତୁ ନାହାନ୍ତି । ବରଂ ପ୍ରଶାସନ ଉପରେ ରାଜନୈତିକ ଚାପ ଦେବାକୁ ଚେଷ୍ଟା କରୁଛନ୍ତି ।ଏହାକୁ ନେଇ ଜିଲ୍ଲା ପ୍ରଶାସନ ତରଫରୁ ସୋମବାର ଓ ମଙ୍ଗଳବାର ରାଇରଙ୍ଗପୁର ରେ ଦୁଇ ଦିନ ଧରି ଜବରଦଖଲ ଉଛେଦ ଅଭିଯାନ ଜୋରଦାର ଚାଲିଛି ।ସହରର ଗୋଲେଇ ଏବଂ ବାଇଦାପୋଷୀ ଗ୍ରାମ ଏବଂ ଷ୍ଟାଡିୟମ ରାସ୍ତା ପାଖ,କଣ୍ଟାବଣି ପାଖ ଆଜି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତହସିଲ ଓ ପୋଲିସ ତରଫରୁ ହିଟାଚି ,ଜେସିବି ଲଗାଯାଇ ଭଙ୍ଗାରୁଜା କରାଯାଇଛି । ଗୋଲେଇ ପାଖ ପୋଲ ନିକଟସ୍ଥ ଜଳଖିଆ ଦୋକାନ ଏବଂ ଗୋଲେଇ ପାଖ ହୋଟେଲ ଭଙ୍ଗା ଯିବା ସହ ଛୋଟବଡ ଦୋକାନ ଉପରେ ହିଟାଚି ଚଢାଇ ଭଙ୍ଗା ଯାଇଛି । ସେହିଭଳି ।ଇଦାପୋଷି ନିର୍ମାଣଧୀନ ଷ୍ଟାଡିୟମ ନିକଟସ୍ଥ ରାସ୍ତାକଡ ପାଖରେ ଥିବା ଜବରଦଖଲ କୋଠାଘର ଓ ପାଚେରୀ କୁ ହିଟାଚି ଦ୍ୱାରା ଭଙ୍ଗା ଯାଇଛି। ଆଜି ଗ୍ରାମବାସୀ ମାନେ ୱାର୍ଡ ନମ୍ବର ଦୁଇ ବାଇଦାପୋଷି ରେ ବାଉଁଶ ପକାଇ ରାସ୍ତା ଅବରୋଧ କରିଥିଲେ । ସେଠାରେ ଚାପା ଉତ୍ତେଜନା ଦେଖାଦେଇଥିଲା । ସେମାନଙ୍କ ଦାବି ଆମ୍ଭେ ବର୍ଷ ବର୍ଷ ଧରି ଏଠାରେ ଘରଦ୍ୱାର କରି ରହୁଛୁ ।ଆମକୁ ଏହି ଜାଗାରେ ଇନ୍ଦିରା ଆବାସ,ବିଦ୍ୟୁତ କଲେକ୍ସନ ପାଣି ପ୍ରଶାସନ ତରଫରୁ ଦିଆଯାଇଛି ।ଖଜଣା ମଧ ଆମ୍ଭେ ଦଉଛୁ ।ଏବେ ଆମ ଘର ଭାଙ୍ଗିଲେ ଆମେ ଛୁଆପିଲା,ଛେଳି,ବୁଣାବୁଣି ଆସବାବପତ୍ର ନେଇ କୁଆଡେ ଯିବୁ ? ଏହାକୁ ନେଇ ଦିନ ତମାମ ଚାପା ଉତ୍ତେଜନା ଲାଗି ରହିଥିଲା । ସେମାନଙ୍କର ଏକମାତ୍ର ଦାବି ପ୍ରଶାସନ ସେମାନଙ୍କୁ ଯୁଦ୍ଧକାଳୀନ ନ୍ୟାୟ ଦେଉ ଏବଂ ଭଙ୍ଗା ରୁଜା ବନ୍ଦ କରନ୍ତୁ । ସରକାରଙ୍କ ଯେତିକି ଆବଶ୍ୟକ ସେତିକି ନିଅନ୍ତୁ ଅଯଥା ଲୋକଙ୍କୁ ହଇରାଣ ହରକତ ନ କରନ୍ତୁ ।ଉଚ୍ଛେଦ ସମୟରେ ଜର କରି ଘରର ଲାଇଟ ଓ ପାଣି କନେକ୍ସନ ମଧ କାଟି ଦିଆଯାଇଛି । ଏହି ଉଚ୍ଛେଦରେ ପ୍ରଶାସନ ତରଫରୁ ରାଇରଙ୍ଗପୁର ତହସିଲଦାର ଶ୍ରୀ ବିଶ୍ୱନାଥ ବିଶ୍ୱାଳ,କୁସୁମି ତହସିଲଦାର ,ବିଶୋଇ ତହସିଲଦାର ଏବଂ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ଯଦୁନାଥ ଯେନା,ବିଶୋଇ ଥାନାଧିକାରୀ,ବାଦାମପାହାଡ ଥାନାଧିକାରୀ, ରାଇରଙ୍ଗପୁର ଥାନାଧିକାରୀ ଏବଂ ୧ ପ୍ଲାଟୁନ ପୋଲିସ ସମେତ ସମସ୍ତ ତହସିଲ କର୍ମଚାରୀ ଉପସ୍ଥିତ ଥିଲେ ।ଜରଦାଖଲକାରୀ ମନଦୁଃଖରେ ମ୍ରିୟମାଣ ଓ ଭୟଭୀତ ହୋଇପଡିଥିଲେ ଯଏହାକୁ ଦେଖି ସହରର ଅନ୍ୟ ଜବରଦଖଲକାରୀଙ୍କୁ ପିଳେହି ପାଣି ହୋଇଯାଇଛ।ମୁଣ୍ଡରେ ହାତ ଦେଇ ବସିବା ସହ ଚିନ୍ତା ବଢି ଯାଇଛ।

## ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟରେ ଜଳବାୟୁ କୁଶଳ କୃଷି ସ୍ଥାୟୀତ୍ୱ ପାଇଁ ନବସୃଜନ ଏବଂ ଗ୍ରହଣଶୀର୍ଷକ ଜାତୀୟ ସମ୍ମିଳନୀ ଉଦଘାଟିତ

-ଜଳବାୟୁ କୁଶଳ କୃଷି: ସ୍ଥାୟୀତ୍ୱ ପାଇଁ ନବସୃଜନ ଏବଂ ଗ୍ରହଣ ( ସିଏ.ସ.ଏ.:ଆଇ.ଏ.ସ ୨୦୨୫) ଶୀର୍ଷକ ଜାତୀୟ ସମ୍ମିଳନୀ ଆଜି ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ପ୍ରଯୁକ୍ତିବିଦ୍ୟା ଏବଂ ପରିଚାଳନା ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି ପରିସରରେ ଉଦଘାଟିତ ହୋଇଛି। ଏହି ତିନି ଦିନିଆ, ୨୧ ଜାନୁଆରୀରୁ ୨୩ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ, ଜାତୀୟ କାର୍ଯ୍ୟକ୍ରମ ସାରା ଦେଶରୁ ବିଶେଷଜ୍ଞ, ନୀତି ନିର୍ଦ୍ଧାରକ, ଗବେଷକ ଏବଂ ଅଂଶୀଦାରମାନଙ୍କ ପାଇଁ କୃଷି କ୍ଷେତ୍ରରେ ନୂତନତମ ଉଦ୍ଭାବନ ଏବଂ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ, ସେଗୁଡ଼ିକୁ ଗ୍ରହଣ କରିବା ପାଇଁ ଏକ ମଞ୍ଚ ଭାବରେ କାର୍ଯ୍ୟ କରିବ। ସ୍ଥାୟୀ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦେଇ, ଏହି ସମ୍ମିଳନୀରେ ଜଳବାୟୁ-କୁଶଳ କୃଷି (ସି.ଏସ.ଏ), କୃଷି ୫.୦ସ୍ଥାୟୀ ମୃତ୍ତିକା ଏବଂ ଜଳ ସଂରକ୍ଷଣ ପଦ୍ଧତି ଏବଂ କୃଷି ଯାନ୍ତ୍ରିକୀକରଣରେ ଉନ୍ନତି ଭଳି ପ୍ରମୁଖ ବିଷୟଗୁଡ଼ିକ ବିସ୍ତାରିତ କରାଯିବ। ଏହା ସହିତ,ଜଳବାୟୁ-ସ୍ଥାପକ ପ୍ରଣାଳୀ ସୃଷ୍ଟି କରିବାରେ ପଶୁପାଳନ, ମତ୍ସ୍ୟପାଳନ ଏବଂ କୃଷି ବନୀକରଣ ଭଳି ସହଯୋଗୀ କ୍ଷେତ୍ରର ଭୂମିକା ବିଷୟରେ ଆଲୋଚନା କରିବ। ଏହି କାର୍ଯ୍ୟକ୍ରମ ଭାରତର ବିବିଧ କୃଷି-ପରିବେଶିକ କ୍ଷେତ୍ରଗୁଡ଼ିକରେ ଜଳବାୟୁ କୁଶଳ-ଅଭ୍ୟାସଗୁଡ଼ିକୁ ମାପ କରିବା ପାଇଁ ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର, କ୍ଷମତା ନିର୍ମାଣ ଏବଂ ସ୍ଥାୟୀ ବ୍ୟବସାୟ ଗଠନ ବିକାଶର ଗୁରୁତ୍ୱ, ଉପରେ ମଧ ଗୁରୁତ୍ୱ ଦେବ। ଏହି ସମ୍ମିଳନୀରେ ଜଳବାୟୁର ସମସ୍ୟା, ମୁକାବିଲାରେ ଖାଦ୍ୟ ସୁରକ୍ଷା



ଏବଂ ପରିବେଶଗତ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ସମାଧାନ ଏବଂ ରଣନୀତି ଉପରେ ଆଲୋଚନା କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ।

ଉଦଘାଟନୀ ଅଧିବେଶନରେ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ, ସମ୍ମିଳନୀ ବିଷୟବସ୍ତୁ ଏବଂ ଆଇ.ସି.ଏ. ଆର. ପଦକ୍ଷେପଗୁଡ଼ିକର ଏକ ଛୋଟ ଭିଡିଓ ବଜାଇ, ପରେ ଦୀପ ପ୍ରଜ୍ୱଳନ ଏବଂ ଏକ ଆତ୍ମାପୂର୍ଣ୍ଣ ଓଡ଼ିଶା ରାଜ୍ୟ ସଙ୍ଗୀତ ଦ୍ୱାରା ଏକ ଶୁଭ ପରିବେଶ ସୃଷ୍ଟି ହୋଇଥିଲା। ଅଧିବେଶନର ଏକ ପ୍ରମୁଖ ଆକର୍ଷଣ ଥିଲା ଏହି ସମ୍ମାନିତ ଅତିଥିମାନଙ୍କ ଉପସ୍ଥିତିରେ ସମ୍ମିଳନୀର ସାରାଂଶ ପୁସ୍ତକ ଏବଂ ଅଧ୍ୟାପକ ଏବଂ ଛାତ୍ରମାନଙ୍କ ଦ୍ୱାରା ପ୍ରଦାନ କରାଯାଇ ଥିବା ଅନ୍ୟ ତିନୋଟି ପୁସ୍ତକର ଉନ୍ମୋଚନ। ସମ୍ମିଳନୀର ଆୟୋଜକ ସଚିବ ଡ଼ଃ ପ୍ରୀତାଭଦ୍ରା ତାଙ୍କ ଭାଷଣରେ ବିଶିଷ୍ଟ ବ୍ୟକ୍ତି, ଅତିଥି ଏବଂ ଅଂଶଗ୍ରହଣ କାରୀମାନଙ୍କୁ ସ୍ୱାଗତ କରିଥିଲେ। ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ ସମ୍ମିଳନୀର ଉଦ୍ଦେଶ୍ୟ ଏବଂ ପ୍ରଯୁକ୍ତିବିଦ୍ୟା ଉନ୍ନତି ଏବଂ ଗବେଷଣା ସହଯୋଗ ପାଇଁ ଏକ ମଞ୍ଚ ଭାବରେ ଏହାର ଗୁରୁତ୍ୱ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ପ୍ରଫେସର ଆର.ସି. ଅଗ୍ରୱାଲ, ଡିଡିଜି (ଶିକ୍ଷା), ଆଇ.ସି.ଏ. ଆର. ନୂଆଦିଲ୍ଲୀ ମୁଖ୍ୟ ଅତିଥି ଭାବେ ଭାଷଣ ପ୍ରଦାନ କରିଥିଲେ।ଜଳବାୟୁ ପରିବର୍ତ୍ତନ ଅନୁଯାୟୀ ଉତ୍ତମ ଫସଲ ବୃଦ୍ଧି ପାଇଁ ନବସୃଜନ ଗ୍ରହଣ କରିବା ପାଇଁ ଯୁବ ମାନଙ୍କୁ ତାଲିମ ଦେବାରେ କୃଷି ଶିକ୍ଷାର ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରୀ କରିବା ପାଇଁ କୃଷି ଶିକ୍ଷାରେ ହେଉଥିବା ପରିବର୍ତ୍ତନ ବିଷୟରେ ବ୍ୟାଖ୍ୟା କରିଥିଲେ, ଯାହା ଫଳାଫଳ ଆଧାରିତ ଶିକ୍ଷା, ମିଶ୍ରିତ ଶିକ୍ଷଣ କାର୍ଯ୍ୟକ୍ରମର ଗ୍ରହଣ, ବାସ୍ତବ ବିଶ୍ୱ ସମସ୍ୟାର ମୁକାବିଲା ପାଇଁ ବହୁବିଧ ଆଭିମୁଖ୍ୟ ସହିତ ଡିଜିଟାଲ୍ କୃଷି ପାଇଁ କାର୍ଯ୍ୟାନ୍ୱୟନ କରିଥାଏ। ଅଧିବେଶନରେ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଥିଲେ ପ୍ରଫେସର ସାଗର ମୈତ୍ର, (ପ୍ରଶାସକ) ଏମ୍.ଏସ୍. ସ୍ୱାମୀନାଥନ୍ କୃଷି ମହାବିଦ୍ୟାଳୟ ଏବଂ କାର୍ଯ୍ୟକ୍ରମ ସଂଯୋଜକ ଏବଂ ପ୍ରଫେସର ଅନିତା ପାତ୍ର, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର କୁଳସଚିବୟ ସେମାନେ ସ୍ଥାୟୀତ୍ୱ ପାଇଁ ଜଳବାୟୁ କୁଶଳ କୃଷି ଏବଂ ନବସୃଜନ ଗ୍ରହଣର ଗୁରୁତ୍ୱ ବ୍ୟାଖ୍ୟା କରିଥିଲେ। ବିଭିନ୍ନ କୃଷି ବିଶ୍ୱବିଦ୍ୟାଳୟର ପ୍ରସିଦ୍ଧ ବକ୍ତାମାନେ ସେମାନଙ୍କର ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଅଭିଭାଷଣ ସହିତ ଅଧିବେଶନକୁ ସମୃଦ୍ଧ କରିଥିଲେ।ପ୍ରଫେସରପ୍ରଶାନ୍ତ ମହାନ୍ତି, କୁଳପତି, ସେ□ୁରିଅନ୍ ବିଶ୍ୱବିଦ୍ୟାଳୟ, ଆନ୍ଧ୍ର ପ୍ରଦେଶ ,ଧନ୍ୟବାଦ ଅର୍ପଣ କରି ଅଧିବେଶନ ଶେଷ କରିଥିଲେ, ଯିଏ ଉଦଘାଟନୀ ଅଧିବେଶନକୁ ଏକ ମହାନ ସଫଳ କରିବାରେ ଆୟୋଜକ ଦଳ, ବକ୍ତା ଏବଂ ଅଂଶଗ୍ରହଣକାରୀଙ୍କ ଅବଦାନକୁ ସ୍ୱୀକାର କରିଥିଲେ। ଦେଶବ୍ୟାପୀ ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ଶିକ୍ଷରୁ ୪୦୨ ଜଣ ପ୍ରତିନିଧିଙ୍କ ସହିତ,(ସିଏ.ସ.ଏ.:ଆଇ.ଏ.ସ ୨୦୨୫) ଆଗାମୀ ତିନି ଦିନ ମଧ୍ୟରେ ମୁଖ୍ୟ ଭାଷଣ, ବହୁବିଧ ବୈଷୟିକ ଅଧିବେଶନ ଏବଂ ଆକର୍ଷଣୀୟ ଆଲୋଚନା ପ୍ରଦାନ କରିବ। ସମ୍ମିଳନୀ ୨୩ ଜାନୁଆରୀ ୨୦୨୫ରେ ସ୍ଥିର ହୋଇଥିବା ଏକ ଶେଷ ଅଧିବେଶନ ସହିତ ଶେଷ ହେବ।

## ଆମପାଣି ଏସ୍ ଏସ୍ ଡି ବିଦ୍ୟାଳୟର ୭୫ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

କୋକସରା,(ମହାଭାରତ): କୋକସରା ବ୍ଲକ ଆମପାଣି ସରକାରୀ ଏସ୍ ଏସ୍ ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ବୁଧବାର ବିଦ୍ୟାଳୟ ର ୭୫ ତମ ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାହୁ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବାର୍ଷିକ ଉତ୍ସବ ରେ ବିଧାୟକ ଙ୍କ ଦ୍ୱାରା ପ୍ରତିନିଧି କରିଥିବା ଆମପାଣି ମଣ୍ଡଳ ବିଜେପି ସଭାପତି ମଧୁବନ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ ।ମୁଖ୍ୟ ବକ୍ତା ଭାବେ ବେହେରା କଲେଜ ଅଧ୍ୟାପକ ଅକ୍ଷ ପଟ୍ଟନାୟକ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଆମପାଣି ସରପଞ୍ଚ ରୁକ୍ମିଣୀ ବାଣୁଆ, ଅଞ୍ଚଳର ସୁପରିଚିତ ମହିଳା ନେତ୍ରୀ ତିଲୋ□ମା ନାଏକ,କୋକସରା ବ୍ଲକ ସାମ୍ବାଦିକ ସଂଘ ସଭାପତି ଚକ୍ରଧର ବେଶ୍ରା,ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରୁଷିମଣି ମାଝି,ଉଚ୍ଚ ବିଦ୍ୟାଳୟ ଉପାଧକ୍ଷ ଜୟ ପାଳ, ସମାଜ ସେବୀ ସୁରେଶ ଚନ୍ଦ୍ର ସାହୁ,ପ୍ରମୁଖ ମଞ୍ଚାଶିନ ହୋଇଥିଲେ। ପ୍ରଥମେ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ସମ୍ବର୍ଦ୍ଧନା ପରେ ଗଣାଧିପତି ଗଜାନନ ଙ୍କ ପ୍ରତିମୂର୍ତ୍ତୀରେ ଅତିଥି ଙ୍କ ଦ୍ୱାରା ମାଲ୍ୟାର୍ପଣ ଓ ଦୀପ ନୈବେଦ୍ୟ ଦେଇ କାର୍ଯ୍ୟକ୍ରମ ର ଶୁଭାରମ୍ଭ ହୋଇଥିଲା । ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗି ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଆଦି ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଖେଳ ଶିକ୍ଷକ ଅମୁଲ୍ୟ ନାଏକ ଏବଂ ସହ ଶିକ୍ଷକ ପ୍ରଣବ କୁମାର ଯୋଶୀ ଅତି ସୁନ୍ଦର ଭାବରେ ମଞ୍ଚ ପରିଚାଳନା କରିଥିଲେ । ଏଥିରେ ଶତାଧିକ ଅବିଭାବକମାନେ ମଧ ସାମିଲ ହୋଇ ବେଶ୍ ଉତ୍ସାହିତ ହୋଇ ଥିଲେ।

## ସରପଞ୍ଚଙ୍କୁ ଦୁର୍ବ୍ୟବହାର ସହ ଜାତି ଅଣାକୁ ନେଇ ଆକ୍ଷେପ

ଦାନଗଦି, (ମହାଭାରତ)ଯଖପୁର ଥାନା ଅନ୍ତର୍ଗତ ମାଣତିରା ଗ୍ରାମ ପଞ୍ଚାୟତ ଏଚ ଅଫିସ ର ରିପ୍ୟାରିଂ କାର୍ଯ୍ୟ ହେଉଥିବା ସମୟରେ ,ମାଣତିରା ଗ୍ରାମର ଠିକାଦାର ରାକେଶ ରୋସନ ଘଡ଼ାଇ କାର୍ଯ୍ୟ କରୁଥିବାବେଳେ ମାଣତିରା ଗ୍ରାମ କିଛି ଯୁବକ ହଠା ଆସି କାର୍ଯ୍ୟକୁ ବନ୍ଦ କରିବାସହ ଗାଳି ଗୁଲଜ କରି ସରପଞ୍ଚଙ୍କୁ ମଧ ଜାତି ଆଣାକୁ ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ଏବଂ ଠିକାଦାର ରାକେଶ ରୋସନ୍ ଘଡ଼ାଇ ୨୧/୦୧/୨୫ ସକାଳ ୦୯:୨୦ ସମୟରେ କୋଡ଼ିଏ ରୁ ଉର୍ଦ୍ଧ ଲେବର ମିସ୍ତ୍ରୀ ଅଣି କାର୍ଯ୍ୟ କରୁଥିବା ସମୟରେ, ମାଣତିରା ଗ୍ରାମର କିଛି ବ୍ୟକି କାର୍ଯ୍ୟ ସ୍ଥଳରେ ଦୁର୍ବ୍ୟବହାର କରିବାସହ ସ୍ଥାନୀୟ ସରପଞ୍ଚ ଙ୍କୁ ମଧ ଗାଳି ଗୁଲଜ କରି ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଘଟଣା ବର୍ତ୍ତମାନ ଯାଖପୁରା ଥାନାରେ ଅଭିଯୋଗ ହୋଇଛି। ଏନେଇ ମାଣତିରା ଗ୍ରାମର ସରପ□ ରଶ୍ମିତା ପାତ୍ର ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି ,ଜାତିଆଣା କୁ ଆକ୍ଷେପ କରିବାସହ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ବ୍ୟକ୍ତିଙ୍କ ନାମରେ ଥାନାରେ ଅଭିଯୋଗ ଦାଖଲ କରିଛନ୍ତି। ଏନେଇ ଜଖପୁରା ଥାନା ଅଧିକାରୀ ଏକ ମାମଲା ରୁଜୁ ହୋଇଛି। ମାଣତିରା ଗ୍ରାମର ରାକେଶ ଜେନା ପିତା କୁମା ଜେନା , ଚନ୍ଦୁ ଜେନା ପିତା କୈଳାଶ ଜେନା,ରବି ଜେନା ପିତା କୁମା ଜେନା ,ସିପି ସାମଲ ପିତା ନାରଣ ସାମଲ, ଏହି ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁହୋଇଥିବା ବେଳେ ,ଜଖପୁରା ଥାନା ଅଧିକାରୀ ଆଗକୁ କଣ ପଦକ୍ଷେପ ନେଉଛନ୍ତି ତାହା ଆଗାମୀ ଦିନରେ ଦେଖିବାକୁ ବାକିରହିଲା।

## ସୁରୁଖୁରୁରେ ଧାନ ବିକ୍ରି ପାଇଁ ଚାଷୀଙ୍କ ବୈଠକ

(ବସ୍ତା /ମହାଭାରତ) ବସ୍ତା ବ୍ଲକ ପାଉଁଶକୁଲି ସେବା ସମବାୟ ସମିତି ପରିସରରେ ପାଉଁଶକୁଲି ସରପଞ୍ଚଙ୍କ ପ୍ରତିନିଧି ଶିଶିର କୁମାର ସେନାପତି ଙ୍କ ଆହ୍ୱାନ କ୍ରମେ କୃଷକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଧାନ ବିକ୍ରି ବେଳେ ଏଫ୍ଏକ୍ୟୁ ମାନର ଧାନ ଆଳରେ ମାତ୍ରାଧିକ କଟନି ଛଟଣୀ ନ କରିବା, ଚାଷୀଙ୍କୁ ଶୋଷଣ ନକରିବା, ନିର୍ଦ୍ଧାରିତ ଦିବସ ରେ ନିୟମ ଅନୁଯାୟୀ ଧାନ କ୍ରୟ କରିବା, ସମସ୍ତ ପଞ୍ଜୀକୁ ଚାଷୀଙ୍କ ଠାରୁ ଧାନ କ୍ରୟ କରିବା, କୌଣସି ଜଣେ ବି ଚାଷୀର ଟୋକନ୍ ବାତିଲ ନହେବା, ଚାଷୀ ବାରମ୍ବାର ଫେରିବା କିମ୍ବା ଦୀର୍ଘ ସମୟ ଧରି ଅପେକ୍ଷା କରି ଯେମିତି ନିରାଶ ନ ହୁଅନ୍ତି, ସର୍ବ ପରି ଚାଷୀଙ୍କ ହକ ଓ ସ୍ୱାର୍ଥ ପ୍ରତି ଗୁରୁତ୍ୱ ଦିଆ ଯାଇ ଆଲୋଚନା ମାଧ୍ୟମରେ ନିଷ୍ପତି ନିଆଯାଇଥିଲା। ବୈଠକ କୁ ଶ୍ରୀଯୁକ୍ତ ସେନାପତି ସଭାପତିତ୍ୱ କରିଥିବା ବେଳେ, ସେବା ସମବାୟ ସମିତିର ସଭାପତି ସଞ୍ଜୀବ କୁମାର୍ ମହାନ୍ତି, ତାଡ଼ଦା ସରପଞ୍ଚ ପ୍ରଭାତ ବିଶ୍ୱାଳ, ସିଂଳା ସରପଞ୍ଚ ବିପିନ ବିହାରୀ ବିଶ୍ୱାଳ, ସେବା ସମବାୟ ସମିତି ର ସମ୍ପାଦକ ରାସ ବିହାରୀ ଦାସ, ନିର୍ଦ୍ଦେଶକ ହେମେନ୍ଦ୍ର ବାରିକ,କାର୍ତ୍ତିକ ଚନ୍ଦ୍ର ପାତ୍ର,ମନ୍ମଥ ଗିରି,ପଞ୍ଚାନନ ବାରିକ, ଚାଷୀ କମିଟିର ସଦସ୍ୟ ସମେତ ଶତାଧିକ ଚାଷୀ ଉପସ୍ଥିତ ରହିଥିଲେ।

## ବିଶ୍ୱ ତାରିଣୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପନ



ହାଟଡିହି(ମହାଭାରତ): ହାଟଡିହି ବୁଧବାର ଦିନ ବିଶ୍ ତାରିଣୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଆତ୍ମ ରକ୍ଷା ଶିବିର ଉଦଯାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଯୋଗ ଦେଇଥିଲେ । ପ୍ରଥମେ କଲେଜ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ, ନୃତ୍ୟ ଓ ଆତ୍ମରକ୍ଷା ପ୍ରଦର୍ଶନ ନାଟକ, ଅନ୍ୟାନ ସଙ୍ଗୀତ , ନୃତ୍ୟ ପରିବେଷଣ କରିଥିଲେ ଏହି କାର୍ଯ୍ୟକ୍ରମ ରେ କଲେଜ କର୍ତ୍ତୃପକ୍ଷ ଙ୍କ ମଧ୍ୟରୁ ଅଧକ୍ଷ୍ୟ ହିମାଂଶୁ ଶେଖର ମିଶ୍ର, ସଂଯୋଜକ ନଦିଆ ମୋହନ ପଟ୍ଟନାୟକ, କାର୍ଯ୍ୟକ୍ରମ ପରିଚାଳକ ସୁଭସ୍ମିତା ପଳତା, କ୍ରୀଡା ଶିକ୍ଷୟତ୍ରୀ ସୁରଭି ପାଢ଼ୀ, ଅଧାପକ ବିଶ୍ୱଜିତ୍ ରାଉତ, ଅଧାପିକା ଆଳତି ଦାସ, ପଲିଶ୍ରୀ ପାଇକରାଏ , ଶୁଭଶ୍ରୀ ରାଉତ, ସ୍ୱର୍ଣ୍ଣ ମଞ୍ଜରୀ ପଣ୍ଡା, ସୁମିତ୍ରା ବେହେରା, ଙ୍କ ଉଚ ମାଧ୍ୟମିକ ବିଦ୍ୟାଳୟ ର ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ରେ ଭାଗ ନେଇଥିଲେ।

## ସାଲନ୍ଦୀ ନଦୀରୁ ମୃତ ଦେହ ଉଦ୍ଧାର

କରଞ୍ଜିଆ, (ମହାଭାରତ): ମୟୁରଭଞ୍ଜ ଜିଲ୍ଲା ମହୁଲଡ଼ିହା ଥାନା ଅନ୍ତର୍ଗତ ମୂଳାପାଳ ସାଲନ୍ଦୀ ନଦୀରୁ ବୁଧ ବାର ସନ୍ଧ୍ୟାରେ ଏକ ମୃତ ଦେହକୁ ଉଦ୍ଧାର କରିଛି ଅଗ୍ନିଶମ ବିଭାଗ। ଉଦ୍ଧାର ହୋଇଥିବା ମୃତ ଦେହ ଟି ହେଉଛି ଠାକୁରମୁଣ୍ଡା ବ୍ଲକ କେଶଡ଼ିହା ଗ୍ରାମପଞ୍ଚାୟତ ଅନ୍ତର୍ଗତ ପୁରୁଣାପାଣି ଗ୍ରାମର ଲାଦୁ ହେମ୍ବ୍ରମ (୫୫) ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଲାଦୁ ହେମ୍ବ୍ରମ ନିଜର ମଇଁଷି କୁ ଖୋଜି ଖୋଜି ମଙ୍ଗଳବାର ଦିନ ମୂଳା ପାଳ ଗ୍ରାମ କୁ ଆସି ନଦୀ ପଙ୍କ ରେ ଗୋଡ ଲାଗି ରହିଯାଇଥିଲା। ପରେ ଗ୍ରାମବାସୀ ଏହା ଦେଖି ତାଙ୍କୁ ପଙ୍କ ରୁ ଉଦ୍ଧାର କରି ଥିଲେ। ମଙ୍ଗଳବାର ରାତିରେ ମୂଳାପାଳ ଗ୍ରାମରେ ଆଶ୍ରୟ ନେଇଥିବା ବେଳେ ସକାଳେ ସେ କେଉଁ ଆଡେ ଚାଲି ଯାଇଥିଲେ। ବୁଧବାର ସନ୍ଧ୍ୟା ପୂର୍ବରୁ ସାଲନ୍ଦୀ ନଦୀରେ ଏକ ଶବ ଭାସୁ ଥିବାର ଗ୍ରାମବାସୀ ଦେଖିବା ପରେ ମହୁଲଡ଼ିହା ଥାନାକୁ ଖବର ଦେଇଥିଲେ। ମହୁଲଡ଼ିହା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗ ସହାୟତା ରେ ନଦୀ ପାଣିରୁ ଭାସୁଥିବା ଶବକୁ ଉଦ୍ଧାର କରିଥିଲେ। ଏନେଇ ମହୁଲଡ଼ିହା ଥାନା ପୋଲିସ କେଶ ନମ୍ବର ୦୧/୨୦୨୫ ଅନୁଯାୟୀ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣା ର ତଦନ୍ତ କରୁଛି।

## ପଥଚାରୀଙ୍କୁ ବାଟବଣା କରୁଛି ସାଇନ ବୋର୍ଡ




କୋଇଡା (ମହାଭାରତ ) : ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ବ୍ଲକ ଓ କୋଇଡା ବ୍ଲକ ଦେଇ ରଜାମୁଣ୍ଡାରୁ ପାଣିକୋଇଲି ଯାଇଛି ୫୨୦ନମ୍ବର ଜାତୀୟ ରାଜପଥ । ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ହଜାର ହଜାର ଲୋକ ଯିବା ଆସିବା କରିଥାନ୍ତି । ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବା ପାଇଁ ଜାତୀୟ ରାଜପଥରେ ସାଇନ ବୋର୍ଡ ଲଗାଯାଇ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପାଇଁ କେତେ କିଲୋମିଟର ଆଉ ଅଛି ତାହାର ସୂଚନା ଦିଆଯାଇଛି। ଜିଲ୍ଲାର କୋଇଡା ବ୍ଲକ ଅନ୍ତର୍ଗତ ଜାମୁଡ଼ିହି ପଞ୍ଚାୟତର କୁଦରଟୋଲା ନିକଟରେ ଲାଗିଥିବା ସାଇନ ବୋର୍ଡରେ ଭୁଲ ତଥ୍ୟ ଦିଆଯାଇଥିବା ଦେଖିବାକୁ ମିଳିଛି । କୁଦରଟୋଲା ଠାରୁ କୋଇଡାର ଦୂରତା ୨୦ ରୁ ୨୫ କିଲୋମିଟର ରହିଥିବା ବେଳେ ଲଗା ଯାଇଥିବା ସାଇନ ବୋର୍ଡରେ ଭୁଲ ତଥ୍ୟ ଦିଆ ଯାଇ ଲେଖା ହୋଇଛି କୋଇଡାର ଦୂରତା ୪୩ କିଲୋମିଟର। ଦେଖିବାକୁ ଗଲେ ଅଧିକାଂଶ ସାଇନ ବୋର୍ଡରେ ଭୁଲ ତଥ୍ୟ ଦିଆଯାଇଥିବା ଦେଖିବାକୁ ମିଳିଛି । ଏହି ଖବର ଦେଖି ଏନ.ଏଚ.ଆଇ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ସାଇନ ବୋର୍ଡରେ ଦିଆଯାଇଥିବା ଭୁଲ ତଥ୍ୟକୁ ଉଠାଇ କେବେ ସଠିକ ତଥ୍ୟ ଦେଉଛି ତାହା ଉପରେ ସମସ୍ତଙ୍କ ନଜର ରହିଛି ।

## ଜି.ଉଦୟଗିରି ଏନଏସି ରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗ ଦେଲେ



କନ୍ଧମାଳ:(ମହାଭାରତ):କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ ଙ୍କ ଅନ୍ୟତ୍ର ବଦଳି ହେବା ପରେ ତାଙ୍କ ସ୍ଥାନରେ ବୁଧବାର ଦିନ ୧:୫୦ ମିନିଟ୍ ସମୟରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଆଶୁତୋଷ ଗୌରବ କର (ଓପ୍ରାସେ) ଯୋଗଦାନ ଦେଇଛନ୍ତି। ଶ୍ରୀ କର କାର୍ଯ୍ୟାଳୟରେ ପହଞ୍ଚିବା ପରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ପୂର୍ବ କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ ଙ୍କ ଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ । ଶ୍ରୀ କର ପୂର୍ବରୁ କେନ୍ଦ୍ରାପଡା ମୁନିସିପାଲିଟି, କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ୪୫ ବର୍ଷ ପୁରୁଣା ପରିଷଦ କାର୍ଯ୍ୟାଳୟରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଯୋଗ ଦେଇଛନ୍ତି। ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦରେ ଜଣେ ଓଏଏସ ଅଧିକାରୀ ଙ୍କ ଯୋଗଦାନ ପରେ ପରିଷଦ ଅଞ୍ଚଳର ବିକାଶ ତ୍ୱରାନ୍ୱିତ ହେବା ନେଇ ସହରର ଚଛ ଖଟି ରେ ଆଲୋଚନା ହେବା ସହ ଆଶା ବାନ୍ଧିଛନ୍ତି ଅଞ୍ଚଳବାସି। ପରିଷଦ ଅଞ୍ଚଳରେ କୌଣସି ପରିସ୍ଥିତିରେ ମଧ ବିକାଶ ବାଧାପ୍ରାପ୍ତ ହେବ ନାହିଁ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ କର।

## ସୁକିନ୍ଦା ଶିଳ୍ପ ମହୋତ୍ସବ ଲୋଗ ଉନ୍ମୋଚିତ



ଦାନଗଦି: (ମହାଭାରତ)ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ତେଲିବାହାଲିସ୍ଥିତ ମହାପାଟଠାରେ ସୁକିନ୍ଦା ଶିଳ୍ପ ମହୋତ୍ସବ ଲୋଗ ଉନ୍ମୋଚିତ ହୋଇଯାଇଛି।ଉକ୍ତ ଉନ୍ମୋଚନ ଉତ୍ସବରେ ମନ୍ତ୍ରୀ ପ୍ରଦୀପ ବଳ ସମାନ୍ତ ଯୋଗଦେଇ ସୁକିନ୍ଦା ଶିଳ୍ପ ମହୋତ୍ସବ ଲୋଗ ଉନ୍ମୋଚିତ କରିଥିଲେ।ଏହି ମହୋତ୍ସବ ଟି ଫେବୃଆରୀ ୪ଆରମ୍ଭ ହୋଇଥିବା ବେଳେ ୮ତାରିଖରେ ଶେଷ ହେବ।ସମସ୍ତ ମତାମତକୁ ଦୃଷ୍ଟିରେ ରଖି ପୂର୍ବରୁ କଳିଙ୍ଗ ନଗର ମହୋତ୍ସବ ହେଉଥିଲା ଏବେ ତାହାର ନାମ ପରିବର୍ତ୍ତନ କରାଯାଇ ସୁକିନ୍ଦା ଶିଳ୍ପ ମହୋତ୍ସବ କରାଯାଇଛି । ଏହି ମହୋତ୍ସବରେ ଶାନ୍ତି ଶୃଙ୍ଖଳା ବଜାଇ ରଖିବା ପାଇଁ ଜନସାଧାରଣଙ୍କୁ ମନ୍ତ୍ରୀ କହିଥିଲେ। ଦାନଗଦି ତହସିଲ ମନ୍ତ୍ରୀଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଲୁଲୁ ରାୟ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ବାଳିକା ଦିବସ ପାଳିତ



ହାଟଡିହି ହାଟଡିହି ଉଚ୍ଚ ବିଦ୍ୟାଳୟ ରେ କୁନି କୁନି ବାଳକ ବାଳିକା ମାନଙ୍କୁ ନେଇ ଏକ ସମନ୍ୱୟ ପ୍ରତିଯୋଗିତା ମୂଳକ ପରୀକ୍ଷା ହୋଇଥିଲେ। ଏହି ପରୀକ୍ଷା ରେ ଷଷ୍ଠ, ସପ୍ତମ, ଅଷ୍ଟମ, ନବମ ଶ୍ରେଣୀ ର ପିଲା ମାନେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମ କୁ ସି ଆର୍ ସି ଦେବାଶିଷ ବାରିକ, ହାଟଡିହି ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପରମାନନ୍ଦ ପରିଡ଼ା, ଙ୍କ ସାଥୀ ଶିକ୍ଷକ ମାନେ ସହିଯୋଗ କରିଥିଲେୟ ଏହି ଦିବସ ରେ କୃତି ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ପ୍ରତ୍ୟୁଷ ମଲ୍ଲିକ, ଆଦ୍ୟାସା ଜେନା, ସୁଶ୍ରୀ ରୋଜାଲିନ ଜେନା, ଭାଗ୍ୟ ଜ୍ୟୋତି ସେନାପତି, ଲକ୍ଷ୍ମୀପ୍ରିୟା ମଇକାପ, ତପଶ୍ୱନି ମଲ୍ଲିକ, କୃତ କାର୍ଯ୍ୟ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମ କୁ ସଫଳ କରିବାରେ ଦୀନବନ୍ଧୁ ପରିଡ଼ା, ସୌମ୍ୟା ପ୍ରିୟା ସ୍ୱାଇଁ ରହିଥିଲେ।

## ଦାମିଆ ବରବରା ଗ୍ରା:ପ ର ସରପଞ୍ଚଙ୍କ ସମେତ ଶତାଧିକ ବିଜେଡି କର୍ମୀ ବିଜେପିରେ ହେଲେ ସାମିଲ



ବାଣପୁର :( ମହାଭାରତ )ଆଜି ବାଣପୁର ବ୍ଲକ ଦାମିଆ ବରବରା ଗ୍ରାମ ପଞ୍ଚାୟତ ର ସରପଞ୍ଚ ଶ୍ରୀମତୀ ବୀଣାପାଣି ଷଣ୍ଢ,ନାଏବ ସରପ□ ଶ୍ରୀ ବନବାସ ଶବର, ସଂଗଠକ ଶ୍ରୀ ପ୍ରଦୀପ କୁମାର ଷଣ୍ଢ ଏବଂ ୱାର୍ଡ଼ ମେମ୍ବର ଙ୍କ ସମେତ ଶତାଧିକ ବିଜେଡ଼ି କର୍ମୀ ବିଜୁ ଜନତା ଦଳ ପରିତ୍ୟାଗ କରି ଭାରତୀୟ ଜନତା ପାର୍ଟିର ନୀତି ଆଦର୍ଶ,ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ବଳିଷ୍ଠ ନେତୃତ୍ୱ, ମାନନୀୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝି ଓ ମାନନୀୟ ଆଇନ , ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ କାର୍ଯ୍ୟକଳାପ ରେ ଅନୁପ୍ରାଣିତ ହୋଇ ନାଚୁଣୀ ସ୍ଥିତ ଭାଜପା କାର୍ଯ୍ୟାଳୟ ଠାରେ ଆୟୋଜିତ ମିଶ୍ରଣ ପର୍ବରେ ଭାରତୀୟ ଜନତା ପାର୍ଟିରେ ବିଧିବଦ୍ଧ ଭାବେ ସାମିଲ୍ ହେଲେ।ମାନ୍ୟବର ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଦଳରେ ସାମିଲ ହୋଇଥିବା ସମସ୍ତ ନୂତନ କାର୍ଯ୍ୟକର୍ତ୍ତା ମାନଙ୍କୁ ଦଳୀୟ ଉ□ରୀୟ ପିନ୍ଧାଇ ଭାଜପା ପରିବାରକୁ ସ୍ୱାଗତ କରିଥିଲେୟ ଏହି ଯୋଗଦାନ ଦଳର ସଂଗଠନ କୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବା ସହ ଜନତାଙ୍କ ସେବା,କଲ୍ୟାଣମୂଳକ କାର୍ଯ୍ୟ ସହ ବିକଶିତ ଚିଲିକା ଗଠନ ଦିଗରେ ଆମ ସଂକଳ୍ପକୁ ଆହୁରି ଦୃଢ଼ କରିବ ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତପ୍ରକାଶ କରିଥିଲେ।ଏହି ମିଶ୍ରଣ ପର୍ବରେ ଜିଲ୍ଲା ଭାଜପା ସାଧାରଣ ସମ୍ପାଦକ ଶ୍ରୀ ଦୁଷ୍ମନ୍ତ ହରିଚନ୍ଦନ, ବାଣପୁର ବ୍ଲକ ଅଧକ୍ଷ ଶ୍ରୀ ଅମରେନ୍ଦ୍ର ରଣସିଂହ,ବିରିଜାଇ ମଣ୍ଡଳ ଭାଜପା ସଭାପତି ଶ୍ରୀ ଜିତେନ୍ଦ୍ର କୁମାର ଭୋଳ ଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଚାଷୀ ଙ୍କୁ ସ୍ୱତନ୍ତ୍ର ସମ୍ମାନ ରେ ସମ୍ମାନିତ କଲା ଏଡ଼ବାଂଶ ସମବାୟ ସମିତି

ଅସ୍ତରଙ୍ଗ(ମହାଭାରତ): ଆଜି ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତ ଏଡ଼ବାଂଶ ସମବାୟ ସମିତି ଧାନ ମଣ୍ଡିରୁ ଧାନ ଉଠାଯାଇଛି, ମାତ୍ର ଅନେକ ମଣ୍ଡି ଅପେକ୍ଷା ଏହି ମଣ୍ଡି ରେ ଏକ ସ୍ୱତନ୍ତ୍ର ଦୃଶ୍ୟ ଦେଖିବାକୁ ମିଳିଛି। ଏଠି ଚାଷୀ ମାନଙ୍କୁ ସ୍ୱତନ୍ତ୍ର ସମ୍ମାନ ରେ ସମ୍ମାନିତ କରାଯାଇଛି। ଏହି ଅବସରରେ ଆଜି ସଭାପତି ସରୋଜକାନ୍ତ ମହାନ୍ତି ସଭାପତିତ୍ୱ କରିଛନ୍ତି। ଏହି ଉଦ୍ଘାଟନ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ପ୍ରତାପ ଚନ୍ଦ୍ର ପରିଡା, ସରପ□ ଦୀପକ ପରିଡା, ସମିତି ସଭ୍ୟ ଅମୀୟ ସେଠି, ସମାଜସେବୀ ପ୍ରଫୁଲ୍ଲ ସେନାପତି ଓ ବିଜୟ ପଢ଼ିଆରୀ ଉପସ୍ଥିତ ରହି ଆସିଥିବା ସମସ୍ତ ଚାଷୀ ଙ୍କୁ ଉ□ରୀୟ ସହ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଛନ୍ତି। ଅତିଥି ମାନଙ୍କ ମତ ରେ ଦେଶ ର ସୈନିକ ଓ ଚାଷୀ ଆମ ଜୀବନ ଜୀବିକା ରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛନ୍ତ। ସେଥିପାଇଁ



ଚାଷୀ ଆମର ସମ୍ମାନ ଆଉ ତାଙ୍କୁ ସମ୍ମାନିତ କରିବା ଦ୍ୱାରା ଅନ୍ୟ ଚାଷୀ ମାନଙ୍କୁ ପ୍ରୋତ୍ସାହିତ କରିବା ସବୁ ନାଗରିକ ଙ୍କର ମୌଳିକ କର୍ତ୍ତବ୍ୟ ହେବା ଆବଶ୍ୟକ । ଏହି ଧାନ ମଣ୍ଡିରୁ ସମୁଦାୟ ୧୧ ଜଣ ଚାଷୀ ଙ୍କ ନିକଟରୁ ୪୩୭ କ୍ୱିଣ୍ଟାଲ ଧାନ ସରକାର ଙ୍କ ନୂତନ ପଦ୍ଧତି ରେ ଗ୍ରହଣ କରାଯାଇଛି। ଏହି ଧାନ ମଣ୍ଡି ରୁ ସମ୍ମାନିତ ହୋଇଥିବା ଚାଷୀ ମାନେ ଅତ୍ୟନ୍ତ ଖୁସି ହେବା ସହ ଉପସ୍ଥିତ ଅତିଥି ଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତ। ଉପସ୍ଥିତ ଚାଷୀ ଙ୍କ ଭିତରୁ ରମାରଞ୍ଜନ ଓ ପ୍ରଣୟ ସେନାପତି ଉଭୟ ସମବାୟ ସମିତି କୁ ସାଧୁବାଦ ଦେଇଛନ୍ତି, ଏହି ସମସ୍ତ କାର୍ଯ୍ୟ କୁ ସମବାୟ ସମିତି ସମ୍ପାଦକ ପ୍ରକାଶ ମହାନ୍ତି ପରିଚାଳନା କରିଛନ୍ତି ।

## ଇଫକୋ ପରିସରରେ ଆପାତକାଳୀନ ମକ୍ ଡ୍ରିଲ



ପାରାଦୀପ(ମହାଭାରତ): ପାରାଦୀପଠାରେ ଥିବା ସମବାୟ ଭିତ୍ତିକ ସାରକାରଖାନା ପରିସରରେ ଆମୋନିଆ ଗ୍ୟାସ୍ ଲିକ୍ ହେଲେ ତାହାକୁ କିପରି ଶୀଘ୍ର ପ୍ରଶମନ କରାଯାଇପାରିବ ତାହାର ନମୁନା ପ୍ରଦର୍ଶିତ କରାଯାଇଥିଲା । ଇଫକୋ ପରିସରରେ ଏହି ସମ୍ପର୍କରେ ଅନସାଇଟ୍ ଫୁଲ ସ୍କେଲ ମକ ଡ୍ରିଲରେ ଗୋଟିଏ ସ୍ଥାନରେ ଆମୋନିଆ ଗ୍ୟାସ ଲିକ୍ ହୋଇଥିଲା । ଇଫକୋର ଟିମ୍ ଖବର ପାଇ ସେଠାରେ ତୁରନ୍ତ ପହଂଚି ଗ୍ୟାସ ନିର୍ବାପନ କରିଥିଲେ । ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗର ଉପ ନିର୍ଦ୍ଦେଶକ ଏମ୍.କେ.ପଣ୍ଡା, ସହକାରୀ ନିର୍ଦ୍ଦେଶକ ସି.ଏସ.ବେହେରାଙ୍କ ସମେତ ଇଫକୋର ୟୁନିଟ୍ ହେଡ୍ ପି.କେ.ମହାପାତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଜିଲ୍ଲା ପ୍ରଶାସନ ସମେତ ବିଭିନ୍ନ ସହଯୋଗୀ ସଂସ୍ଥା କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଇଫକୋର ଏହି କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ।

## ରାଇପଲ୍ଲୀ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗିରଫ




ଆସିକା (ମହାଭାରତ): ଗଂଜାମ ଜିଲ୍ଲା ଆସିକା ଥାନା ଗୁଣ୍ଡୁପଡା ପଞ୍ଚାୟତ ରାଇପଲ୍ଲୀ ଗ୍ରାମରେ ଗତ ୧୬ ତାରିଖ ରେ ଘଟିଥିବା ଜଘନ୍ୟ ହତ୍ୟା କାଣ୍ଡ ଉପରୁ ପରଦା ଉଠାଇଲା ପୋଲିସ । ଭଉଣୀ ର ମୁଣ୍ଡକୁ ଶିଳପୁଅ ରେ ଛେଚି ଧାରୁଆ ଅସ୍ତ୍ରରେ ଗଳା କାଟି ହତ୍ୟା କରିଥିବା ଦୁଇ ଭାଇ କୁ ଗିରଫ କରିବାରେ ସଫଳ ହୋଇଛି ପୋଲିସ । ହତ୍ୟା କାରୀ ଭାଇ ବାବାଜୀ ପାତ୍ର,ଅନନ୍ତ ପାତ୍ର କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି । ସୂଚନା ଅନୁସାରେ ୧୬ ତାରିଖ ଦିନ ଦୁଇ ଭାଇ ନିଜ ଭଉଣୀଙ୍କୁ ଶିଳପୁଆ ରେ ମୁଣ୍ଡ କୁ ଛେଚିବା ସହ ଧାରୁଆ ଅସ୍ତ୍ରରେ ଗଳା କାଟି ହତ୍ୟା କରିଥିଲେ । ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ମାନେ ଫେରାର ହୋଇଯାଇଥବା ବେଳେ ପୋଲିସ ହତ୍ୟାକାରୀ ଙ୍କ ସନ୍ଧାନ ଲାଗି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା କ୍ଷ ଅନ୍ୟପଟେ ଗୁଜୁରାଟ ସୁରତ ପୋଲିସ ର ମଧ ସହାୟତା ନେଇଥିବା ବେଳେ କପୋଦ୍ରା ନିକଟସ୍ଥ ବନ୍ଦେ କୋଲାନି ଏକ ଭଡ଼ା ଘରୁ ସୁରତ ପୋଲିସ ବାବାଜୀ ପାତ୍ର କୁ ଗିରଫ କରି ଆସିକା ପୋଲିସ କୁ ହସ୍ତାନ୍ତର କରିଛି ।ଏହାସହ ଆସିକା ପୋଲିସ ଅନ୍ୟ ଅଭିଯୁକ୍ତ ଭାଇ କୁ ଗିରଫ କରିବା ସହ ଆଜି କୋର୍ଟ ଚାଲାଣ କରାଯାଇଥିବା ସନ୍ଧ୍ୟା ୬ ଟା ସମୟରେ ଗଣମାଧମ କୁ ସୂଚନା ଦେଇଛନ୍ତି ଆସିକା ଥାନା ଅଧିକାରୀ ।

## ମହାଗୀରି ପ୍ରେସ୍ କ୍ଲବ୍ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ

ଯାଜପୁର ଦାନଗଦୀ(ମହାଭାରତ) :- ସୁକିନ୍ଦା ନିର୍ବାଚନ ମଣ୍ଡଳୀ ର ଦାନଗଦୀ ବ୍ଲକ ରେ ଗଢିଉଠିଥିବା ଅଗ୍ରଣୀ ସାମ୍ବାଦିକ ସଂଘ ମହାଗୀରି ପ୍ରେସ୍ କ୍ଲବ୍ ଆନୁକୂଲ୍ୟରେ ଜିଲ୍ଲା ସାମ୍ବାଦିକ ସଂଘର ପରାମର୍ଶ କ୍ରମେ ବନ୍ଧୁମିଳନ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଅର୍ଗସ ନ୍ୟୁଜ୍ ଓଡ଼ିଶାର ମୁଖ୍ୟ ସମ୍ପାଦକ ଶ୍ରୀଯୁକ୍ତ ସଞ୍ଜୟ କୁମାର ଜେନା, ମୁଖ୍ୟ ବକ୍ତା ଭାବରେ ଏସ୍ ୟୁ ଜେ, ଓଡିଶା ର ରାଜ୍ୟ ସଭାପତି ଶ୍ରୀଯୁକ୍ତ କୈଳାଶ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଆଇ ଆଇ ଟି ପ୍ରୋଫେସର. ଭୁବନେଶ୍ୱର .ଦୁଃଖବନ୍ଧୁ ସାହୁ, ଶ୍ରୀଯୁକ୍ତ ଜୟନ୍ତ କୁମାର ତ୍ରିପାଠୀ. ୟୁନିଟ୍ ହେଡ୍ ଟାଟା ଷ୍ଟିଲ ଫାଉଣ୍ଡେସନ, ବ୍ରାହ୍ମଣୀପାଳ, ଶ୍ରୀଯୁକ୍ତ ପ୍ରଦୀପ କୁମାର ସେଠୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦାନଗଦୀ, ଶ୍ରୀଯୁକ୍ତ ଚିନ୍ତାମଣି ପାଢୀ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ସଦସ୍ୟ, ଜାତୀୟ ସାମ୍ବାଦିକ ୟୁନିଅନ, ନୂଆ ଦିଲ୍ଲୀ, ଶ୍ରୀଯୁକ୍ତ ଅବିନେଶ୍ୱର ଶତପଥୀ, ସାଧାରଣ ସମ୍ପାଦକ ଜିଲ୍ଲା ସାମ୍ବାଦିକ ସଂଘ, ଯାଜପୁର, ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ଧଳ, ସଭାପତି ଜିଲ୍ଲା ସାମ୍ବାଦିକ ସଂଘ ସଭାପତି, ଯାଜପୁର ଏବଂ ଟମକା ଥାନା ଅଧିକାରୀଣି ଶ୍ରୀମତୀ ପ୍ରମୋଦିନୀ ସାହୁ ଯୋଗଦେଇଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ଅତିଥିମାନେ ଉଦଘାଟନ କରିଥିଲେ। ମହାଗିରି ପ୍ରେସ୍ କ୍ଲବ୍ ତରଫରୁ ବିଭିନ୍ନ ପ୍ରତିଭାଶାଳୀ ବ୍ୟକ୍ତିବିଶେଷ ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ଯଥା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଡ. କୁଳମଣୀ ବାରିକ୍, ସମାଜସେବୀ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଧିର, ସମାଜସେବୀ ଶ୍ରୀଯୁକ୍ତ ପବିତ୍ର ମୋହନ ମହାପାତ୍ର, ଜନସେବା କ୍ଷେତ୍ରରେ ସରପ□ କିଆଝର ଗ୍ରାମପ□ାୟତ ଶ୍ରୀମତୀ ରାଜଲକ୍ଷ୍ମୀ ମହାପାତ୍ର, ଯାଜପୁର ସାଂସଦ ପ୍ରତିନିଧି ରବିନ୍ଦ୍ର ମୋହନ ଜେନା, ରାଜନେତା ଓ ସମାଜସେବୀ ଶ୍ରୀଯୁକ୍ତ ବିଭୁଭୂଷଣ ରାଉତ, ଯୁବ ସମାଜସେବୀ ଓ ସଭାପତି ଜୟ ବଜରଙ୍ଗବାଲି ଟ୍ରକ୍ ଟ୍ରିପର ଆସୋସିଏସନ୍ ଇଂ. ଦୀପକ କୁମାର ଜେନା ଏବଂ ପ୍ରଶାସନିକ କ୍ଷେତ୍ରରେ ଟମକା ଥାନା ଅଧିକାରୀଣି ପ୍ରମୋଦିନୀ ସାହୁ ଓ ଦିବ୍ୟାଙ୍ଗ ଖବରକାଗଜ ବିତରକ ସଦାନନ୍ଦ ସେଠି ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମହାଗିରି ପ୍ରେସ କ୍ଲବ ର ସଭାପତି ଶ୍ରୀଯୁକ୍ତ ହରିହର ବାରିକ୍ ଙ୍କ ତତ୍ତ୍ୱାବଧାନରେ ଉପ ସଭାପତି ନରୋତ୍ତମ ବେହେରା ଓ ସମ୍ପାଦକ ମଳୟ କୁମାର ରାଉତ ସଭାପରିଚାଳନା ରେ ସହୋଯାଗ କରିଥିଲେ । ରାଜ୍ୟ ସାମ୍ବାଦିକ ସଂଘ ର ସଭାପତି ସୁବାସ ଚନ୍ଦ୍ର ଧଳ ଅତିଥି ପରିଚୟ ପ୍ରଦାନ ସହ ସଭା ପରିଚାଳନା କରିଥିଲେ ।କ୍ଲବର କୋଷାଧ୍ୟକ୍ଷ ସେକ୍ ଅବତାର ଅଲ୍ଲୀ, ସହ ସମ୍ପାଦକ ଅନିଲ କୁମାର ଦାଶ, ସଦସ୍ୟ ଅଜୟ ଦେହୁରୀ, ଖଗେଶ୍ୱର ମହାନ୍ତ, ଭରତ ଚନ୍ଦ୍ର ହୋତା କାର୍ଯ୍ୟକ୍ରମ ପରିଚାଳନା ରେ ପୂର୍ଣ୍ଣ ସହଯୋଗ କରିଥିଲେ । ସର୍ବଶେଷରେ କ୍ଲବର ଉପଦେଷ୍ଟା ଉମାକାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଖଟିଆରେ ଶୋଇ ଶିକ୍ଷକଙ୍କ ପାଠ ପଢା



କପ୍ତିପଦା -(ମହାଭାରତ ): କପ୍ତିପଦା -କ୍ଲାସ ଚାଲିଛି,ପିଲାଏ ଡିଆଁ କୁଦା ମାରୁଛନ୍ତି,ଶିକ୍ଷକ ନିଘୋଡ଼ ନିଦରେ ଶୋଇଛନ୍ତି ,ଖେଳ ଛୁଟି ପରେ ଦିନ ୨-୩୦ମିନିଟି ସମୟରେ ସ୍କୁଲ ର ଏଭଳି ଦୃଶ୍ୟ । ସଭିଏଁ ପଢନ୍ତୁ, ସଭିଏଁ ବଢନ୍ତୁ, ସର୍ବଶିକ୍ଷା ଅଭିଯାନରେ ଉପାନ୍ତ ଅଞ୍ଚଳରେ ଶିକ୍ଷା ର ପ୍ରସାର ପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି,ମାତ୍ର ଏ ଭଳି ଶିକ୍ଷକଙ୍କ ଏ ଭଳି କାର୍ଯ୍ୟ ପିଲା ମାନଙ୍କୁ କେତେ ଆଗକୁ ନେଇପାରିବ ତାହାହିଁ ଚିନ୍ତା ର ବିଷୟ,ହଁ ଆଜ୍ଞା ଏଇ ଦୃଶ୍ୟ ହେଉଛି ଶରତ ଅଞ୍ଚଳ ପ୍ରସନ୍ନ ଚନ୍ଦ୍ର ପୁର ସ୍କୁଲରୟ ସ୍କୁଲ ର ପ୍ରଧାନ ଶିକ୍ଷକ ମହେନ୍ଦ୍ର ସେନାପତି,ଭଲ ଭାବରେ ସାରଙ୍କ ଚେହେରା ଟିକେ ଦେଖନ୍ତୁ,ଏହା ଏକ ୪୦ଶଯ୍ୟା ବିଶିଷ୍ଟ ଆବାସିକ ବିଦ୍ୟାଳୟୟ ସାର ଆମର ହଷ୍ଟେଲ ମିଲ ଖାଇ କେମିତି ନିଘୋଡ଼ ନିଦରେ ଶୋଇଛନ୍ତି, ଦେଖନ୍ତୁ,ଆଉ ଗୋଟିଏ ବଡ କଥା ହେଉଛି ସାର ବେଶ ପାରଙ୍ଗମ, ପିଲାଙ୍କ ମଧ୍ୟାହ୍ନ ଭୋଜନ ହଡ଼ପ କରିବା,ଗୋଟିଏ ଛୁଟି ଦିନରେ ୧୫ଦିନରୁ ଅଧିକ ପିଲା ସ୍କୁଲ ନଆସିବା,ଛୁଟି ସମୟ ୨ଦିନ ପୂର୍ବରୁ ପିଲାଙ୍କୁ ଛୁଟି କରିଦେବା,କମ୍ ପିଲା ଥାଇ ବେଶି ପିଲାଙ୍କ ର ଉପସ୍ଥାନ ଦେଖାଇବା, ପିଲାଙ୍କୁ ୧ହଳ ଡ୍ରେସ୍ ଦେଇ ଡ୍ରେସ୍ ପଇସାକୁ ଆତ୍ମସାତ କରିବାରେ ସାର୍ ଆମର ସିଦ୍ଧ ହସ୍ତ । ଏ ସବୁର ଯଥେଷ୍ଟ ପ୍ରମାଣ ଥାଇ ଗତ ଦୁର୍ଗା ପୂଜା ସମୟରେ ଆମେ ବ୍ଲକ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ ମାତ୍ର ଫଳ ଶୂନ,ପୁଣିଥରେ ମକର ସମୟରେ ମଧ ସ୍ଥିତି ପରଖି ଥିଲୁ,ପରେ ପୁଣି ସ୍କୁଲ ଖୋଲିବା ପରେ ଏ ଦୃଶ୍ୟ ଆପଣ ମାନେ ଦେଖନ୍ତୁ। ଆଦିବାସୀ ଅଞ୍ଚଳରେ ପିଲାଙ୍କ ଭବିଷ୍ୟତ କୁ ଅନିଶ୍ଚିତତା ଠେଲିଦେଇ ହରିଲୁଟ କରିବାରେ ଶିକ୍ଷକ ଙ୍କୁ ଜିଲ୍ଲା ପ୍ରସାଶନ ଓ ବ୍ଲକ ପ୍ରସାଶନ ପ୍ରୋତ୍ସାହନ ଦେଉଥିବା ସ୍ପଷ୍ଟ ବାରି ହେଉଛି। ଦୀର୍ଘଦିନ ଧରି ଗୋଟିଏ ସ୍କୁଲରେ ରହିବାକୁ ସମସ୍ତେ ଜାଣି ଅଜଣା ଭଳି କାର୍ଯ୍ୟ କରୁଥିବା ଏବେ ସରଳ ଆଦିବାସୀ ବୁଝି ସାରିଲେଣି । ଆଗାମୀ ଦିନରେ ଅଷ୍ଟମ ଅର୍ଥ କମିଶନ ଲାଗୁ ହେଲେ ଏ ଭଳି ଶିକ୍ଷକ ମାନେ ମାସିକ ଦେଢ଼ ଲକ୍ଷରୁ ଉର୍ଦ୍ଧ୍ ଟଙ୍କା ଉଠାଣ କରିବେ ମାତ୍ର ଏଭଳି ଶିକ୍ଷକଙ୍କ ମାନସିକ ତାର ଅନ୍ତ କେବେ ଘଟିବ,ଏ ଭଳି ସ୍କୁଲ ଅଗଣାରେ ଦଉଡ଼ିଆ ଖଟିରେ ଶୋଇ ମାସିକ ବେତନ ନେଉଥିବା ଶିକ୍ଷକ ଙ୍କ ଉପରେ କଣ କାର୍ଯ୍ୟାନୁଷ୍ଠାନ ହେବ,ସେକଥା ଆପଣ ମାନେ ଚିନ୍ତା କରନ୍ତୁ।









# କଂଗ୍ରେସ ନେତାଙ୍କୁ ରାହୁଲ-ପ୍ରିୟଙ୍କାଙ୍କ ତାଗିଦ

**ନୂଆଦିଲ୍ଲୀ,୨୨।୧(ଏଜେନ୍ସି):** ଦିଲ୍ଲୀ ନିର୍ବାଚନ ଯେତିକି ପାଖଉଛି ରାଜନୈତିକ ମାହୋଲ ସେତିକି ଉଷ୍ମ ହେବାରେ ଲାଗିଛି । ବିଜୟ ପାଇଁ ରାଜନେତିକ ଦଳମାନେ ନିଜର ପ୍ରସ୍ତୁତି ଜାରି ରଖିଛନ୍ତି । ୨ଟି ନିର୍ବାଚନରେ ଦିଲ୍ଲୀରେ ଖାତା ଖୋଲି ନଥିବା କଂଗ୍ରେସ କିନ୍ତୁ ଚଳିତଥର ଲଢ଼େଇ ଜୋରଦାର କରିବ ବୋଲି ଚର୍ଚ୍ଚା ହେଉଛି । ତେବେ ଜାତୀୟ ନେତାମାନେ ଦିଲ୍ଲୀ ରାଜନୀତିକୁ ନେଇ ଯେତିକି ଚିନ୍ତାରେ ରହୁଛନ୍ତି ଦିଲ୍ଲୀର କଂଗ୍ରେସ ନେତାମାନେ ସେତିକି ଭାବୁନଥିବା କୁହାଯାଇଛି । ଯାହାକୁ ନେଇ ସ୍ଥାନୀୟ ନେତାଙ୍କୁ ତାଗିଦ କରିଛନ୍ତି ରାହୁଲ ଗାନ୍ଧି ଏବଂ ପ୍ରିୟଙ୍କା ଗାନ୍ଧି । ଦିଲ୍ଲୀର ସ୍ଥାନୀୟ ନେତାମାନେ ଗୁରୁତର ସହ କେଣସି ବେଠକ କରୁନଥିବାବେଳେ ଲୋକଙ୍କ ପାଖରେ ପହଞ୍ଚି ପାରୁନଥିବା କୁହାଯାଇଛି । ଯାହାକୁ ନେଇ ରାହୁଲ କହିଛନ୍ତି କି, କଂଗ୍ରେସର ପ୍ରମୁଖ ଗ୍ୟାରେଣ୍ଟି କାର୍ଡ ଲୋକଙ୍କ ପାଖରେ ପହଞ୍ଚାନ୍ତୁ। ସୋମବାର ଦିଲ୍ଲୀର ସ୍ଥାନୀୟ ନେତୃ ମଣ୍ଡଳୀଙ୍କ ସହ ଅନଲାଇନରେ ଏକ ବେଠକ ଆୟୋଜନ କରିଥିଲେ ରାହୁଲ ଏବଂ ପ୍ରିୟଙ୍କା । ରାହୁଲ ସିଲମପୁରରେ ଏକ ଜନସଭା କରିଥିବାବେଳେ ଏହାପରଠାରୁ କିନ୍ତୁ ସ୍ଥାନୀୟ ନେତା କୌଣସି ସଭାର ଆୟୋଜନ କରିନାହାନ୍ତି । ଚର୍ଚ୍ଚା ହେଉଛି କି, ବିଜେପି ଏବଂ ଆମ ଆଦମୀ ପାର୍ଟି ପକ୍ଷରୁ ଯେଉଁ ଭଳି ଭାବରେ ପ୍ରଚାର କରାଯାଉଛି କଂଗ୍ରେସ ଏଥିରେ ପଛରେ ପଡ଼ି ଯାଇଛି । ସ୍ଥାନୀୟ ନେତାମାନେ କେବଳ ରାହୁଲ ଏବଂ ପ୍ରିୟଙ୍କାଙ୍କ ଉପରେ ନିର୍ଭର କରୁଛନ୍ତି । ତେବେ ଦିଲ୍ଲୀରେ ମାରାଥନ ପ୍ରଚାର ଆରମ୍ଭ କରିବାକୁ ଯାଉଛନ୍ତି ରାହୁଲ। ପାରମ୍ପରିକ ଭୋଟ ବ୍ୟାଙ୍କ ହାତେଇବା ସହ ବିଜୟ ଲକ୍ଷ୍ୟରେ ବଡ଼ ସଭାର ଆୟୋଜନ ମଧ୍ୟ କରିବାକୁ ଯାଉଛନ୍ତି ।ବୁଧବାରଠାରୁ ରାହୁଲଙ୍କ ପ୍ରଚାର କାର୍ଯ୍ୟକ୍ରମ ରହିଛି।



# ଜୀବନ ନେଉଛି ରହସ୍ୟମୟ ରୋଗ

**ନୂଆଦିଲ୍ଲୀ,୨୨।୧(ଏଜେନ୍ସି):** ଆତଙ୍କ ଖେଳାଇବାରେ ଲାଗିଛି ରହସ୍ୟମୟ ରୋଗ । ନେଲାଣି ୧୭ ଜଣଙ୍କ ଜୀବନ । ଏତେ ଲୋକ ପ୍ରାଣ ହରାଇଥିଲେ ହେଁ ରୋଗ ସମ୍ପର୍କରେ ଟେର ପାଉନାହାନ୍ତି ଡାକ୍ତର କିମ୍ବା ପ୍ରଶାସନ । ଜମ୍ମୁ-କଶ୍ମୀରର ରଜୌରୀ ଜିଲ୍ଲାରେ ଥିବା ବଧାଲ ନାମକ ଗାଁରେ ରହସ୍ୟମୟ ରୋଗ କୋକୁଆ ଭୟ ସୃଷ୍ଟି କରିଛି । ଗାଁରେ ୧୭ ଜଣ ପ୍ରାଣ ହରାଇ ସାରିଥିଲେ ହେଁ ଏହାର କାରଣ ସମ୍ପର୍କରେ ଏଯାଏ ଜଣାପଡ଼ିନି । ରହସ୍ୟମୟ ରୋଗ ସମ୍ପର୍କରେ ପ୍ରଥମେ ଗତବର୍ଷ ଡିସେମ୍ବର ୭ରେ ସୂଚନା ମିଳିଥିଲା । ଡିସେମ୍ବର ୭ରେ ବିନା କାରଣରେ ବଧାଲ ଗାଁରେ ୫ ଜଣଙ୍କ ଜୀବନ ଚାଲି ଯାଇଥିଲା । ଏହାପରେ ପର୍ଯ୍ୟାୟକ୍ରମେ ଆଉ ୧୨ ଜଣ ଅଜଣା ରୋଗରେ ଆଖି ବୁଜିଛନ୍ତି । ଏହି ଅଜଣା ରୋଗରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ଗାଁର ମହମ୍ମଦ ଅସଲାମ । ସେ ନିଜର ବାପା ମା'ଙ୍କ ସମେତ ନିଜର ସମସ୍ତ ୬ ପିଲାଙ୍କୁ ହରାଇଛନ୍ତ । ରହସ୍ୟମୟ ରୋଗ ଦିନକୁ ଦିନ ଭୟଙ୍କର ସ୍ଥିତି ସୃଷ୍ଟି କରୁଥିବାରୁ ଶନିବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୧୧ ଜଣିଆ ଅନ୍ତଃ ମନ୍ତ୍ରୀ ସ୍ତରୀୟ କମିଟି ଗଠନ କରିଛି । ଏହି କମିଟି ମୃତ୍ୟୁର କାରଣ ଖୋଜିବ । କମିଟିର ସଦସ୍ୟମାନେ ରବିବାର ଠାରୁ ରଜୌରୀରେ ପହଞ୍ଚି ତଦନ୍ତ ଆରମ୍ଭ କରି ଦେଇଛନ୍ତି । ଏସବୁ ଭିତରେ ଜସ୍ମିନ ନାମକ ଜଣେ ନାବାଳିକା ଚିକିତ୍ସାଧୀନ ଅବସ୍ଥାରେ ଏସଏମଜିଏସ୍ ହସ୍ପିଟାଲରେ ଆଖି ବୁଜିଛନ୍ତି । ଅସୁସ୍ଥତା କାରଣରୁ ସେ ବେଶ କିଛି ଦିନ ହେଲା ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା । କିନ୍ତୁ ରବିବାର ସେ ପରପାରିକୁ ଚାଲି ଯାଇଛନ୍ତି । କମିଟିର ସଦସ୍ୟମାନେ ରଜୌରୀର ବରିଷ୍ଠ ଅଧିକାରୀଙ୍କ ସହ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି । ସେମାନେ ଗାଁରେ ସୃଷ୍ଟି ହୋଇଥିବା ସଙ୍କଟ ସମ୍ପର୍କରେ ସେମାନଙ୍କୁ ଜଣାଇଛନ୍ତି । ସୋମବାର କମିଟି ପ୍ରଭାବିତ ବଧାଲ ଗାଁକୁ ଯାଇ ମଧ୍ୟ ସ୍ଥିତି ଅନୁଧ୍ୟାନ କରିଛନ୍ତି । କେବଳ କେନ୍ଦ୍ର ଗଠନ କରିଥିବା କମିଟି ଯେ ରହସ୍ୟମୟ ମୃତ୍ୟୁର ତଦନ୍ତ କରୁନାହିଁ, ବରଂ ଜମ୍ମୁ-କଶ୍ମୀର ପୁଲିସର ଏସଆଇଟି ମଧ୍ୟ ଘଟଣାର ଯାଞ୍ଚ କରୁଛି । ଏସଆଇଟି ଅପରାଧିକ ଷଡ଼ଯନ୍ତ୍ରର ଯାଞ୍ଚ କରୁଥିବା ବେଳେ ସନ୍ଦିଗ୍ଧ ମାନଙ୍କୁ ଜେରା କରୁଛି ଓ ସେମାନଙ୍କ ମୋବାଇଲକୁ ଯାଞ୍ଚ କରିଛି । କିନ୍ତୁ ଏଯାଏ ହୋଇଥିବା ତଦନ୍ତରୁ କୌଣସି ପ୍ରକାରର ଲିଙ୍କ୍ ମିଳିପାରି ନାହିଁ । ଜମ୍ମୁ-କଶ୍ମୀର ଉପ ରାଜ୍ୟପାଳ ମନୋଜ ସିହ୍ନା କହିଛନ୍ତି, ଜମ୍ମୁ-କଶ୍ମୀର ପ୍ରଶାସନର ସ୍ୱାସ୍ଥ୍ୟ ଓ ଅନ୍ୟ ବିଭାଗଗୁଡ଼ିକ ଏହି ମାମଲାର ତଦନ୍ତ କରୁଛନ୍ତି । କିନ୍ତୁ ରହସ୍ୟମୟ ରୋଗ/ମୃତ୍ୟୁର କାରଣ ଏଯାଏ ଜଣାପଡ଼ିନିୟ ସ୍ୱରାଷ୍ଟ୍ର ମନ୍ତ୍ରୀ ଗଠନ କରିଥିବା ମନ୍ତ୍ରୀ ସ୍ତରୀୟ କମିଟି ମଧ୍ୟ ରଜୌରୀରେ ପହଞ୍ଚିଛନ୍ତି । ମୋର ଆଶା ମୃତ୍ୟୁର କାରଣ ଖୁବଶୀଘ୍ର ଜଣାପଡ଼ିଯିବ । ପୁଲିସ୍ ମଧ୍ୟ ଏହି ମୃତ୍ୟୁ ପଛରେ ଥିବା ଅଲଗା ଦିଗର ତଦନ୍ତ କରିବା ପାଇଁ ଏସଆଇଟି ଗଠନ କରିଛି । ଜମ୍ମୁ-କଶ୍ମୀର ଉପ ମୁଖ୍ୟମନ୍ତ୍ରୀ ସୁରିନ୍ଦର ଚୌଧୁରୀ ଶନିବାର ବିଧାଲ ଗାଁକୁ ଯାଇ ଅଜଣା ରୋଗରେ ପ୍ରଭାବିତ ଲୋକଙ୍କ ପରିବାର ବର୍ଗଙ୍କୁ ଭେଟିଛନ୍ତି। ମୃତ୍ୟୁର କାରଣ ଜାଣିବା ପାଇଁ ସରକାର କୌଣସି ପ୍ରକାରର ଅବହେଳା କରିବେ ନାହିଁ ବୋଲି ସେ କହିଛନ୍ତି ।



## ଆରଜି କର ମେଡିକାଲ କଲେଜ ଡାକ୍ତର ଦୁଷ୍କର୍ମ ମାମଲା

# ହାଇକୋର୍ଟ ଯିବେ ମମତା

**ନୂଆଦିଲ୍ଲୀ,୨୨।୧(ଏଜେନ୍ସି):** ଆରଜି କର ମେଡିକାଲ କଲେଜ ଡାକ୍ତର ଦୁଷ୍କର୍ମ ଓ ହତ୍ୟା ମାମଲାରେ କୋର୍ଟଙ୍କ ଫଇସଲାକୁ ନେଇ ପଶ୍ଚିମବଙ୍ଗ ସରକାର ଅସନ୍ତୋଷ ଜାହିର କରିଛନ୍ତି । ତଳ କୋର୍ଟଙ୍କ ନିଷ୍ପତ୍ତିକୁ ବିରୋଧ କରି ମମତା ସରକାର ହାଇକୋର୍ଟ ଯିବାକୁ ନିଷ୍ପତ୍ତି ନେଇଛନ୍ତି । କୋର୍ଟଙ୍କ ଶୁଣାଣୀ ନେଇ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ମମତା କହିଛନ୍ତି ଯଦି ମାମଲାର ତଦନ୍ତ କୋଲକାତା ପୁଲିସ କରିଥାନ୍ତା ହୁଏତ ଦୋଷୀକୁ ଫାଶୀଦଣ୍ଡ ମିଳିଥାନ୍ତା । ଏଥିସହ ଟିଏମସି ମୁଖ୍ୟ କହିଛନ୍ତି ପ୍ରଥମ ଦିନରୁ ହିଁ ଆମେ ଦୋଷୀକୁ ଫାଶୀଦଣ୍ଡ ମିଳୁ ବୋଲି ଦାବି କରିଥିଲୁ କିନ୍ତୁ ସିବିଆଇର ତଦନ୍ତ ସନ୍ତୋଷଜନକ ନଥିଲା । ଓ ଆଜି ଦୋଷୀକୁ ଫାଶୀଦଣ୍ଡ ଜାଗାରେ ଆଜୀବନ କାରାଦଣ୍ଡ ମିଳିଛି କହି ଅସନ୍ତୋଷ ପ୍ରକାଶ କରିଛନ୍ତି ମମତା । ସେପଟେ କୋର୍ଟଙ୍କ ଫଇସଲାକୁ ବିରୋଧ କରି ଜୁନିୟର ଡାକ୍ତର ଜୋରଦାର ବିକ୍ଷୋଭ କରିଛନ୍ତି । କୋର୍ଟ ବାହାରେ ଶହଶହ ସଂଖ୍ୟକ ଡାକ୍ତର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । କୋର୍ଟଙ୍କ ଫଇସଲାରେ ପକ୍ଷପାତିତା ହୋଇଥିବା କହିଛନ୍ତି ବିକ୍ଷୋଭକାରୀ । ପୀଡିତାଙ୍କ ପରିବାରକୁ ୧୭ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଯାହାକୁ ଗ୍ରହଣ କରିବେନି ବୋଲି କହିଛନ୍ତି ଅଭୟାଙ୍କ ପରିବାର ।

## ଭାରତ ମୋବିଲିଟି ଗ୍ଲୋବାଲ୍ ଏକ୍ସପୋରେ ଟୟୋଟା କିର୍ଲୋସ୍କର ଗତିଶୀଳତା ସମାଧାନ

**ନୂଆଦିଲ୍ଲୀ,୨୨।୧(ଏଜେନ୍ସି):** ଟୋୟୋଟା କିର୍ଲୋସ୍କର ମୋଟର (ଟିକେଏମ) ଏହାର ଟୟୋଟା ମୋବିଲିଟି ସର୍ଭିସ୍ (ଟିଏମଏସ) ଷ୍ଟଲରେ ବିଭିନ୍ନ ପ୍ରକାରର ସ୍ୱତନ୍ତ୍ର ଯାନ ଏବଂ ନବସୃଜନଶୀଳ ଗତିଶୀଳତା ସମାଧାନ ପ୍ରଦର୍ଶନ କରି ଭାରତ ମୋବିଲିଟି ଗ୍ଲୋବାଲ୍ ଏକ୍ସପୋ ୨୦୨୫ରେ ନିଜର ଦକ୍ଷତାକୁ ବୃଦ୍ଧି କରିଛି। ପ୍ରସିଦ୍ଧ ଟୟୋଟା ହିଲକ୍ସ ପ୍ଲାଟଫର୍ମରେ ନିର୍ମିତ, ଏହି ଯାନଗୁଡ଼ିକ ବିଭିନ୍ନ କ୍ଷେତ୍ରରେ ଶିଳ୍ପ ଗତିଶୀଳତା, କାର୍ଯ୍ୟକ୍ଷମ ଦକ୍ଷତା ଏବଂ ସ୍ଥାୟୀତ୍ୱକୁ ଆଗକୁ ବଢ଼ାଇବା ପାଇଁ ଟୟୋଟାର ସ୍ଥାୟୀ ପ୍ରତିବଦ୍ଧତାକୁ ସାବ୍ୟସ୍ତ କରିଥାଏ। ହଲ୍ ନମ୍ବର ୬ରେ ଏକ ଉତ୍କର୍ଗୀକୃତ ଉପସ୍ଥିତି ସହିତ, ଟିକେଏମ ଜରୁରୀକାଳୀନ ପ୍ରତିକ୍ରିୟା, ଖଣି, ଲଜିଷ୍ଟିକ୍ ଏବଂ ଭିତ୍ତିଭୂମି ଭଳି ଶିଳ୍ପ ପାଇଁ ଡିଜାଇନ୍ କରାଯାଇଥିବା ସମାଧାନ ପ୍ରଦର୍ଶନ କରି ପରିଦର୍ଶକମାନଙ୍କୁ ଆକର୍ଷିତ କରିଥାଏ। ପ୍ରତ୍ୟେକ ସ୍ୱତନ୍ତ୍ର ଯାନ ହିଲକ୍ସର ଅତୁଳନୀୟ ସ୍ଥାୟୀତ୍ୱ, ନିର୍ଭରଯୋଗ୍ୟ ବ୍ୟବହାର କରେ, ବିଶ୍ୱସ୍ତ କନଭର୍ସନ୍ ପାର୍ଟନର୍ସଙ୍କ ସହଯୋଗରେ ଉଦ୍ଦେଶ୍ୟ-ନିର୍ମିତ ସମାଧାନ ପ୍ରଦାନ କରିବାରେ ଟୟୋଟାର ବିଶେଷତାକୁ ପ୍ରମାଣିତ କରିଥାଏ। ପ୍ରତ୍ୟେକ ସମାଧାନ ହିଲକ୍ସର ଅନନ୍ୟ ଶକ୍ତି, ଏହାର ଦୃଢ଼ ଚେସିସ୍, ଉତ୍କୃଷ୍ଟ ଅଫ୍-ରୋଡ୍ କ୍ଷମତା ଏବଂ ବିଭିନ୍ନ ଶିଳ୍ପ ପ୍ରୟୋଗ ସହିତ ଖାପ ଖୁଆଇବାର କ୍ଷମତା ପ୍ରଦର୍ଶନ କରେ, ଏହାକୁ ସ୍ୱତନ୍ତ୍ର ଗତିଶୀଳତା ସମାଧାନ ପାଇଁ ଆଦର୍ଶ ପ୍ଲାଟଫର୍ମ କରିଥାଏ।

# ଟ୍ରମ୍ପ-ଜିନପିଙ୍ଗ୍ ବିବାଦ ପାଇଁ କ୍ଷତି ସହିବ ଭାରତ

**ନୂଆଦିଲ୍ଲୀ,୨୨।୧(ଏଜେନ୍ସି):** ଆମେରିକା-ଚୀନ୍ ବାଣିଜ୍ୟ ଯୁଦ୍ଧରୁ ଭାରତ ପାଇଁ ଉଭୟ ଲାଭ ଏବଂ ସଙ୍କଟର ଆହ୍ୱାନ ରହିଛି । ଆମେରିକାର ପ୍ରତିବନ୍ଧକ ଯୋଗୁ ଭାରତୀୟ ରପ୍ତାନୀ ବୃଦ୍ଧି ହୋଇପାରେ ଏବଂ କମ୍ପାନୀଗୁଡିକ ପୁଞ୍ଜି ବିନିଯୋଗ ସ୍ଥାନାନ୍ତର କରିପାରନ୍ତି । କିନ୍ତୁ ବିଶ୍ୱ ମାନ୍ଦାବସ୍ଥା, କଞ୍ଚାମାଲର ମୂଲ୍ୟ ବୃଦ୍ଧି ଏବଂ ଚୀନ୍ରେ ଚାହିଦା ହ୍ରାସ ଯୋଗୁ ଭାରତକୁ ଆର୍ଥିକ ଚାପର ସମ୍ମୁଖୀନ ହେବାକୁ ପଡିପାରେ ।୨୦୧୮ ପରେ, ଆମେରିକା ୧୧,୦୦୦ ରୁ ଅଧିକ ଚୀନ୍ର ଉତ୍ପାଦ ଉପରେ ଶୁଳ୍କ ବୃଦ୍ଧି କରିଥିଲା । ଆମେରିକୀୟ ଉତ୍ପାଦ ଉପରେ ଟିକସ ବୃଦ୍ଧି କରି ଚୀନ୍ ମଧ୍ୟ ପ୍ରତିଶୋଧ ନେଇଥିଲା । ଚୀନର ସାମଗ୍ରୀ ଉପରେ ଶୁଳ୍କ ଯୋଗୁ ଆମେରିକାର ଯୋଗାଣ ଶୃଙ୍ଖଳା ମଧ୍ୟ ପ୍ରଭାବିତ ହୋଇଥିଲା । ଚୀନର କମ୍ପାନୀଗୁଡିକର ଲାଭରେ ହ୍ରାସ ଘଟିଥିଲା। ଜର୍ମାନୀର ହାମବର୍ଗରେ ଅବସ୍ଥିତ ଲାଇବନିଜ୍ ସୂଚନା କେନ୍ଦ୍ର ଅର୍ଥନୀତି ୨୦୨୧ମସିହାରେ ଏକ ତଥ୍ୟ ପ୍ରକାଶ କରି କହିଥିଲା ଯେ, ଆମେରିକା ଏବଂ ଚୀନ୍ ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଯୋଗୁ ଭାରତର ରପ୍ତାନୀ ବହୁ ପରିମାଣରେ ବୃଦ୍ଧି ପାଇଛି । ଚୀନ୍ ଉପରେ ପ୍ରତିବନ୍ଧକ ଯୋଗୁ ଆମେରିକୀୟ କମ୍ପାନୀଗୁଡିକ ସାମଗ୍ରୀ ଏବଂ କଞ୍ଚାମାଲର ବିକଳ୍ପ ପାଇଁ ଭାରତ ମୁହାଁ ହୋଇ ପାରନ୍ତି, ଯାହା ଭାରତର ରପ୍ତାନୀକୁ ପୁଣି ଥରେ ବାଢ଼ାଇପାରେ । ପ୍ରତିବନ୍ଧକ ଯୋଗୁ ଆମେରିକୀୟ ବ୍ୟବସାୟଗୁଡିକ ସେମାନଙ୍କର ପୁଞ୍ଜି ବିନିଯୋଗକୁ ଚୀନ୍ ଠାରୁ ଭାରତ ସମେତ ଅନ୍ୟ ଦେଶକୁ ସ୍ଥାନାନ୍ତର କରିପାରିବେ । ଚୀନର ସାମଗ୍ରୀ ଉପରେ ଶୁଳ୍କ ଯୋଗୁ ଭାରତୀୟ ସାମଗ୍ରୀ ବିଶ୍ୱ ବଜାରରେ ଆଦୃତି ପାଇପାରିବାର ଆଶା ରହିଛି । ଚୀନ୍ ଏକ ବିଶାଳ ବଜାର । ଏହା ବ୍ୟତୀତ ଏହାକୁ ବିଶ୍ୱର କାରଖାନା ମଧ୍ୟ କୁହାଯାଏ । ଆମେରିକା ଏବଂ ଚୀନ୍ ମଧ୍ୟରେ ବାଣିଜ୍ୟ ଯୁଦ୍ଧର ପ୍ରଭାବ ସମଗ୍ର ବିଶ୍ୱରେ ଅନୁଭୂତ ହେବାର ଆଶଙ୍କା ରହିଛି । ଏହି କାରଣରୁ, ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥା ଦେଖାଯାଇପାରେ । ଏହା ଭାରତ ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଇବ । ଏହା ଭାରତର ରପ୍ତାନୀ ଉପରେ ପ୍ରଭାବ ପକାଇପାରେ । ଭାରତ କପା, ରାସାୟନିକ ପଦାର୍ଥ ଏବଂ ଲୁହାପଥର ପରି କଞ୍ଚାମାଲ ଚୀନକୁ ରପ୍ତାନୀ କରିଥାଏ ।ମାନ୍ଦାବସ୍ଥା ଯୋଗୁ ଚୀନରେ ଏହାର ଚାହିଦା ହ୍ରାସ ହୋଇପାରେ। ଆମେରିକୀୟ ଶୁଳ୍କ ଯୋଗୁ ଯଦି ଚୀନ୍ର ସାମଗ୍ରୀ ମହଙ୍ଗା ହୁଏ, ତେବେ ଇଲେକ୍ଟ୍ରୋନିକ୍ସ, ଯନ୍ତ୍ରପାତି ଏବଂ କଞ୍ଚାମାଲ ଭଳି ଦ୍ରବ୍ୟର ମୂଲ୍ୟ ସମଗ୍ର ବିଶ୍ୱରେ ବୃଦ୍ଧି ପାଇପାରେ । ଏହା ଭାରତୀୟ ଆମଦାନିକାରୀଙ୍କୁ ମଧ୍ୟ ପ୍ରଭାବିତ କରିବ ବୋଲି ଅର୍ଥ ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି ।

## ଅନୁପ୍ରବେଶକାରୀଙ୍କ ପାଇଁ ଆରପିଏଫ୍ ସତର୍କ

# ଗତ ୪ ବର୍ଷରେ ୯୧୬ ଜଣ ବାଂଲାଦେଶୀ-ରୋହିଙ୍ଗ୍ୟା ଗିରଫ

**ନୂଆଦିଲ୍ଲୀ,୨୨।୧(ଏଜେନ୍ସି):** ବାଂଲାଦେଶୀ ଓ ରୋହିଙ୍ଗ୍ୟା ଅନୁପ୍ରବେଶକାରୀ ବଢାଇଛନ୍ତି ଚିନ୍ତା । ଏହାକୁ ଦୃଷ୍ଟିରେ ରଖି ଅନୁପ୍ରବେଶକାରୀଙ୍କ ଉପରେ ନଜର ରଖିଛି ରେଲୱେ ସୁରକ୍ଷା ବଳ(ଆରପିଏଫ୍) । ୨୦୨୧ ରୁ ଏପର୍ଯ୍ୟନ୍ତ ୫୮୬ ବାଂଲାଦେଶୀ ନାଗରିକ ଓ ୩୧୮ ରୋହିଙ୍ଗ୍ୟାଙ୍କ ସହିତ ୯୧୬ ଜଣଙ୍କୁ ଗିରଫ କରିଛି । ଯାହାକି ଦେଶର ସୁରକ୍ଷା ପ୍ରତି ତାଙ୍କର ସତର୍କତାକୁ ଦର୍ଶାଉଛି । ଆରପିଏଫ୍ ଗତ ବର୍ଷ ଜୁନ୍ ଓ ଜୁଲାଇରେର ପୂର୍ବୋତ୍ତର ସୀମାନ୍ତ ରେଲୱେ(ଏନ୍ଏଫ୍ଆର) ଅନ୍ତର୍ଗତ ଅଞ୍ଚଳରେ ୮୮ ବାଂଲାଦେଶୀ ଓ ରୋହିଙ୍ଗ୍ୟ ପ୍ରବାସୀଙ୍କୁ ଗିରଫ କରାଯାଇଛି । ଏଥିରେ କଛି ଲୋକ ବେଆଇନ ରୂପରେ ଭାରତରେ ଅନୁପ୍ରବେଶ କରିଥିବା ସ୍ୱୀକାର କରିଛନ୍ତି। ରେଳ ମନ୍ତ୍ରଣାଳୟ RPF ର କାର୍ଯ୍ୟାନୁଷ୍ଠାନ ବିଷୟରେ ସୂଚନା ଦେଇ ଏକ ପ୍ରେସ୍ ନୋଟ୍ ଜାରି କରିଛି । ପ୍ରେସ୍ ନୋଟରେ କୁହାଯାଇଛି ଯେ ଅନୁପ୍ରବେଶକାରୀଙ୍କ ଦ୍ୱାରା ରେଳପଥ ବ୍ୟବହାର ସେମାନଙ୍କ ପାଇଁ ରାଜ୍ୟରୁ ରାଜ୍ୟକୁ ଯାତ୍ରା କରିବା ସହଜ କରିଥାଏ, କିନ୍ତୁ ଭାରତରେ ଅବୈଧ ପ୍ରବେଶକୁ ଚିହ୍ନଟ କରିବା ଏବଂ ରୋକିବା କଷ୍ଟକର ହୋଇଥାଏ। ଅକ୍ଟୋବର ୨୦୨୪ ରେ ଏହି ରିପୋର୍ଟରେ କୁହାଯାଇଛି, ବାଂଲାଦେଶୀ ସୀମାରେ ସୁରକ୍ଷା ସମ୍ପର୍କିତ ଉପାୟକୁ ବଢାଇବା ପରେ ବି ବେଆଇନ୍ ପ୍ରବାସୀ ଭାରତରେ କୌଣସି ନା କୌଣସି ପ୍ରକାରରେ ଅନୁପ୍ରବେଶ କରିବାର ଚେଷ୍ଟା କରିଥାନ୍ତି । ସେମାନେ ଆସାମ ବାଟ ଦେଇ ଆସିବାକୁ ପ୍ରାୟତଃ ଚେଷ୍ଟା କରିଥାନ୍ତି । ବେଆଇନ ଅନୁପ୍ରବେଶ ଘଟଣା ରେଲୱେ ନେଟୱର୍କର ନଜର ଓ ସୁରକ୍ଷାରେ ଭାରତୀୟ ଅଧିକାରୀଙ୍କ ଆଗରେ ଆସୁଥିବା ଚ୍ୟାଲେଞ୍ଜକୁ ଚିହ୍ନଟ ମଧ୍ୟ କରନ୍ତି ।

# ଜାତିସଂଘରେ ଚୀନ୍ ପାଇଁ ସଙ୍କଟ

**ନୂଆଦିଲ୍ଲୀ,୨୨।୧(ଏଜେନ୍ସି):** ଦକ୍ଷିଣ ଚୀନ୍ ସାଗରରେ ଦାଦାଗିରି ଦେଖାଉଥିବା ଚୀନ୍ ପାଇଁ ଏବେ ସଙ୍କଟ ସୃଷ୍ଟି ହେବାରେ ଲାଗିଛି । ଚୀନ୍ ପଡୋଶୀ ଦେଶ ଭିଏତନାମ, ଫିଲିପାଇନ୍ସ, ଜାପାନ ଏବଂ ତାଇୱାନକୁ ଭୟଭୀତ କରିବାରେ ବ୍ୟସ୍ତ ଅଛି । ଚୀନର ଏହି ପଦକ୍ଷେପକୁ ପ୍ରତିହତ କରିବା ପାଇଁ ଫିଲିପାଇନ୍ସକୁ ବର୍ତ୍ତମାନ ମିଳିତ ଜାତିସଂଘ ସୁରକ୍ଷା ପରିଷଦର ଏକ ଅସ୍ଥାୟୀ ସଦସ୍ୟ କରାଯିବା ପାଇଁ ଯୋଜନା କରାଯାଉଛି। ଫିଲିପାଇନ୍ସକୁ ୨ବର୍ଷ ପାଇଁ ସୁରକ୍ଷା ପରିଷଦର ସଦସ୍ୟତା ଦେବାକୁ ଚିନ୍ତା କରାଯାଉଛି । ଯଦି ଫିଲିପାଇନ୍ସର ଏହି ପ୍ରୟାସ ସଫଳ ହୁଏ, ତେବେ ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଚୀନ୍ ବିରୋଧରେ ସବୁଠାରୁ ଅଧିକ ସ୍ୱର ଏବଂ ପ୍ରଭାବଶାଳୀ ସ୍ୱର ଉଠାଯାଇ ପାରିବ । ଚୀନ୍ ସମଗ୍ର ଦକ୍ଷିଣ ଚୀନ୍ ସାଗରକୁ ନିଜର ବୋଲି ଦାବି କରୁଛି । ସେହିପରି ଫିଲିପାଇନ୍ସ ଦ୍ୱୀପପୁଞ୍ଜକୁ ମଧ୍ୟ ନିଜର ବୋଲି ଦାବି କରିବା ଜାରି ରଖିଛି । ଚୀନ୍ ଏବଂ ଫିଲିପାଇନ୍ସ ମଧ୍ୟରେ ଅନେକ ଥର ସମୁଦ୍ରରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇ ସାରିଛି । ସାଉଥ ଚାଇନା ମର୍ନିଂ ପୋଷ୍ଟର ରିପୋର୍ଟ ଅନୁଯାୟୀ, ଯଦି ଫିଲିପାଇନ୍ସ ଚୀନକୁ ବିଶ୍ୱର ସବୁଠୁ ବଡ ମଞ୍ଚରେ ଘେରିବାର ଉଦ୍ୟମ କରିବ, ତେବେ ବେଜିଂ ପାଇଁ ଏହା ଅତ୍ୟନ୍ତ ଲଜ୍ଜାଜନକ ପରିସ୍ଥିତି ହୋଇପାରେ । ସମ୍ପ୍ରତି ଚୀନ୍ ପାକିସ୍ତାନକୁ ଦୁଇ ବର୍ଷ ଧରି ସୁରକ୍ଷା ପରିଷଦର ସଦସ୍ୟ ହେବା ଉପରେ ଜିଦ୍ ଧରିଛି । ଚୀନ୍ ଏବଂ ପାକିସ୍ତାନ ମିଳିତ ଭାବେ ଭାରତକୁ ଘେରିବାକୁ ଚାହୁଁଛନ୍ତି । ନିକଟରେ ଫିଲିପାଇନ୍ସ ଭାରତରୁ ବ୍ରହ୍ମୋସ କ୍ଷେପଣାସ୍ତ୍ର କିଣିଛି । ବ୍ରହ୍ମୋସର ଚୀନ୍ ଯୁଦ୍ଧ ଜାହାଜକୁ ନଷ୍ଟ କରିବାର ଶକ୍ତି ଅଛି । ଆମେରିକା ପକ୍ଷରୁ ସୁରକ୍ଷା ଦୃଷ୍ଟିରୁ ଫିଲିପାଇନ୍ସରେ ମଧ୍ୟ ନିଜର ସେ ନ୍ୟ ମୁତୟନ କରାଯାଇଛି । ଆମେରିକାର ନୂତନ ଭିତ୍ତିଭୂମି ନିର୍ମାଣ ମଧ୍ୟ ଫିଲିପାଇନ୍ସରେ ଜାରି ରହିଛି। ଗତ ସପ୍ତାହରେ ଫିଲିପାଇନ୍ସର ରାଷ୍ଟ୍ରପତି ମାର୍କୋସ ଜୁନିଅର କହିଥିଲେ ଫିଲିପାଇନ୍ସ ଏବ ବ୍ୟବସ୍ଥା ଆଧାରିତ ଅନ୍ତର୍ଜାତୀୟ ବ୍ୟବସ୍ଥା । ସେ କହିଥିଲେ, ୨୦୨୭ ରୁ ୨୦୨୮ ପର୍ଯ୍ୟନ୍ତ ସୁରକ୍ଷା ପରିଷଦ ଆସନ ଦାବି କରିବା ନେଇ ଶାନ୍ତି ରକ୍ଷା ତଥା ବହୁପକ୍ଷୀ । କୂଟନୈତିକ କ୍ଷେତ୍ରରେ ଫିଲିପାଇନ୍ସର ସମୃଦ୍ଧ ଅଭିଜ୍ଞତା ରହିଛି । ମାର୍କୋସ ଜୁନିଅର କହିଥିଲେ ଯେ, ଫିଲିପାଇନ୍ସ ବିଶ୍ୱସ୍ତରରେ ଏକ ଭୂମିକା ଗ୍ରହଣ କରିବାକୁ ଅତ୍ୟନ୍ତ ଶକ୍ତିଶାଳୀ ସ୍ଥିତିରେ ଅଛି । ଫିଲିପାଇନ୍ସ ମଧ୍ୟ ବିଶ୍ୱସ୍ତରୀୟ ଏଜେଣ୍ଡାର ନିର୍ଣ୍ଣାୟକ ପ୍ରସଙ୍ଗ ଉଠାଇବାକୁ ଚାହୁଁଛି । ବିଶେଷଜ୍ଞମାନେ କହିଛନ୍ତି, ମାର୍କୋସ ଜୁନିଅରଙ୍କର ମନ୍ତବ୍ୟରୁ ସ୍ପଷ୍ଟ ହୋଇଛି ଯେ, ଯଦି ଫିଲିପାଇନ୍ସ ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଯୋଗ ଦିଏ, ତେବେ ଦକ୍ଷିଣ ଚୀନ୍ ସାଗରରେ ନିଜକୁ ଆଉ ଭୟଭୀତ ମନେ ନକରି ଚୀନକୁ ବିଶ୍ୱସ୍ତରରେ ଘେରିବାକୁ ସକ୍ଷମ ହେବ । ଯଦି ଫିଲିପାଇନ୍ସକୁ ସୁରକ୍ଷା ପରିଷଦରେ ଅନ୍ତର୍ଭୁକ୍ତ କରିବାକୁ କୌଣସି ପ୍ରସ୍ତାବ ଆସେ ତେବେ ଚୀନ୍ ନିଶ୍ଚିତ ଭାବେ ଖାରଜ କରିବା ପାଇଁ ନିଜର ଭିଟୋ ଅଧିକାର ପ୍ରୟୋଗ କରିବ। ଯଦି ଚୀନ୍ ଏହା କରେ ତେବେ ଏହାର ଏକ ବଡ଼ କୂଟନୈତିକ ପ୍ରଭାବ ପଡିପାରେ । ଦକ୍ଷିଣ ଏସୀୟ ବ୍ୟାପାର ଉପରେ ଆମେରିକାର ବିଶେଷଜ୍ଞ ଗ୍ରେଗ ପୋଲିଙ୍ଗ କହିଛନ୍ତି, ଏହି ଭିଟୋ ଅଧିକାର ଚୀନକୁ ଲଜ୍ଜିତ କରିବ ।



## ଏଲ୍ଆଣ୍ଡ୍‌ଟି ୯ ମାସରେ ୨,୦୦୭ କୋଟି ଟଙ୍କାର ଲାଭ ରେକର୍ଡ

**ମୁମ୍ବାଇ,୨୨।୧(ଏଜେନ୍ସି):** ଭାରତର ଅନ୍ୟତମ ଅଗ୍ରଣୀ ଅଣ-ବ୍ୟାଙ୍କିଙ୍ଗ୍ ଫାଇନାନ୍ସିଆଲ୍ କମ୍ପାନି (ଏନବିଏଫସି) ଏଲ୍ ଆଣ୍ଡ୍ ଟି ଫାଇନାନ୍ସ ଲିମିଟେଡ୍ (ଏଲଟିଏଫ୍) ୨୦୨୪ ଡିସେମ୍ବର ୩୧ରେ ଶେଷ ହୋଇଥିବା ୯ ମାସରେ ୨,୦୦୭ କୋଟି ଟଙ୍କାର ସମନ୍ୱିତ ପିଏଟି ରେକର୍ଡ କରିଛି, ଯାହାକି ୨୦୨୩ ଡିସେମ୍ବର ୩୧ରେ ଶେଷ ହୋଇଥିବା ୯ ମାସ ତୁଳନାରେ ୧୪% ଅଧିକ। ଡିସେମ୍ବର ୩୧, ୨୦୨୪ରେ ଶେଷ ହୋଇଥିବା ତୃତୀୟ ତ୍ରୟମାସରେ ସମନ୍ୱିତ ପିଏଟି ୬୨୬ କୋଟି ଟଙ୍କା ରହିଥିଲା।

ଡିସେମ୍ବର ୩, ୨୦୨୪ରେ ଶେଷ ହୋଇଥିବା ତୃତୀୟ ତ୍ରୟମାସ ରେକଂପାନି ୧୫,୨୧୦ କୋଟି ଟଙ୍କାର ତ୍ରୈମାସିକ ଖୁଚୁରା ବିତରଣ ରେକର୍ଡ କରିଛି । ଏହି ତ୍ରୟମାସରେ ଖୁଚୁରା ପୁସ୍ତକର ଆକାର ୯୨,୨୨୪ କୋଟି ଟଙ୍କାରେ ପହଂଚିଛି, ପୂର୍ବ ବର୍ଷ ତୁଳନାରେ ବାର୍ଷିକ ୨୩% ବୃଦ୍ଧି ଘଟିଛି।

ଏହା ବ୍ୟତୀତ ଗ୍ରାହକଙ୍କ ପାଇଁ ଏକ ଶକ୍ତିଶାଳୀ ଡିଜିଟାଲ ଚ୍ୟାନେଲ ଭାବେ ଉଭା ହୋଇଥିବା କଂପାନିର ଗ୍ରାହକ ମୁଖୀ ପ୍ଲାନେଟ୍ ଆପ୍ ଡିସେମ୍ବର ୩୧, ୨୦୨୪ ସୁଦ୍ଧା ୧.୫ କୋଟିରୁ ଅଧିକ ଡାଉନଲୋଡ୍ ଅତିକ୍ରମ କରିଛି, ଯେଉଁଥିରେ ଗ୍ରାମାଂଚଳରୁ ୧୩.୮ ଲକ୍ଷରୁ ଅଧିକ ଡାଉନଲୋଡ୍ ହୋଇଛି। ବର୍ତ୍ତମାନ ସୁଦ୍ଧା, ଏହି ଚ୍ୟାନେଲ୍ ୩,୧୦୦ କୋଟି ଟଙ୍କାରୁ ଅଧିକ ସଂଗ୍ରହ କରିଛି ଏବଂ ୧୦,୫୦୦ କୋଟି ଟଙ୍କାରୁ ଅଧିକ (ୱେବ୍‌କୁମିଶାଇ) ସୋର୍ସିଂ କରିଛି । ଏଲଟିଏଫର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ସୁଦୀପ୍ତ ରାୟ କହିଛନ୍ତି, "ମାଇକ୍ରୋ ଫାଇନାନ୍ସ କ୍ଷେତ୍ରରେ କେତେକ ମାକ୍ରୋ ଚ୍ୟାଲେଞ୍ଜ ସତ୍ତ୍ୱେ ଆମେ ପରିସ୍ଥିତିକୁ ପ୍ରଭାବଶାଳୀ ଭାବେ ପରିଚାଳନା କରିଛୁ। ଆମେ ଆଶା କରୁଛୁ ଯେ ଆଗାମୀ ଦୁଇ ତ୍ରୟମାସରେ ପରିବେଶ ବହୁତ ଭଲ ହେବ।"

# ମହାକୁମ୍ଭରେ କୋକା-କୋଲା ଇଣ୍ଡିଆର ସତେଜତାର ମହକତା

**ନୂଆଦିଲ୍ଲୀ,୨୨।୧(ଏଜେନ୍ସି):** କୋକା-କୋଲା ଇଣ୍ଡିଆ, ଏହାର ବଟଲିଙ୍ଗ ସହଯୋଗୀ ଏସଏଲଏମଜି ବେଭେରେଜେସକୁ ସାଙ୍ଗରେ ନେଇ, ମହାକୁମ୍ଭ ୨୦୨୫ ଅଭିଜ୍ଞତାର ସମସ୍ତ ସ୍ତରକୁ ବୃଦ୍ଧି କରିବା ପାଇଁ ନିଜକୁ ପ୍ରସ୍ତୁତ କରିଛି, ଯାହାକି ପୃଥିବୀର ସବୁଠାରୁ ଏକ ବଡ଼ ସାଂସ୍କୃତିକ ମିଳନ ସ୍ଥଳ, ସ୍ଥାନୀୟ ସମ୍ପ୍ରଦାୟଙ୍କ ଜରିଆରେ ହାଇଡ୍ରେସନ, ଗ୍ରାହକ ସୁବିଧା ତଥା ଆର୍ଥିକ ସୁଯୋଗକୁ ନେଇ ଏକ ନିରବଚ୍ଛିନ୍ନ ସମନ୍ୱୟ ରକ୍ଷା କରିପାରିଛି। ଲକ୍ଷ ଲକ୍ଷ ଉପସ୍ଥିତିକୁ ନେଇ କାର୍ଯ୍ୟକ୍ରମକୁ ଆହୁରି ବୃଦ୍ଧି କରିବା ସହିତ ଏକ ଅର୍ଥପୂର୍ଣ୍ଣ ସାମାଜିକ ଏବଂ ପରିବେଶ ଜନିତ ପ୍ରଭାବକୁ ଆଗକୁ ବଢ଼ାଇବା ଏହି କମ୍ପାନୀର ଲକ୍ଷ୍ୟ ଅଟେ।

ମହାକୁମ୍ଭ ସ୍ଥଳୀର ଚତୁଃପାର୍ଶ୍ୱରେ ବୃହତ୍ ଖୁଚୁରା ତଥା ବିତରଣର ଏକ ନେଟୱାର୍କ ପ୍ରତିଷ୍ଠା କରିବା ସହିତ, କୋକା-କୋଲା ଇଣ୍ଡିଆ ଏସଏଲଏମଜି ଭେଭେରେଜେସ ଏହା ବିବିଧ ମୃଦୁପାନୀୟ ପୋର୍ଟଫୋଲିଓର ସହଜ ଗ୍ରହଣୀୟତାକୁ ସୁନିଶ୍ଚିତ କରିପାରିଛି। ସ୍ଥାନୀୟ ବିକ୍ରେତା ମାନଙ୍କ ଦ୍ୱାରା ପରିଚାଳିତ ହାଇଡ୍ରେସନ କାର୍ଟ, ସୁଚିନ୍ତିତ ଭାବରେ କୁଲର ଯନ୍ତ୍ର ସ୍ଥାପନ, ଫୁଡ଼କୋର୍ଟ ସହିତ ସହଭାଗୀତା, ଖୁଚୁରା ଆଉଟଲେଟ ପାଇଁ ସ୍ଥାନୀୟ ବିକ୍ରେତା ମାନଙ୍କୁ ପ୍ରୋତ୍ସାହନ, ବର୍ଜ୍ୟବସ୍ତୁ କର୍ମଚାରୀ, କ୍ଷୁଦ୍ର ବ୍ୟବସାୟ, ଜୀବନ ଜିବିକା, ରୋଜଗାର ସୁଯୋଗ ବୃଦ୍ଧି, ସର୍ବୋପରି ସାମଗ୍ରୀକ ଅଭିଜ୍ଞତା ବୃଦ୍ଧି ସୃଷ୍ଟି କରିବା ଏହି ସହଭାଗୀତାର ମୂଳ ଲକ୍ଷ୍ୟ।

ଲାବନ୍ୟେନ୍ଦୁ ମିଶ୍ର, ଜୋନାଲ ଉପସଭାପତି, ଦକ୍ଷିଣ ଗ୍ରୁପ ଜୋନ, ଏସଏଲଏମଜି ବେଭେରେଜେସ ମତ ରଖି କହିଛନ୍ତି,"ଉତର ପ୍ରଦେଶ ଠାରେ ଆୟୋଜିତ ଏହି ଭବ୍ୟ ସାଂସ୍କୃତିକ ଉତ୍ସବରେ ଲକ୍ଷାଧିକ ଲୋକଙ୍କ ଭିତରେ ସତେଜତା ଭରିବା ନିମନ୍ତେ ଆମେ ଅତି ଆନନ୍ଦର ସହିତ ଏହାର ପ୍ରମୁଖ ଭୂମିକା ଗ୍ରହଣ କରିଛୁ। ଗ୍ରାହକ ମୃଦୁପାନୀୟ ବିକଳ୍ପ ପାଇଁ ତଥା ମେଳାର ସମଗ୍ର ଅବସ୍ଥିତିରେ ଦର୍ଶକ ମାନଙ୍କୁ ଏହାକୁ ସ୍ପର୍ଶ କରିବା ପାଇଁ ଆମେ ସବୁପ୍ରକାର ଉଦ୍ୟମ କରିଛୁ। ଏହା ହାଇଡ୍ରେସନ କାର୍ଟ ଜରିଆରେ ହେଉ ଅବା ଫୁଡ଼କୋର୍ଟର ଉପଲବ୍ଧତା ହେଉ କିମ୍ବା ପ୍ରଥମ ଥର ପାଇଁ ୧୦୦ରୁ ଅଧିକ ସୁଚିନ୍ତିତ କୁଲର କାନ୍ଥ ପ୍ରତିଷ୍ଠା ସ୍ଥାପନ, ଆଇକନିକ୍ ୩-ଡ଼ି ଓଏଚ୍ ଡ଼ିସପ୍ଲେ, ସେଲଫିଜୋନ ତଥା ଏ ସବୁକୁ ବାଦ ଦେଇ ଆମର ବିବିଧ ପୋର୍ଟଫୋଲିଓକୁ ନେଇ ସ୍ଥାନୀୟ ଅଂଳଚର ମହକତା ଏବଂ ସ୍ୱାଦକୁ ଆମେ ସମସ୍ତଙ୍କର ଜୀବନରେ ସଂଯୋଗ କରିପାରିଛୁ। ଆମେ ଆଶାତିତ ଭାବରେ ଖୁଚୁରା ଉପସ୍ଥିତି ତଥା ସପ୍ଲାଇ ଚେ୍ନର ଦକ୍ଷତାକୁ ସୁନିଶ୍ଚିତ କରିବା ସହିତ ଆମର ପ୍ରିୟ ଗ୍ରାହକମାନେ ଯେଭଳି ସତେଜତା ଏବଂ ହାଇଡ୍ରେଡ୍ ହୋଇ ରହିବେ ସେଥିପାଇଁ ଆମେ ଏହି ଭବ୍ୟ କାର୍ଯ୍ୟକ୍ରମରେ ସ୍ଥାନୀୟ ବ୍ୟବସାୟୀ ତଥା ସେମାନଙ୍କର ଉତ୍ସର୍ଗୀକୃତ ସେବା ପାଇଁ ସବୁ ପ୍ରକାର ସମର୍ଥନ ଜାରି ରଖିଛୁ।"

## ଆରଜି କର ଦୁଷ୍କର୍ମ ହତ୍ୟା ମାମଲା

# କ୍ଷତିପୂରଣ ନେବାକୁ ମନା କଲେ ପୀଡ଼ିତାଙ୍କ ପରିବାର

**କୋଲକାତା,୨୨।୧(ଏଜେନ୍ସି):** ସମଗ୍ର ଦେଶକୁ ଦୋହଲାଇ ଦେଇଥିବା କୋଲକାତା ମହିଳା ଡାକ୍ତରଙ୍କ ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ, କୋର୍ଟ ଆଜି ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରଏକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ପଶ୍ଚିମବଙ୍ଗର ସିଆଲଦା କୋର୍ଟ ଆଜି ଏହି ରାୟ ଶୁଣାଇଛନ୍ତି । ଏହା ସହିତ, କୋର୍ଟ ୫୦,୦୦୦ ଟଙ୍କା ଜରିମାନା ମଧ୍ୟ ଲଗାଇଛନ୍ତି । କୋର୍ଟ ରାୟ ଦେବା ପୂର୍ବରୁ ମୃତକଙ୍କ ବାପା ଦୋଷୀକୁ ସର୍ବାଧିକ ଦଣ୍ଡ ଦେବାକୁ ଦାବି କରିଥିଲେ । ସିଆଲଦା କୋର୍ଟର ବିଚାରପତି ଜାନୁଆରୀ ୧୮ତାରିଖରେ ସ୍ପଷ୍ଟ କରିସାରିଥିଲେ ଯେ ଏହି ମାମଲାରେ ସର୍ବାଧିକ ଦଣ୍ଡ ମୃତ୍ୟୁଦଣ୍ଡ ଓ ସର୍ବନିମ୍ନ ଦଣ୍ଡ ଆଜୀବନ କାରାଦଣ୍ଡ ହେବ। ଏହା ପରେ ମୃତ ଡାକ୍ତରଙ୍କ ପରିବାର ସହିତ ସିବିଆଇ ମଧ୍ୟ ମୃତ୍ୟୁଦଣ୍ଡ ଦାବି କରିଥିଲା । କିନ୍ତୁ, ମୃତ୍ୟୁଦଣ୍ଡ ଦେବା ପରିବର୍ତ୍ତେ, କୋର୍ଟ ଆଜୀବନ କାରାଦଣ୍ଡ ଦେଇଛନ୍ତି । କୋର୍ଟ ଏହି ମାମଲାକୁ ବିରଳ ବୋଲି ବିବେଚନା କରୁନଥିବାରୁ ମୃତ୍ୟୁଦଣ୍ଡ ଦେଇନଥିବା ସାମ୍ନାକୁ ଆସିଛି। ସଞ୍ଜୟକୁ ଆଜୀବନ କାରାଦଣ୍ଡ ଶୁଣାଇବା ପରେ ପୀଡ଼ିତାଙ୍କ ପରିବାରକୁ ୧୭ଲକ୍ଷ ଟଙ୍କା କ୍ଷତିପୂରଣ ଆକାରରେ ଦେବା ପାଇଁ କହିଥିଲେ ବିଚାରପତି ଅର୍ନିବାଣ ଦାସ ହେଲେ ପୀଡ଼ିତାଙ୍କ ପରିବାର ଏହାକୁ ଗ୍ରହଣ କରିବାକୁ ମନା କରିଥିବା ଜଣାପଡ଼ିଛି । ଆମକୁ ଟଙ୍କା ନୁହେଁ ନ୍ୟାୟ ଦରକାର ଥିଲା ବୋଲି ସେମାନେ କହିଛନ୍ତି । ଉତ୍ତରରେ ବିଚାରପତି କହିଥିଲେ ଯେ, ପୂର୍ବରୁ ନିର୍ଦ୍ଦେଶ ଦିଆଯାଇସାରିଛି । ଆପଣମାନେ ଯେପରି ଇଚ୍ଛା ଟଙ୍କା ବ୍ୟବହାର କରିବାକୁ ସ୍ୱାଧୀନ । ଏହାକୁ ଦୁଷ୍କର୍ମ ଏବଂ ହତ୍ୟାର କ୍ଷତିପୂରଣ ଭାବରେ ନଦେଖି ଆଇନଗତ ବ୍ୟବସ୍ଥାର ଏକ ଅଂଶ ଭାବରେ ଦେଖିବାକୁ ଅନୁରୋଧ ।

# ଭାରତର ଏକତରଫା ବିଜୟ

କୋଲକାତା, ୨୨।୧: ବିଜୟରୁ ଅଭିଯାନ ଆରମ୍ଭ କଲା ଟିମ ଇଣ୍ଡିଆ। କୋଲକାତାର ଇଡେନ ଗାର୍ଡେନରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳା ଯାଉଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜର ପ୍ରଥମ ମ୍ୟାଚ୍ ଭାରତ ଜିତି ନେଇଛି ।ଭାରତର ନିମନ୍ତ୍ରଣ କ୍ରମେ ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୧୩୨ ରନ୍ କରିଥିଲା ଜବାବରେ ଟିମ୍ ଇଣ୍ଡିଆ। ୩ ୱିକେଟ୍ ହରାଇ ୧୨.୫ ଓଭର ୧୩୩ ରନ୍ କରି ମ୍ୟାଚ୍ ଜିତି ନେଇଛି ।

ଭାରତ ପକ୍ଷରୁ ଅଭିଷେକ ଶର୍ମା ସର୍ବାଧିକ ୭୯ ରନ୍ କରିଥିବା ବେଳେ ତାଙ୍କ ପଛକୁ ସଞ୍ଜୁ ସାମସନ ୨୬ ରନ୍ କରିଥିଲେ। ହେଲେ କ୍ୟାପ୍ଟେନ୍ ସୂର୍ଯ୍ୟ କୁମାର ଯାଦବ କିନ୍ତୁ ଖାତା ଖୋଲିପାରି ନଥିଲେ। ସେପଟେ ଇଂଲଣ୍ଡ ପକ୍ଷରୁ ଜୋଫ୍ରା ଆର୍ଚର ସର୍ବାଧିକ ୨ଟି ୱିକେଟ୍ ନେଇଥିବା ବେଳେ ଆଦିଲ ରଶିଦ ଗୋଟିଏ ୱିକେଟ୍ ନେଇଥିଲେ ।

ଭାରତୀୟ ବୋଲରଙ୍କ ସମ୍ମୁଖରେ ଇଂଲଣ୍ଡର ଫିକା ପ୍ରଦର୍ଶନ ୧୩୨ ରନ୍‌ରେ ଅଲ୍ ଆଉଟ୍ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ସିରିଜର ପ୍ରଥମ ମ୍ୟାଚ୍ କୋଲକାତାର ଇଡେନ ଗାର୍ଡେନ ଷ୍ଟାଡିୟମରେ ଖେଳାଯାଉଛି। ମ୍ୟାଚ୍‌ରେ ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ।

ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ମାତ୍ର ୧୩୨ ରନ୍ କରି ଅଲ ଆଉଟ ହୋଇଯାଇଛି। ଦଳ ପକ୍ଷରୁ ଜସ ବଟଲର ସର୍ବାଧିକ ୬୮ ରନ୍(୮ ଚୌକା ୨ ଛକ୍କା) କରିଥିବା ବେଳେ ହ୍ୟାରୀ ବ୍ରୋକ ୧୭ ରନ୍ କରିଥିଲେ।




ଅନ୍ୟ କୌଣସି ବ୍ୟାଟର ୧୫ ରନ୍ ପର୍ଯ୍ୟନ୍ତ ବି ଯାଇପାରି ନଥିଲେ। ଦଳର ୭ ବ୍ୟାଟର ଦୁଇ ଅଙ୍କ ବି ଛୁଇଁ ପାରି ନଥିଲେ। ଫିଲ ସଲ୍‌ଟ ୦, ଡକେଟ୍ ୪, ବ୍ରୁକ୍ ୧୭, ଲିଭିଙ୍ଗଷ୍ଟୋନ୍ ୦, ବେଥେଲ୍ ୭, ଓଭରଟନ୍ ୨, ଆଟକିନ୍‌ସନ୍ ୨, ଆର୍ଚର ୧୨, ରସିଦ ଅପରାଜିତ ୮, ମାର୍କ ଉଡ୍ ୧ ରନ୍ କରିଥିଲେ। ସେହିପରି ଭାରତ ପକ୍ଷରୁ ବରୁଣ ଚକ୍ରବର୍ତ୍ତି ସର୍ବାଧିକ ୩ଟି ୱିକେଟ୍ ନେଇଛନ୍ତି।

ଇଂଲଣ୍ଡ ବିପକ୍ଷ ପ୍ରଥମ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଭାରତର ରବି ବିଷ୍ଣୋଇଙ୍କୁ ଛାଡ଼ିଦେଲେ ବାକି ସମସ୍ତ ବୋଲର ଭଲ ପ୍ରଦର୍ଶନ କରିଛନ୍ତି। ଅର୍ଶଦୀପ ସିଂହ, ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲ ୨ ଲେଖାଏ ୱିକେଟ୍ ନେଇଥିବା ବେଳେ ବରୁଣ ଚକ୍ରବର୍ତ୍ତୀ ସର୍ବାଧିକ ୩ଟି ୱିକେଟ ନେଇଛନ୍ତି।ତେବେ ରବି ବିଷ୍ଣୋଇ ୪ ଓଭର ବୋଲିଂ କରି ୨୨ ରନ୍ ଦେଇଥିଲେ ବି ଗୋଟିଏ ବି ସଫଳତା ତାଙ୍କ ଭାଗ୍ୟକୁ ଆସି ପାରି ନଥିଲା।

# ତୃଣମୂଳ ସ୍ତରରେ କ୍ରୀଡ଼ାପ୍ରତିଭାର ବିକାଶ କରାଯିବ : କ୍ରୀଡ଼ାମନ୍ତ୍ରୀ

ଭୁବନେଶ୍ୱର, ୨୨।୧: ରାଜ୍ୟରେ କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ ତଥା ତୃଣମୂଳ ସ୍ତରରେ କ୍ରୀଡ଼ାବିତମାନଙ୍କୁ ଏକ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରିବା ସହ କ୍ରୀଡ଼ା ପ୍ରତିଭା ବିକାଶ କରିବା ନିମନ୍ତେ ଆରମ୍ଭ ହୋଇଯାଇଛି ସିଏମ ଟ୍ରଫି ଫୁଟବଲ ଚାମ୍ପିୟନସିପ୍ ପ୍ରତିଯୋଗିତା ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଫୁଟବଲ ଆସୋସିଏସନ୍ ଅଫ୍ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି ।ସିଏମ ଟ୍ରଫି ଫୁଟବଲ ଚାମ୍ପିୟନସିପ୍ ପ୍ରତିଯୋଗିତା ୧୫ ବର୍ଷରୁ କମ୍ କ୍ରୀଡ଼ାବିତ୍ ବର୍ଗ ପାଇଁ (ଅଣ୍ଡର-୧୫ କ୍ୟାଟାଗୋରିରେ) ଆୟୋଜିତ କରାଯାଉଛି



ପ୍ରଥମ ଚରଣରେ ରାଜ୍ୟର ୧୬ଟି ସ୍ଥାନ ଯଥା : ଅନୁଗୁଳ, ବଲାଙ୍ଗିର, ଭଦ୍ରକ, ଭୁବନେଶ୍ୱର, କଟକ, ଢେଙ୍କାନାଳ, ଯାଜପୁର, ଝାରସୁଗୁଡା, କନ୍ଧମାଳ, କେନ୍ଦ୍ରାପଡ଼ା, କେଉଁଝର, ଖୋର୍ଦ୍ଧା, ପୁରୀ, ସମ୍ବଲପୁର, ସୁନ୍ଦରଗଡ଼ ଓ ରାଉରକେଲାରେ ସିଏମ ଟ୍ରଫି ଫୁଟବଲ ଚାମ୍ପିୟନସିପ୍ ଅନୁଷ୍ଠିତ ହେଉଛି।

ସିଏମ ଟ୍ରଫି ଫୁଟବଲ ଚାମ୍ପିୟନସିପ୍ ର ଆୟୋଜନ ହେବା ସମ୍ବନ୍ଧରେ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ରାଜ୍ୟରେ କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ। ଏହାକୁ ସୁନିଶ୍ଚିତ କରିବା ପାଇଁ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ କରିବା ହେଉଛି ଆମ ସରକାରଙ୍କ ଲକ୍ଷ୍ୟ। ସିଏମ ଟ୍ରଫି ଫୁଟବଲ ଚାମ୍ପିୟନସିପ୍ ର ଆୟୋଜନ ମାଧ୍ୟମରେ ତୃଣମୂଳ ସ୍ତରରେ କ୍ରୀଡ଼ାବିତମାନଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ କରିବା ନିମନ୍ତେ ଏକ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରାଯାଉଛି ।ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ସମସ୍ତ କ୍ରୀଡ଼ାବିତମାନେ ନିଶ୍ଚିତରୂପେ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ, ସିଏମ ଟ୍ରଫି ଫୁଟବଲ୍ ଚାମ୍ପିୟନସିପ୍ ପ୍ରତିଯୋଗିତା ବିଭିନ୍ନ ଚରଣରେ ଅନୁଷ୍ଠିତ ହେବ ପ୍ରାରମ୍ଭିକ ଚରଣରେ ଏହା ଜିଲ୍ଲାମାନଙ୍କରେ ରହିଥିବା ବିଭିନ୍ନ ଫୁଟବଲ କ୍ଲବମାନଙ୍କ ମଧ୍ୟରେ ଅନୁଷ୍ଠିତ ହେଉଛି । ଏହାପରେ ଜିଲ୍ଲା ସ୍ତରରୁ ଚୟନିତ ହୋଇଥିବା ସର୍ବମୋଟ ୩୧ଟି ଦଳକୁ (୩୦ଟି ଜିଲ୍ଲାରୁ ୩୦ ଟି ଦଳ ଏବଂ ଭୁବନେଶ୍ୱରରୁ ଗୋଟିଏ ଦଳ) ୪ ଗୋଟି କ୍ଲଷ୍ଟର (କ୍ଲଷ୍ଟର- ସମ୍ବଲପୁର, ଭୁବନେଶ୍ୱର, ଜୟପୁର ଏବଂ କେଉଁଝର)ରେ ବିଭକ୍ତ କରାଯାଇ ପ୍ରତିଯୋଗିତାର ଆୟୋଜନ କରାଯିବ। ସିଏମ ଟ୍ରଫି ଫୁଟବଲ ଚାମ୍ପିୟନସିପ୍ ର ସେମି-ଫାଇନାଲ ମ୍ୟାଚ ଜୟପୁର ଏବଂ ରାଉରକେଲା ଠାରେ ଏବଂ ଫାଇନାଲ ମ୍ୟାଚ ଭୁବନେଶ୍ୱର ଠାରେ ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି।

ପ୍ରକାଶଯୋଗ୍ୟ ଯେ, ତୃଣମୂଳ ସ୍ତରରୁ କ୍ରୀଡ଼ା ପ୍ରତିଭାମାନଙ୍କୁ ଚୟନ କରାଯାଇ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ ଦ୍ୱାରା ସଶକ୍ତ କରାଇବା ଏବଂ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ ଦିଗରେ କାର୍ଯ୍ୟ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ସିଏମ ଟ୍ରଫି ଚାମ୍ପିୟନସିପ୍ ପ୍ରତିଯୋଗିତାର ଆୟୋଜନ କରାଯାଉଛି। ଆଗାମୀ ଭବିଷ୍ୟତରେ କ୍ରୀଡ଼ାବିତମାନେ ଯେପରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆୟୋଜିତ ହେଉଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଅର୍ଜନ କରିବେ ତାହା ଲକ୍ଷ୍ୟ ରଖାଯାଇଛି।

# ବିସିସିଆଇର ବଡ଼ ନିଷ୍ପତ୍ତି

## ଟିମ୍ ଇଣ୍ଡିଆ ଜର୍ସିରେ ରହିବ ପାକିସ୍ତାନର ନାମ

ନୂଆଦିଲ୍ଲୀ, ୨୨।୧: ଫେବୃଆରୀ ୧୯ରୁ ଆରମ୍ଭ ହେବ ଚାମ୍ପିଅନ୍ସ ଟ୍ରଫି ପାକିସ୍ତାନ ଆୟୋଜକ ଅଧୀନରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟ ହାଇବ୍ରିଡ ମଡେଲରେ ହେବ ଏହାର ଅର୍ଥ ଟିମ୍ ଇଣ୍ଡିଆ। ତାର ସମସ୍ତ ମ୍ୟାଚ ଦୁବାଇରେ ଖେଳିବଏହା ବ୍ୟତୀତ ଅନ୍ୟ ସମସ୍ତ ଦଳ ପାକିସ୍ତାନ ଗସ୍ତ କରିବେ ଏସବୁ ମଧ୍ୟରେ କିଛି ରିପୋର୍ଟରେ ଭାରତୀୟ ଦଳ ଚାମ୍ପିଅନ୍ସ ଟ୍ରଫି ପାଇଁ ନିଜ ଜର୍ସିରେ ପାକିସ୍ତାନର ନାମ ଲେଖିବାକୁ ମନା କରିଥିବା ଦାବି କରାଯାଉଥିଲା ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏବେ ଏହି ପ୍ରସଙ୍ଗରେ ବିସିସିଆଇ ପକ୍ଷରୁ ଏକ ବଡ଼ ବୟାନ ଆସିଛି।




ନିୟମ ଅନୁଯାୟୀ, ଆଇସିସି ବ୍ୟାନର୍‌ରେ ଆୟୋଜିତ ସମସ୍ତ ଟୁର୍ନାମେଣ୍ଟରେ ଅଂଶଗ୍ରହଣକରୁଥିବା ଦଳଗୁଡ଼ିକୁ ଜର୍ସିର ଡାହାଣ ପାଶ୍ୱରେ ଆୟୋଜକ ଦେଶର ନାମ ଏବଂ ଟୁର୍ନାମେଣ୍ଟର ବର୍ଷ ସହିତ ଟୁର୍ନାମେଣ୍ଟର ନାମ ଲେଖିବାକୁ ପଡ଼ିଥାଏ। ବିସିସିଆଇର ନୂତନ ସଚିବ ଦେବଜିତ ସାଇକିଆ ମଧ୍ୟ ଏବେ ନିଶ୍ଚିତ କରିଛନ୍ତି ଯେ ଚାମ୍ପିଅନ୍ସ ଟ୍ରଫି ସମୟରେ ବିସିସିଆଇ ଜର୍ସି ସମ୍ବନ୍ଧୀୟ ଆଇସିସିର ପ୍ରତ୍ୟେକ ନିୟମ ପାଳନ କରିବ। ଏହାର ଅର୍ଥ ହେଉଛି ଟିମ ଇଣ୍ଡିଆର ଜର୍ସିରେ ଏହି ଟୁର୍ନାମେଣ୍ଟର ଆୟୋଜକ ପାକିସ୍ତାନର ନାମ ରହିବ।

ନିକଟରେ, ପାକିସ୍ତାନ ଗଣମାଧ୍ୟମ ଏହି ପ୍ରସଙ୍ଗ ଉଠାଇଥିଲା ଏବଂ ବିସିସିଆଇ ଉପରେ ଟିମ ଇଣ୍ଡିଆ। ଜର୍ସିରେ ପାକିସ୍ତାନର ନାମ ରଖିବାକୁ ମନା କରିଥିବା ଅଭିଯୋଗ କରିଥିଲା ପିସିବି ମଧ୍ୟ ଏହି ପ୍ରସଙ୍ଗକୁ ଆଇସିସି ନିକଟରେ ଉଠାଇବାକୁ ଚାହୁଁଥିଲା। କିନ୍ତୁ ବିସିସିଆଇ ଏବେ ଏହି ସମସ୍ତ ଖବରକୁ ପ୍ରତ୍ୟାଖ୍ୟାନ କରିଛି ଏବଂ ଜର୍ସି ସମ୍ବନ୍ଧୀୟ ଆଇସିସିର ପ୍ରତ୍ୟେକ ନିୟମ ପାଳନ କରିବାକୁ ଘୋଷଣା କରିଛି।

ଟିମ୍ ଇଣ୍ଡିଆ ଏହି ଟୁର୍ନାମେଣ୍ଟରେ ୨୦ ଫେବୃଆରୀରୁ ତାର ଅଭିଯାନ ଆରମ୍ଭ କରିବ ଏହି ମ୍ୟାଚ୍‌ରେ ଦଳ ବାଂଲାଦେଶକୁ ଭେଟିବ ଏହାପରେ ଟିମ୍ ଇଣ୍ଡିଆ ପାକିସ୍ତାନ ବିପକ୍ଷରେ ଦ୍ୱିତୀୟ ମ୍ୟାଚ୍ ଖେଳିବ ଏହି ମ୍ୟାଚ ୨୩ ଫେବୃଆରୀରେ ଖେଳାଯିବ। ଏହା ପରେ, ଗ୍ରୁପ୍‌ର ଶେଷ ମ୍ୟାଚ୍‌ରେ ମାର୍ଚ୍ଚ ୨ ତାରିଖରେ ନ୍ୟୁଜିଲାଣ୍ଡ ସହିତ ମୁକାବିଲା କରିବ ଏହା ପରେ ସେମିଫାଇନାଲ ଏବଂ ତାପରେ ଫାଇନାଲ ଖେଳାଯିବ ଯଦି ଟିମ ଇଣ୍ଡିଆ। ସେମିଫାଇନାଲ ଏବଂ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରେ, ତେବେ ଏହି ମ୍ୟାଚ୍ ଗୁଡ଼ିକ ମଧ୍ୟ ଦୁବାଇରେ ଖେଳାଯିବ।

## ପ୍ରଥମ ମ୍ୟାଚରୁ ବାଦ୍ ପଡ଼ିଲେ ଶାମି ?

କୋଲକାତା, ୨୨।୧: ତେବେ ଭାରତ ଏକାଦଶରେ ଅଭିଷେକ ଶର୍ମା, ସଞ୍ଜୁ ସାମସନ, ତିଲକ ବର୍ମା, ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ରିଙ୍କୁ ସିଂହ, ନୀତିଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ରବି ବିଷ୍ଣୋଇ, ଅର୍ଶଦୀପ ସିଂହ, ବରୁଣ ଚକ୍ରବର୍ତ୍ତୀଙ୍କୁ ସୁଯୋଗ ମିଳିଛି। ପୂର୍ବରୁ ମହମ୍ମଦ ଶାମିଙ୍କୁ ସାମିଲ କରାଯାଇପାରେ ବୋଲି ଆଲୋଚନା ହେଉଥିବା ବେଳେ ତାହା ହୋଇନାହିଁ, ଯାହାକି କ୍ରିକେଟ ପ୍ରଶଂସକଙ୍କୁ ଚକିତ କରିଛି। ସେ ଅଭ୍ୟାସ କରୁଥିବା ଦେଖାଯାଇଥିଲା। ହେଲେ ସେ ଫଲୋ ଥ୍ରୁ ସମୟରେ ଅସହଜ ଅନୁଭବ କରୁଛନ୍ତି। ଏଣୁ ସେ ବୋଲିଂ ଲାଗି ସମ୍ପୂର୍ଣ୍ଣ ଭାବେ ଫିଟ୍ ହୋଇ ନ ଥିବା କୁହାଯାଉଛି।

# ସିଏମ ଟ୍ରଫି ଜିଲ୍ଲାସ୍ତରୀୟ ଫୁଟବଲ



ଯାଜପୁର, ୨୨।୧: ଜିଲ୍ଲା କ୍ରୀଡା ସଂସଦ ଆନୁକୁଲ୍ୟରେ ଫାଓ ରାଜ୍ୟ ଏବଂ କ୍ରୀଡା ଓ ଯୁବ ସେବା ବିଭାଗର ପୃଷ୍ଟପୋଷକତାରେ ସି.ଏମ ଟ୍ରଫିର ୭ମ ଦିବସରେ ଦୁଇ ଗୋଟି ଖେଳ ଅନୁଷ୍ଠିତ ହୋଇଥିଲା ପ୍ରଥମ ଖେଳରେ କଳିଙ୍ଗନଗର ସ୍ପୋର୍ଟସ ଏକାଡେମୀ ୧୨-୦୦ ଗୋଲରେ ତ୍ରିଜଙ୍ଗା ଫୁଟବଲ୍ କ୍ଲବ୍ କୁ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚରେ ମଧୁବନ ଫୁଟବଲ କ୍ଲବ୍ ୨-୦ ଗୋଲରେ ମହାଲକ୍ଷ୍ମୀ କ୍ଲବ୍ କୁ ପରାସ୍ତ କରିଥିଲା। ଆଜିର ଖେଳରେ ଅତିଥି ଭାବରେ ପୂର୍ବତନ ଖେଳାଳୀ ସୁବାସ ସାହୁ ଓ ମନିନ୍ଦ୍ର ଧଳ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ରେଫରି ଦାୟିତ୍ୱ ଦୁଃଖବନ୍ଧୁ ମାଝୀ, କଳ୍ପତରୁ ଦେହୁରି, ମୁନ ମୁନ ସାମାତ ଓ ଶିବ ଡ଼ା ପରିଚାଳନା କରିଥିଲେ।

# ଯୌତୁକରେ ୧ ଟଙ୍କା ନେଲେ ନୀରଜ ଚୋପ୍ରା

ମୁମ୍ବାଇ, ୨୨।୧: ଗୋଲଡେନ ବୟ ନୀରଜ୍ ଚୋପ୍ରା ଷ୍ଟାର୍ ଜାଭଲିନ୍ ଥ୍ରୋଅର୍ ରୂପେ ପରିଚୟ ସାଉଁଟିଥିବା ହରିୟାଣାର ନୀରଜ ଚୋପ୍ରାଙ୍କୁ କିଏ ନଜାଣେ ଅଲମ୍ପିକ୍ସରେ ତାଙ୍କ ଦମ୍‌ଦାର ପ୍ରଦର୍ଶନକୁ ସଭିଏଁ ମନେ ରଖିଛନ୍ତି । ନିଜ ଖେଳକୁ ନେଇ ଚର୍ଚ୍ଚାରେ ରହୁଥିବା ନୀରଜ୍ ଏବେ ବିବାହ କରିଛନ୍ତି। ଏହି ଗୁଡନ୍ୟୁଜ ଦେଇ ଫ୍ୟାନ୍ସଙ୍କୁ ସରପ୍ରାଇଜ ଦେଇଛନ୍ତି । ଜାନୁଆରୀ ୧୭ ତାରିଖରେ ହିମାନୀ ମୋରଙ୍କ ସହ ସାତଫେରା ନେଇଛନ୍ତି ନୀରଜ୍ । ଏବେ ବିବାହର ଫଟୋ ସୋସିଆଲ୍ ମିଡିଆରେ ପୋଷ୍ଟ କରି ଫ୍ୟାନ୍ସ ଏବଂ ମିଡିଆକୁ ଏନେଇ ସୂଚନା ଦେଇଛନ୍ତି।



ନୀରଜଙ୍କ ଦାଦା ସୁରେନ୍ଦ୍ର ଚୋପ୍ରା କହିଛନ୍ତି ଯେ ଏହି ବିବାହ ବିନା ଯୌତୁକ ହୋଇଥିଲା । ନୀରଜ ବିବାହ ରୀତିନୀତି ଅନୁଯାୟୀ କେବଳ ଗୋଟିଏ ଟଙ୍କା ଶଗୁନ ଭାବରେ ନେଇଥିଲେ। ସେ ଏହା ମଧ୍ୟ କହିଥିଲେ ଯେ ଏହି ବିବାହକୁ କାହିଁକି ଗୁପ୍ତ ରଖାଯାଇଥିଲା ସେ କହିଥିଲେ, ଆମେ ଚାହୁଁଥିଲୁ ଯେ କେବଳ ବ୍ୟକ୍ତିଗତ ଲୋକମାନେ ସାମିଲ ହୁଅନ୍ତୁ ବିବାହ ଅତି ସରଳ ଓ କୌଣସି ସୋର ଶବ୍ଦ ବିନା ହେଉ।

ଜଣେ ଷ୍ଟାର ଖେଳାଳି ହେବା ସତ୍ତ୍ୱେ, ନୀରଜ ଗ୍ଲାମରଠାରୁ ଦୂରରେ ରହିଥିଲେ ସେ ଯେଉଁ ସରଳତା ସହିତ ବିବାହ କରିଥିଲେ ଯାହା ତାଙ୍କ ପ୍ରଶଂସକମାନଙ୍କୁ ମଧ୍ୟ ପ୍ରଭାବିତ କରିଛି। ଦୁହେଁ ଖୁବ୍ ଶୀଘ୍ର ଏକ ଗ୍ରାଣ୍ଡ ରିସେପ୍ସନ ପାର୍ଟିର ଆୟୋଜନ କରିବେ କହିବାକୁ ଗଲେ ନୀରଜ ଏବଂ ହିମାନୀଙ୍କ ପରିବାର ସ୍ପଷ୍ଟ କରିଛନ୍ତି। ଉଭୟ ପରିବାର ପରସ୍ପରକୁ ୭-୮ ବର୍ଷ ଧରି ଜାଣନ୍ତି। ନୀରଜ ଏବଂ ହିମାନୀଙ୍କ ସମ୍ମତି ପରେ, ବିବାହ ସ୍ଥିର ହୋଇଥିଲା ବିବାହ ପରେ, ନୀରଜ ଏବଂ ହିମାନୀ ଆମେରିକା ଯାଇଥିଲେ ହିମାନୀଙ୍କ ମାଆ। କହିଛନ୍ତି, ହିମାନୀ ଆମେରିକାରେ କାମ କରିବା ସହିତ ପାଠପଢ଼ା ମଧ୍ୟ କରୁଛନ୍ତି।

## ଜିଲ୍ଲାସ୍ତରୀୟ ଜୁନିୟର୍ ଆନ୍ତଃକ୍ଲବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଶ୍ରୀ କ୍ଷେତ୍ରପାଳ ସ୍ପୋର୍ଟିଂ ୟୁନିୟନ୍ ବିଜୟୀ




କେନ୍ଦ୍ରାପଡ଼ା, ୨୨।୧: କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ୍ ଆସୋସିଏସନ ଏବଂ ଓସିଏର ମିଳିତ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ଚାଲିଥିବା ଜିଲାସ୍ତରୀୟ ଜୁନିୟର୍ ଆନ୍ତଃକ୍ଲବ ସୁପର ଲିଗ୍ ମ୍ୟାଚ୍‌ରେ ବୁଧବାର ଶ୍ରୀ କ୍ଷେତ୍ରପାଳ ସ୍ପୋର୍ଟିଂ ୟୁନିୟନ ବିଜୟୀ ହୋଇଛି। ବୁଧବାର ଶ୍ରୀ କ୍ଷେତ୍ରପାଳ ସ୍ପୋର୍ଟିଂ ୟୁନିୟନ ଓ ବାଲାବାବା କ୍ରିକେଟ୍ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ଶ୍ରୀ କ୍ଷେତ୍ରପାଳ ସ୍ପୋର୍ଟିଂ ୟୁନିୟନ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ଶ୍ରୀ କ୍ଷେତ୍ରପାଳ ସ୍ପୋର୍ଟିଂ ୟୁନିୟନ ବ୍ୟାଟିଂ କରି ୩୫ ଓଭରରେ ୯ ୱିକେଟ୍ ବିନିମୟରେ ୨୪୭ ରନ୍ କରିଥିଲା। ଜବାବରେ ବାଲାବାବା କ୍ରିକେଟ୍ କ୍ଲବ ୧୬.୪ ଓଭରରେ ୧୦ ୱିକେଟ୍ ବିନିମୟରେ ୬୨ ରନ୍ କରିଥିଲା। ଫଳରେ ଶ୍ରୀ କ୍ଷେତ୍ରପାଳ ସ୍ପୋର୍ଟିଂ ୟୁନିୟନ ୧୮୫ ରନ୍‌ରେ ବିଜୟ ହାସଲ କରିଥିଲା।

ଏହି ମ୍ୟାଚ୍‌ରେ ଶ୍ରୀ କ୍ଷେତ୍ରପାଳ ସ୍ପୋର୍ଟିଂ ୟୁନିୟନର ପ୍ରଭୁପ୍ରିତମ ନାୟକ ୧୨ଟି ଚୌକା ମାରି ୯୩ ବଲ୍‌ରେ ୯୪ ରନ୍ କରିଥିବା ବେଳେ ୨ ଓଭର ବୋଲିଂ କରି ଗୋଟିଏ ମେଡେନ୍ ଓଭର ସହିତ ୩ରନ୍ ଦେଇ ୨ଟି ୱିକେଟ୍ ନେଇ ମ୍ୟାନ ଅଫ୍ ଦ ମ୍ୟାଚ୍ ଟ୍ରଫି ଗ୍ରହଣ କରିଥିଲେ। ପ୍ରଫୁଲ୍ଲକୁମାର ମଲ୍ଲିକ ଅତିଥି ଭାବେ ଯୋଗଦେଇ ଏହି ଟ୍ରଫି ପ୍ରିତମଙ୍କୁ ପ୍ରଦାନ କରିଥିଲେ । ମ୍ୟାଚ୍‌ରେ ବିଶ୍ୱଜିତ ଅଧିକାରୀ ଓ ଲଲିତେନ୍ଦୁ ପଣ୍ଡା ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ଚିରଞ୍ଜୀବୀ ବଳ ଓ ଏସ୍‌କେ ମିନାଜୁଦ୍ଦିନ୍ ସ୍କୋରର କାର୍ଯ୍ୟ କରିଥିଲେ। ବରଦାକାନ୍ତ ବରାଳ ଖେଳର ବିବରଣୀ ପ୍ରକାଶ କରିଥିଲେ । କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ଶୁଭାଶିଷ ସେନାପତିଙ୍କ ତତ୍ତ୍ୱାବଧାନରେ ଆକବର ଅଲ୍ଲୀ ଖାନ, କେସିବୋକାଡିଆ, ସମିର ମହାପାତ୍ର ମ୍ୟାଚ ପରିଚାଳନା କରିଥିଲେ।

## ବୈଷ୍ଣବୀଙ୍କ ବିରଳ ରେକର୍ଡ

କୁଆଲାଲୁମ୍ପୁର, ୨୨।୧ ପ୍ରଥମ ପଦାର୍ପଣରେ ବୈଷ୍ଣବୀ ଶର୍ମାଙ୍କ ହ୍ୟାଟ୍ରିକ୍ ୱିକେଟ୍ ସହ ଯୁବା ବିଶ୍ୱକପ୍‌ରେ ନୂଆ। କୀର୍ତ୍ତିମାନ ପ୍ରତିଷ୍ଠା କରିଛନ୍ତି। ବୈଷ୍ଣବୀ ଆଇସିସି ୧୯ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଇତିହାସରେ ଶ୍ରେଷ୍ଠ ବୋଲିଂ ଚିତ୍ର ୪-୧-୫-୫ ସହ ଭାରତକୁ ବଡ଼ ବିଜୟ ମଧ୍ୟ ଦେଇଛନ୍ତି ।ଭାରତ ମଙ୍ଗଳବାର ନିଜ ଦ୍ୱିତୀୟ ମ୍ୟାଚ୍‌ରେ ଏକତରଫା ଭାବେ ୧୦ ୱିକେଟ୍‌ରେ ଆୟୋଜକ ମାଲେସିଆକୁ ପରାସ୍ତ କରିଛି।

## କୋହଲିଙ୍କ ଉପରେ ରାଗିଗଲେ ପ୍ରଶଂସକ

ନୂଆଦିଲ୍ଲୀ, ୨୨।୧: କ୍ରିକେଟଜଗତରେ ବିରାଟ କୋହଲି ଏକ ବଡ଼ ନାମ ହେଲେ ସେ ଏବେ ଏଭଳି କିଛି କାମ କରିଛନ୍ତି ଯାହାକୁ ନେଇ ସେ ବିବାଦରେ ଫସିଛନ୍ତି ତାଙ୍କର ଏକ ଭିଡିଓ ଭାଇରାଲ ହେଉଛି, ଯେଉଁଥିରେ ସେ ଜଣେ ଯବାନଙ୍କ ସହ ସେଲ୍‌ଫି ନେବାକୁ ମନା କରିଦେଉଛନ୍ତି। ଏହାକୁ ନେଇ ଅନେକେ ପ୍ରତିକ୍ରିୟା ରଖୁଛନ୍ତି ଯିଏ ଦିନ ରାତି ଆମର, ଦେଶର ସୁରକ୍ଷା ଲାଗି ନିଜ ଜୀବନକୁ ବାଜି ଲଗାଇଛନ୍ତି, ତାଙ୍କ ସହ ସାମାନ୍ୟ ସେଲ୍‌ଫି ଉଠାଇଥାନ୍ତେ, କଣ ଅସୁବିଧା ହୋଇଥାନ୍ତା ଏପରିକି ତାଙ୍କୁ କିଛି ରୋହିତ ଶର୍ମାଙ୍କଠାରୁ ଶିଖିବାର ଆବଶ୍ୟକତା ଥିବା ଅନେକେ କହୁଛନ୍ତି।

କୋହଲିଙ୍କ ଭାଇରାଲ ଭିଡିଓଟି ମୁମ୍ବାଇର ଏଠାରେ ସେ ଗାଡ଼ିରୁ ଓହ୍ଲାଇ କିଛି ବାଟ ଚାଲୁଥିବା ଦେଖାଯାଉଛି। ସେ ଏକ ସ୍ଥାନରେ ଅଟକି ଥିବା ବେଳେ ସେଠାରେ ଛିଡ଼ା ହୋଇଥିବା ଜଣେ ଯବାନ ନିଜର ଫୋନ୍ ବାହାର କରି ସେଲ୍‌ଫି ନେବାକୁ ଅନୁରୋଧ କରୁଛନ୍ତି ହେଲେ ବିରାଟ ହାତରେ ଠାରି ତାଙ୍କୁ ମନା କରିଦେଉଛନ୍ତି।

ଭିଡିଓଟି ଯେଉଁ ଦିନ ଭାଇରାଲ ହୋଇଥିଲା, ସେହି ଦିନ ସୋସିଆଲ ମିଡିଆରେ ରୋହିତ ଶର୍ମାଙ୍କ ଏକ ଫଟୋ ସାମ୍ନାକୁ ଆସିଥିଲା ଫଟୋରେ ରୋହିତ ଜଣେ ସେନା ଅଫିସରଙ୍କ ସହ ନଜର ଆସିଥିଲେ। ଏଥିରୁ ସ୍ପଷ୍ଟ ହେଉଛି ଯେ ସେନା ଅଫିସରଙ୍କ ଅନୁରୋଧକ୍ରମେ ସେ ଫଟୋ ଉଠାଇଥିବେ। ହେଲେ କୋହଲି ସେଭଳି ବ୍ୟବହାର କରିବାରେ ବିଫଳ ହୋଇଛନ୍ତି ଏହା କୋହଲିଙ୍କୁ ଶିଖିବା ଉଚିତ ବୋଲି ପ୍ରଶଂସକ କହୁଛନ୍ତି।

# ବଡଗମଡା ବିଜୟୀ



ବଙ୍ଗୋମୁଣ୍ଡା, ୨୨।୦୧ - ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ସଦର ସ୍ଥିତ ଖେଳପଡିଆ। ଠାରେ ସ୍ୱାମୀ ବିବେକାନନ୍ଦ ପାଠାଗାର, ଏଥଲେଟିକ୍ସ ଏସୋସିଏସନ ବଙ୍ଗୋମୁଣ୍ଡା ପକ୍ଷରୁ ପ୍ରଥମ ବର୍ଷ ଗୋପରାମ ହଂସ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ଚତୁର୍ଥ ଦିବସ ରେ ପହଞ୍ଚିଛି ଚତୁର୍ଥ ଦିବସରେ ମୁଖ୍ୟ ଅତିଥି ରୂପେ ବଙ୍ଗୋମୁଣ୍ଡା ବ୍ଲକ ଉପାଧକ୍ଷ କେଶବ ନାରାୟଣ ଜୈନ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ।

ଚତୁର୍ଥ ଦିବସ ମ୍ୟାଚ ବଡ଼ଗମଡା ଓ କଣ୍ଟାବାଞ୍ଜି ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ସଂଘର୍ଷ ପୂର୍ଣ୍ଣ ଭାବେ ଖେଳ ହୋଇଥିବା ବେଳେ କଣ୍ଟାବାଞ୍ଜି କୁ ପରାସ୍ତ କରି ବଡ଼ଗମଡା ଦଳ ସେମିଫାଇନାଲରେ ପହଂଚିଛି ଆୟୋଜକ କମିଟିର ଡବ୍ଲୁ ହଂସ, ଯତୀନ ସିନ୍ଦୁର, ମଣ୍ଟୁ ସରାଫ,ମଣ୍ଟୁ ଟାଣି,ଦିବସ ମାଝୀ, ଶଶାଙ୍କ ଶେଖର ଦାସ ଯାଦବ,ସୁଧୀର ବାଗ,ଦିବ୍ୟସିଂ ନାଏକଙ୍କ ସହ ଆୟୋଜକ କମିଟି ସହଯୋଗ କରିଥିଲେ। ଅଶୋର୍ବାଦ ସା ରେଫରୀ ଓ ଅଶ୍ୱିନୀ ଭୁକ୍ତା, ପ୍ରତାପ ଭୁକ୍ତା, ଲାଇନ ମ୍ୟାନ ଭାବରେ ଖେଳ ପରିଚାଳନା କରିଥିଲେରଶ୍ମିକାନ୍ତ ସିନ୍ଦୁର ଚତୁର୍ଥ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ଆସନ୍ତା ଜାନୁଆରୀ ୨୬ ତାରିଖ ଦିନ ଫାଇନାଲ୍ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି।

## ଅଷ୍ଟ୍ରେଲିଆ ଓପନ୍ ସେମିଫାଇନାଲରେ ଜୋକୋଭିକ୍

ନୂଆଦିଲ୍ଲୀ, ୨୨।୧: ବର୍ଷର ପ୍ରଥମ ଗ୍ରାଣ୍ଡ ସ୍ଲାମ୍ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆ। ଓପନ୍ ୨୦୨୫ର ସେମିଫାଇନାରେ ପହଞ୍ଚିଛନ୍ତି ନୋଭାକ ଜୋକୋଭିକ୍ ଟେନିସର ଅନ୍ୟତମ ଯୁବ ଷ୍ଟାର୍ ଖେଳାଳି କାର୍ଲୋସ ଅଲ୍‌କାରେଜଙ୍କୁ ୪-୬, ୬-୪, ୬-୩, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଜୋକୋଭିକ୍ ପ୍ରଥମ ସେଟ୍‌କୁ ୪-୬ ହାରିବା ପରେ ଜୋରଦାର କମ୍‌ବ୍ୟାକ୍ କରିଥିଲେ। ପ୍ରଥମ ସେଟ୍‌ରେ ପରାଜିତ ହେବା ପରେ ୩୭ ବର୍ଷୀୟ ଜୋକୋଭିକ୍ ଲଗାତାର ତିନି ସେଟ୍ ଜିତି ମୁକାବିଲାକୁ ନିଜ ନାଁରେ କରିଥିଲେ। ସେମିଫାଇନାରେ ଜର୍ମାନୀର ବିଶ୍ବର ନମ୍ବର ୨ ଖେଳାଳି ଆଲେକ୍ସଜାଣ୍ଡର ଜଭେରେଭଙ୍କ ସହ ଜୋକୋଭିକଙ୍କ ମୁକାବିଲା ହେବ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ